- Vol.- 46, Issue No. 99
- Thursday, 09 July 2026
- ଗୁରୁବାର,୦୯ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧର କଳାବାଦଲ

# ଖାର୍ଗ ଦ୍ୱୀପ କବ୍‌ଜା କରିପାରୁ: ଟ୍ରମ୍ପ

- ଇରାନର ୮୦ ସ୍ଥାନ ଉପରେ ଆମେରିକାର ଆକ୍ରମଣ
- ହର୍ମୁଜ ପୁଣି ବିପଦ ଘେରରେ
- ୮୫ ସ୍ଥାନ ଉପରେ ଇରାନର ପାଲଟା ହମଲା
- ବିଭିନ୍ନ ଦେଶ ପ୍ରତି ଭିନ୍ନ ଭିନ୍ନ ସାମରିକ ବିପଦ

ନୂଆଦିଲ୍ଲୀ/ଦୁବାଇ,୮।୭: ଇରାନ-ଆମେରିକା ମଧ୍ୟରେ ବୁଧବାର ପୁଣି ସଂଘର୍ଷର ସୂତ୍ରପାତ ହୋଇଛି। ଫଳରେ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ସହ ଯୁଦ୍ଧର କଳାବାଦଲ ପୁଣି ଘନେଇଛି। ଉଭୟ ରାଷ୍ଟ୍ର ମଧ୍ୟରେ ମାସେ ଧରି ଚାଲିଥିବା ଶାନ୍ତି ବୁଝାମଣା ସମ୍ପୂର୍ଣ୍ଣ ଶେଷ ହୋଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ଆତଙ୍କ ସୃଷ୍ଟି କରିଛି। ପରସ୍ପର ଉପରେ ଅତି ଭୟାବହ ସାମରିକ ଆକ୍ରମଣ ହେଉଥିବାରୁ ଉପସାଗରୀୟ ସହଯୋଗ ପରିଷଦ (ଜିସିସି)ର ସଦସ୍ୟ ଦେଶଗୁଡ଼ିକରେ ଏହି ଘଟଣା ସଂଘାତିକ ସ୍ଥିତି ସୃଷ୍ଟି କରିଛି ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ପ୍ରତିରକ୍ଷା ବ୍ୟବସ୍ଥାକୁ ସକ୍ରିୟ କରାଯାଇଛି।ଆମେରିକାର ସୁରକ୍ଷା ବାହିନୀ ଇରାନର ୮୦ ସ୍ଥାନ ଉପରେ ଦ୍ରୁତ ଆକ୍ରମଣ ଆରମ୍ଭ କରିଛି। ଏହି ଆକ୍ରମଣ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ତିନୋଟି ଜାହାଜ



ଉପରେ ଇରାନ ଆକ୍ରମଣ ପରେ ହୋଇଥିଲା। ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକାମ) ଏକ୍ସ ହ୍ୟାଣ୍ଡେଲରେ ଏହା ନିଶ୍ଚିତ କରିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ରାତିରେ ବଡ଼ ଆକ୍ରମଣ ହୋଇପାରେ ଓ ଆମେ ଖାର୍ଗ ଦ୍ୱୀପ କବ୍‌ଜା କରିପାରୁ। ଇରାନର ପ୍ରମୁଖ ସାମରିକ ବାହିନୀ 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ପକ୍ଷରୁ ଉପସାଗରୀୟ ଅଞ୍ଚଳରେ ଥିବା ପଶ୍ଚିମ ଦେଶଗୁଡ଼ିକର ସାମରିକ ପ୍ରତିରକ୍ଷା ଭିତ୍ତିଭୂମି ଉପରେ ଏକ ସମନ୍ୱିତ ଏବଂ ବଡ଼ ଧରଣର ଡ୍ରୋନ ଓ ବାଲିଷ୍ଟିକ ମିସାଇଲ ଆକ୍ରମଣ କରାଯିବା ପରେ ଏହି ସଙ୍କଟ ସୃଷ୍ଟି ହୋଇଛି। ଏହି ଆକ୍ରମଣରେ ବାହାରିନରେ ଥିବା ଆମେରିକାର ପ୍ରମୁଖ ସାମୁଦ୍ରିକ ପାଟ୍ରୋଲିଂ ଏବଂ ଯୁଦ୍ଧ ବିମାନ କେନ୍ଦ୍ର 'ଶେଖ୍ ଇସା ଏୟାର ବେସ୍' ଗୁରୁତର ପ୍ରଭାବିତ ହୋଇଛି। ଏହା ସହିତ କୁଏତରେ ଥିବା ଆମେରିକାର ସବୁଠାରୁ ବଡ଼ ଲଜିଷ୍ଟିକ କେନ୍ଦ୍ର 'ଅଲି ଅଲ୍ ସାଲେମ ଏୟାର ବେସ' ଉପରେ ଇରାନ ପକ୍ଷରୁ ପ୍ରାୟ ୮୫ଟି ସ୍ଥାନକୁ ନିଶାଣ କରି ପ୍ରଚଣ୍ଡ ଆକ୍ରମଣ କରାଯାଇଛି। ଆମେରିକା ସେନା ତୁରନ୍ତ ଇରାନର ଶୀର୍ଷ ନେତୃତ୍ୱ, ଗୁଇନ୍ଦା ନେଟୱର୍କ ଏବଂ ଏୟାର ଡିଫେନ୍ସ ବ୍ୟାଟେରିଗୁଡ଼ିକୁ ଟାର୍ଗେଟ କରି ପାଲଟା ବୋମାବର୍ଷଣ କରିଛି। ପ୍ରତିରକ୍ଷା ବିଶେଷଜ୍ଞଙ୍କ ଅନୁଯାୟୀ, ସମ୍ପୂର୍ଣ୍ଣ ଉପସାଗରୀୟ ଅଞ୍ଚଳ ବର୍ତ୍ତମାନ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି ଏବଂ ବିଭିନ୍ନ ଦେଶ ପ୍ରତି ଭିନ୍ନ ଭିନ୍ନ ସାମରିକ ବିପଦ ସୃଷ୍ଟି ହୋଇଛି। କୁଏତରେ ଆମେରିକାର ସର୍ବାଧିକ ସ୍ଥଳସେନା ଏବଂ ଯୋଗାଣ କେନ୍ଦ୍ର ଥିବାରୁ ଆମେରିକୀୟ ସୈନ୍ୟ ଚଳପ୍ରଚଳକୁ ରୋକିବା ପାଇଁ ଇରାନ ଏଠାରେ କ୍ରମାଗତ ମିସାଇଲ ମାଡ଼ କରିବାର ଆଶଙ୍କା ରହିଛି। ହରମୁଜ ପ୍ରଣାଳୀ ନିକଟରେ ବାଣିଜ୍ୟିକ ତୈଳ ଜାହାଜଗୁଡ଼ିକ ଉପରେ ହୋଇଥିବା ଆକ୍ରମଣ ଯୋଗୁଁ ଓମାନର ସାମୁଦ୍ରିକ ସୀମାରେ ସାମରିକ ଉତ୍ତେଜନା ଦେଖାଦେଇଛି। ସାଧାରଣ ଯାତ୍ରୀମାନଙ୍କୁ ମୁଖ୍ୟ ରାସ୍ତାରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶ୍ୱ ବଜାର ଓ ଜଳପଥ ଉପରେ ସଙ୍କଟଏହି ସଂଘର୍ଷ ଯୋଗୁଁ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଦୈନିକ ତୈଳ ଯୋଗାଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ବିପଦ ମଧ୍ୟକୁ ଚାଲିଆସିଛି।

## 'ପିନାକ'ର ସଫଳ ପରୀକ୍ଷଣ



ଚାନ୍ଦିପୁର,୮।୭: ଭାରତ ଏହାର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୁଧବାର ହାସଲ କରିଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଓଡ଼ିଶାର ଚାନ୍ଦିପୁରରେ ସମନ୍ୱିତ ପରୀକ୍ଷଣ ରେଞ୍ଜ (ଆଇଟିଆର୍)ରେ ପିନାକ ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟ୍‌ର ଉଡ୍ଡାଣ ପରୀକ୍ଷଣ ସଫଳତାର ସହିତ ସଂପନ୍ନ କରିଛି। ଉନ୍ନତ ରକେଟ୍ ସିଷ୍ଟମକୁ ପ୍ରୟୋଗ ବ୍ୟବସ୍ଥା ସଂପନ୍ନ ଏହି ରକେଟ ସର୍ବନିମ୍ନ ୬୦ କିଲୋମିଟର ପାଇଁ ଯାତ୍ରା କରିବାକୁ ସାମର୍ଥ୍ୟ ରଖେ। ପିନାକକୁ ଅସ୍ତ୍ରଶସ୍ତ୍ର ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ ଦ୍ୱାରା ଉଚ୍ଚ ଶକ୍ତି ସାମଗ୍ରୀ ଗବେଷଣା ପ୍ରୟୋଗଶାଳା ସହିତ ସହଯୋଗରେ ଡିଜାଇନ୍ କରାଯାଇଛି।

## ଖୁବଶୀଘ୍ର ଲାଗୁ ହେବ ପେସା

### ଆସନ୍ତା କ୍ୟାବିନେଟରେ ଆସିବ ପ୍ରସ୍ତାବ

ଭୁବନେଶ୍ୱର, ୮।୭: ଓଡ଼ିଶାରେ ଖୁବଶୀଘ୍ର କାର୍ଯ୍ୟକାରୀ ହେବ ପେସା ଆଇନ। ଏନେଇ ଆସନ୍ତା କ୍ୟାବିନେଟ ବୈଠକରେ ପ୍ରସ୍ତାବ ଆଗତ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପେସା ଆଇନ କାର୍ଯ୍ୟକାରୀ କରିବା ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଇନଟିକୁ ସଠିକ୍ ଭାବେ ଲାଗୁ କରିବା ପାଇଁ ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଛି।ସେ କହିଛନ୍ତି ଯେ, ପେସା ଆଇନ ଲାଗୁ ହେବା ପରେ ଏହା ଯେପରି ସମସ୍ତଙ୍କ ପାଇଁ ସୁବିଧାଜନକ ଓ ପ୍ରଭାବଶାଳୀ ହୋଇପାରିବ, ସେଥିପାଇଁ ବିଭିନ୍ନ ପକ୍ଷଙ୍କ ମତାମତ ନିଆଯାଇଛି। ଆଇନରେ କୌଣସି ତ୍ରୁଟି ଯେପରି ନ ରହିବ, ସେଥିପାଇଁ ବିଭାଗ ପକ୍ଷରୁ ଯାଞ୍ଚ ଓ ସମୀକ୍ଷା ପରେ ଚୂଡ଼ାନ୍ତ ପ୍ରସ୍ତୁତି କରାଯାଇଛି।

### ନାବାଳିକାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ମାମଲା

## ମୁଖ୍ୟ ଅଭିଯୁକ୍ତ ଏନକାଉଣ୍ଟରରେ ନିହତ

କୋଲକାତା,୮।୭: ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପରଗନାର ବାରୁଇପୁରରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଅଭିଯୋଗରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ପ୍ରଭାସ ମଣ୍ଡଳ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ମୃତ୍ୟୁବରଣ କରିଛି।ପୋଲିସ ଦାବି କରିଛି ଯେ ଅପରାଧ ଦୃଶ୍ୟ ପୁନଃନିର୍ମାଣ (ସିନରିକ୍ରିସନ) ସମୟରେ, ଅଭିଯୁକ୍ତ ଜଣକ ଜଣେ ପୋଲିସ କର୍ମଚାରୀଙ୍କ ଅସ୍ତ୍ର ଛଡ଼ାଇ ନେଇ ଖସିଯିବାକୁ ଚେଷ୍ଟା କରିଥିଲା ଏବଂ ପୋଲିସ ଉପରେ ଗୁଳି ଚଳାଇଥିଲା। କିନ୍ତୁ ପୋଲିସ ଆତ୍ମରକ୍ଷା ପାଇଁ ପାଲଟା ଗୁଳି ଚଳାଇ ତାଙ୍କୁ ଗୁରୁତର ଆହତ କରିଥିଲେ। ତାଙ୍କୁ ତୁରନ୍ତ ବାରୁଇପୁର ଡାକ୍ତରଖାନାକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ପୋଲିସର ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୨:୪୫ ସମୟରେ ତଦନ୍ତକାରୀ ଅଧିକାରୀମାନେ ପ୍ରଭାସ ମଣ୍ଡଳକୁ ସୁରଜପୁର ଘଟଣା ସ୍ଥଳକୁ ନେଇଯାଇଥିଲେ। ଏହି ସମୟରେ ସେ ଜଣେ ପୋଲିସ କର୍ମଚାରୀଙ୍କ ବନ୍ଧୁକ ଛଡ଼ାଇ ନେଇ ଖସିଯିବାକୁ ଚେଷ୍ଟା କରିଥିଲା। ପୋଲିସ କହିଛି ଯେ ଅଭିଯୁକ୍ତ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା, ଯାହା ଫଳରେ ପୋଲିସ ପାଲଟା ଗୁଳି ଚଳାଇଥିଲା। ଗୁଳିରେ ଆହତ ପ୍ରଭାସଙ୍କୁ ଡାକ୍ତରଖାନା ନିଆଯାଇଥିଲା କିନ୍ତୁ ତାଙ୍କୁ ବଞ୍ଚାଯାଇପାରିଲା ନାହିଁ।ଏହି ମାମଲା ରବିବାର ସାମ୍ନାକୁ ଆସିଥିଲା।ସୂରଜପୁର ଅଞ୍ଚଳର ଏକ ପୋଖରୀରୁ ଜଣେ କିଶୋରୀ ଝିଅର ମୃତଦେହ ଉଦ୍ଧାର ହୋଇଥିଲା।ଅଭିଯୋଗ ହୋଇଛି ଯେ ଝିଅଟିକୁ ଦୁଷ୍କର୍ମ ଏବଂ ପରେ ହତ୍ୟା କରାଯାଇଥିଲା। ଏହି ଘଟଣା ଅଞ୍ଚଳରେ ବ୍ୟାପକ ଉତ୍ତେଜନା ସୃଷ୍ଟି କରିଥିଲା, ସ୍ଥାନୀୟ ଲୋକମାନେ ଅଭିଯୁକ୍ତକୁ ତୁରନ୍ତ ଗିରଫ ଏବଂ କଠୋର ଦଣ୍ଡ ଦାବି କରିଥିଲେ। ଏହି ମାମଲାରେ ପ୍ରଭାସ ମଣ୍ଡଳ ପ୍ରଥମ ଅଭିଯୁକ୍ତ ଥିଲା ଯାହାକୁ ଗିରଫ କରାଯାଇଥିଲା।

## କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ଘରେ ଭିଜିଲାନ୍ସ

### ବିପୁଳ ଅଘୋଷିତ ସମ୍ପତ୍ତି ଠାବ

କେନ୍ଦ୍ରାପଡ଼ା,୮।୭(ନିପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକଙ୍କ ସହ ସମ୍ପୃକ୍ତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସର ଚଢ଼ାଉ ଜାରି ରହିଛି। ତଲାସି ସମୟରେ ଏପର୍ଯ୍ୟନ୍ତ ବିପୁଳ ପରିମାଣର ସ୍ଥାବର



ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, କଟକ ଜିଲ୍ଲା ବାରଙ୍ଗ ମୁଣ୍ଡୁଳିରେ ପ୍ରାୟ ୬,୪୦୦ ବର୍ଗଫୁଟ୍ କ୍ଷେତ୍ରଫଳ ବିଶିଷ୍ଟ ଏକ ଚାରି ମହଲା ବିଳାସପୂର୍ଣ୍ଣ ଘର ଠାବ କରାଯାଇଛି। ଏହା ସହିତ କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ସାହାଡ଼ାପଡ଼ାରେ ଆଉ ଏକ ଘର ମଧ୍ୟ ଚିହ୍ନଟ ହୋଇଛି। ଏହାଛଡ଼ା ବାରଙ୍ଗର ପ୍ରମୁଖ ଅଞ୍ଚଳରେ ଥିବା ୬ଟି ମୂଲ୍ୟବାନ ପ୍ଲଟ୍‌ର ସନ୍ଧାନ ମିଳିଛି। ଏହି ସମସ୍ତ ଘର ଓ ଜମିର ମାପ ଓ ମୂଲ୍ୟ ନିର୍ଦ୍ଧାରଣ କାର୍ଯ୍ୟ ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ ପକ୍ଷରୁ କରାଯାଉଛି। ତଲାସି ସମୟରେ ୨ ଲକ୍ଷ ୧୪ ହଜାର ଟଙ୍କା ନଗଦ, ପ୍ରାୟ ୪୩ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଏବଂ ଅନ୍ୟାନ୍ୟ ଆର୍ଥିକ ବିନିଯୋଗର ସନ୍ଧାନ ମିଳିଛି। ସେହିପରି ସୁନା ଅଳଙ୍କାରର ଓଜନ ଓ ମୂଲ୍ୟାଙ୍କନ କାମ ଜାରି ରହିଛି ଓ ଏଥିସହ ଏକ ଗ୍ରାଣ୍ଡ ଭିଟାରା ଚାରିଚକିଆ ଗାଡ଼ି ଏବଂ ଏକ ଦୁଇଚକିଆ ଯାନ ମଧ୍ୟ ଜବତ କରାଯାଇଛି ଓ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ, ତଲାସି ଅଭିଯାନ ଏବେ ବି ଜାରି ରହିଛି।

# ତଳ ମୁଣ୍ଡରେ ବନ୍ୟା ଆଶଙ୍କା ନାହିଁ

- ★ ଆଜି ହୀରାକୁଦ ଛାଡ଼ିବ ପ୍ରଥମ ବନ୍ୟାଜଳ
- ★ ଅଣମୌସୁମୀ ଜଳ ବିବାଦ ପ୍ରଶ୍ନ: ଚୁପ୍ ରହିଲେ ଛତିଶଗଡ଼ ଅଧିକାରୀ

ଭୁବନେଶ୍ୱର,୮।୭: ଗୁରୁବାର ହୀରାକୁଦ ଜଳଭଣ୍ଡାରରୁ ନିଷ୍କାସିତ ହେବ ପ୍ରଥମ ବନ୍ୟା ଜଳ। ଦିନ ୧୧ଟାରେ ୪ଟି ଗେଟ୍ ଖୋଲାଯିବ। ପରବର୍ତ୍ତୀ ସମୟରେ ଅଧିକ ଗେଟ୍ ଖୋଲି ୧ଲକ୍ଷ କ୍ୟୁସେକ୍ ପର୍ଯ୍ୟନ୍ତ ପାଣି ଛଡ଼ାଯିବ। ଜଳ ଛଡ଼ାଯିବା ପୂର୍ବରୁ ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଓଡ଼ିଶା ଓ ଛତିଶଗଡ ଅଧିକାରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ଏକ ସୂତ୍ରରୁ ଜଣାପଡ଼ିଛି ଯେ ଛତିଶଗଡ ସରକାର ଜଳନିଷ୍କାସନର ସଠିକ୍ ତଥ୍ୟ ପ୍ରଦାନ କରୁନାହାନ୍ତି। ବୈଠକ ଶେଷରେ ଏକ ବଡ଼ ବିବାଦୀୟ ସ୍ଥିତି ଦେଖିବାକୁ ମିଳିଥିଲା, ଅଣମୌସୁମୀ ଋତୁରେ ଛତିଶଗଡ଼ର ମନମାନୀ ଏବଂ ଓଡ଼ିଶାକୁ ପାଣି ପାଇଁ ହଇରାଣ କରିବା ପ୍ରସଙ୍ଗ ଉପରେ ପ୍ରଶ୍ନ



ଉଠିଥିଲା। ଅଣମୌସୁମୀ ସମୟରେ ଉପରମୁଣ୍ଡରେ ବ୍ୟାରେଜ୍‌ଗୁଡ଼ିକର ଗେଟ୍ ବନ୍ଦ କରି ଓଡ଼ିଶାକୁ ଜଳ ପ୍ରବାହ ସଙ୍କୁଚିତ କରାଯାଉଥିବା ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ ପଚାରିବାରୁ ଛତିଶଗଡ଼ ଜଳସମ୍ପଦ ବିଭାଗର ଅଧିକାରୀମାନେ ସମ୍ପୂର୍ଣ୍ଣ ଭାବେ ମୁହଁ ବନ୍ଦ କରିଦେଇଥିଲେ ଏବଂ କୌଣସି ଉତ୍ତର ନ ଦେଇ ଏଡ଼ାଇ ଯାଇଥିଲେ। ସୂଚନାଯୋଗ୍ୟ ଯେ ହୀରାକୁଦର ଜଳଭଣ୍ଡାରରର ଜଳସ୍ତର ୬୧୧ ଫୁଟ ଅତିକ୍ରମ କରିବା ପରେ ଗେଟ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି। ପ୍ରଥମେ ୪ଟି ଗେଟ୍ ଖୋଲି ଛଡ଼ାଯିବ ବନ୍ୟାଜଳ। ପାଣି ଛଡ଼ାଯିବା ପରେ ମହାନଦୀର ତଳମୁଣ୍ଡରେ ବଢ଼ିବ ଜଳପ୍ରବାହ ବଢ଼ିବ। ୧୦ରୁ ଅଧିକ ଜିଲ୍ଲା ଦେଇ ମହାନଦୀ ପ୍ରବାହିତ ହେଉଥିବାରୁ, ତଳିଆ ଅଞ୍ଚଳର ଲୋକଙ୍କୁ ପ୍ରଶାସନ ସତର୍କ କରାଇଛି। ଛତିଶଗଡ଼ ବ୍ୟାରେଜଗୁଡ଼ିକର ଜଳସ୍ତର, ଜଳ ନିଷ୍କାସନର ସଠିକ୍ ତଥ୍ୟ ଦେବାକୁ ଦାବି ରଖିଛି ଓଡ଼ିଶା। ବର୍ତ୍ତମାନ ହୀରାକୁଦରେ ୬୧୧.୨୩ ଫୁଟ୍ ଜଳ ଅଛି।

## ଖଣି ଉପନିର୍ଦ୍ଦେଶକ ଗିରଫ

ଜୟପୁର,୮।୭(ନିପ୍ର): କୋରାପୁଟ ଜିଲ୍ଲାର ଜୟପୁରର ଉପନିର୍ଦ୍ଦେଶକ ଭୂତତ୍ତ୍ୱ ତଥା ଉପନିର୍ଦ୍ଦେଶକ ସତ୍ୟଜିତ ରାଉତଙ୍କୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ତରଫରୁ ସୂଚନା ଦେଇଛନ୍ତି । ଏନେଇ ଜୟପୁର ଠାରେ ଏସପି ଏସ. ସୁଶ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।ଜଣେ ଲିଜଧାରୀଙ୍କ ଠାରୁ ଲାଂଚ ଦାବି ଏବଂ ନେବା ସମୟରେ ରାଉତଙ୍କୁ ଜୟପୁର ଭିଜିଲାନ୍ସ ଧରିଥିଲା । ଖଣି ଲିଜ୍ ଅବଧି ବୃଦ୍ଧି ପାଇଁ ଏବଂ ବାଲି ଉତ୍ସର ଆଗାମୀ ସ୍ୱଟ୍ ନିଲାମରେ ଅନ୍ୟାନ୍ୟ ଅନୁଚିତ ଲାଭ ପ୍ରଦାନ କରିବା ପାଇଁ ଏହି ଲାଞ୍ଚ ନେଉଥିଲେ । ତାଙ୍କଠାରୁ ସମ୍ପୂର୍ଣ୍ଣ ୨ ଲକ୍ଷ ଟଙ୍କା ଉଦ୍ଧାର କରାଯାଇ ଘଟଣାସ୍ଥଳରୁ ଜବତ କରାଯାଇଥିଲା। ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରେ ଭିଜିଲାନ୍ସ ଟିମ୍ ତାଙ୍କ ତିନୋଟି ବାସଭବନ - ଜୟପୁରର ଲିଙ୍ଗରାଜ ନଗର, କଟକର ବିଦ୍ୟାଧରପୁର ଏବଂ କଟକର ମାହାଙ୍ଗାର ଓଲକାନାରେ ଏକକାଳୀନ ଚଢାଉ କରିଥିଲେ । ଚଢ଼ାଉ ସମୟରେ, ତାଙ୍କ ଜୟପୁର ବାସଭବନରୁ ୨.୯୦ ଲକ୍ଷ ଟଙ୍କା ଅତିରିକ୍ତ ହିସାବ ବାହାରେ ନଗଦ ଜବତ କରାଯାଇଥିଲା। ମୋଟ ନଗଦ ଅନ୍ୟ ଏକ ବାସ ଭବନରୁ ୨ ଲକ୍ଷ ଟଙ୍କା ମୋଟ ୬ ଲକ୍ଷ ୯୦ ହଜାର ଟଙ୍କା ଜବତ ହୋଇଥିବା ଭିଜିଲାନ୍ସ ବିଭାଗ ତରଫରୁ ସୂଚନା ଦିଆଯାଇଛି । ମୋଟ ନଗଦ ୬.୯୦ ଲକ୍ଷ ଟଙ୍କା ଜବତ ହୋଇଛି ।

## ଆଜି ଓଡ଼ିଶା ଆସୁଛନ୍ତି ଉପରାଷ୍ଟ୍ରପତି



ଭୁବନେଶ୍ୱର,୮।୭: ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ୯ ଜୁଲାଇ ୨୦୨୬ରେ ଭୁବନେଶ୍ୱର ଗସ୍ତରେ ଆସିବେ । ଏହି ଗସ୍ତ ସମୟରେ, ଉପରାଷ୍ଟ୍ରପତି ଭୁବନେଶ୍ୱରର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ଠାରେ ଏକ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ସମୁଦ୍ରରେ ଦୀର୍ଘସ୍ଥାୟୀ ମତ୍ସ୍ୟପାଳନ ପାଇଁ ଅନୁମୋଦନ ପତ୍ର (ଏଲଓଏ) ପ୍ରଦାନ କରିବେ । ଏହି ଅବସରରେ ସେ ଓଡ଼ିଶା ଗଭୀର ସମୁଦ୍ର ମାଛ ଧରା ମିଶନ ଦସ୍ତାବିଜକୁ ମଧ୍ୟ ଉନ୍ମୋଚନ କରିବେ। ଅପରାହ୍ନରେ ଉପରାଷ୍ଟ୍ରପତି ଖୋର୍ଦ୍ଧାସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ (ନାଇଜର)ର ପଞ୍ଚଦଶ ଦୀକ୍ଷାନ୍ତ ସମାରୋହରେ ଯୋଗଦେବେ।

### 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରକଳ୍ପ

# ପ୍ରଥମ ପର୍ଯ୍ୟାୟରେ ୨୨୦୦ ସ୍କୁଲ ହେବ ନିର୍ମାଣ

ଭୁବନେଶ୍ୱର,୮।୭: ରାଜ୍ୟରେ ନୂତନ ସରକାର କ୍ଷମତାକୁ ଆସିବା ପରଠାରୁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ପ୍ରକଳ୍ପକୁ ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବରେ ସ୍ଥାନିତ କରାଯାଇଛି।ଯୋଜନାର କାର୍ଯ୍ୟାନ୍ୱୟନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଭୁବନେଶ୍ୱରର ଲୋକସେବା ଭବନରେ ଏହି ଯୋଜନା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ଆର୍ଥିକ ବର୍ଷ ପାଇଁ, ସରକାର ଏହି ପ୍ରକଳ୍ପ ପାଇଁ ୨୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସ୍ଥା କରିଛନ୍ତି। ପ୍ରଥମ ବଜେଟରେ କେବଳ ୫୦ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଦ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟାରେ ବିଳମ୍ବକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉପକୂଳ ଜିଲ୍ଲାଗୁଡ଼ିକରେ ଜମି ପାଇବାରେ କିଛି ଅସୁବିଧା ହୋଇପାରେ, କିନ୍ତୁ



- ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କଲେ ମୁଖ୍ୟମନ୍ତ୍ରୀ

ଅନ୍ୟ ଜିଲ୍ଲାଗୁଡ଼ିକରେ କୌଣସି ସମସ୍ୟା ହେବା ଉଚିତ ନୁହେଁ। ସେ କହିଛନ୍ତି ଯେ ମେଗା କ୍ୟାମ୍ପସ ନିର୍ମାଣ ପାଇଁ ପାଞ୍ଚ ଏକର ଜମି ଆବଶ୍ୟକ। ପଞ୍ଚାୟତ ମଧ୍ୟରେ ସବୁଜ କ୍ଷେତ୍ର ପ୍ରକଳ୍ପ ପାଇଁ ପାଞ୍ଚ ଏକର ଚିହ୍ନଟ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଯେଉଁ ସ୍କୁଲଗୁଡ଼ିକରେ ପାଞ୍ଚ ଏକରରୁ କମ୍ ଉପଲବ୍ଧ, ସେଠାରେ ସଂଲଗ୍ନ ସରକାରୀ କିମ୍ବା ବେସରକାରୀ ଜମି କିଣାଯାଇ ବ୍ୟବହାର କରାଯାଇପାରିବ। ଜିଲ୍ଲାପାଳମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରକଳ୍ପର ସଫଳତା ପାଇଁ ସେମାନଙ୍କର ଆନ୍ତରିକତା ଏବଂ ସହଯୋଗ ଅତ୍ୟନ୍ତ ଜରୁରୀ। ସେ ସମସ୍ତଙ୍କୁ ଏହାକୁ ଗମ୍ଭୀରତାର ସହ ନେବାକୁ ଏବଂ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିବାକୁ ଅନୁରୋଧ କରିଥିଲେ। ସେ କହିଥିଲେ ଯେ ଯଦି ପ୍ରଶାସନ ଗମ୍ଭୀରତାର ସହିତ କାର୍ଯ୍ୟ କରେ, ତେବେ ଖୁବ୍ ଶୀଘ୍ର ୨୨୦୦ ସ୍କୁଲ ନିର୍ମାଣ ହୋଇପାରିବ। ରାଜ୍ୟରେ ମୋଟ ପ୍ରାୟ ୭୦୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୨୦୦ ସ୍କୁଲ ନିର୍ମାଣ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଛନ୍ତି। ଜିଲ୍ଲାପାଳମାନଙ୍କୁ ପ୍ରତି ସପ୍ତାହରେ ଅଗ୍ରଗତି ତଦାରଖ କରିବାକୁ ଏବଂ ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ସଚିବଙ୍କୁ ଏକ ସାପ୍ତାହିକ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

### ବିଦେଶରେ ରଥଯାତ୍ରାର ପବିତ୍ରତା ରକ୍ଷା ହେଉ

## ରାଷ୍ଟ୍ରପତିଙ୍କଠାରେ ଫେରାଦ ହେଲା ଓଡ଼ିଶା ଫୋରମ୍



ଭୁବନେଶ୍ୱର,୮।୭: ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାର ପବିତ୍ରତା ରକ୍ଷା ପାଇଁ ଓଡ଼ିଶା ଫୋରମ୍, ଦିଲ୍ଲୀ ଭାରତର ରାଷ୍ଟ୍ରପତିଙ୍କୁ ଭେଟିଛି । ଏହାର ଓଡିଆ ସଦସ୍ୟମାନେ, ଓଡିଶା ଫୋରମ୍, ଦିଲ୍ଲୀ ମାଧ୍ୟମରେ, ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ କୁହାଯାଇଛି ଯେ ପୁରୀ ରଥଯାତ୍ରା ଗଜପତି ମହାରାଜା, ସେବକ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନଙ୍କ ତତ୍ତ୍ୱାବଧାନରେ ପବିତ୍ର ଶାସ୍ତ୍ର, ମନ୍ଦିର ପରମ୍ପରା ଏବଂ ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ କଠୋର ଭାବରେ ପରିଚାଳିତ ହୁଏ। ଏହା ଗୁରୁତ୍ୱାରୋପ କରେ ଯେ ଏହି ଯାତ୍ରା ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ ଏବଂ ପଦ୍ମ ପୁରାଣରେ ଉଲ୍ଲେଖ କରାଯାଇଥିବା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରୁ ଆରମ୍ଭ ହେଉଥିବା ଏକ ନିର୍ଦ୍ଧାରିତ ନଅ ଦିନର ଅବଧି ସହିତ ଅବିଚ୍ଛେଦ୍ୟ ଭାବରେ ଜଡିତ। ବିଦେଶରେ ଇସ୍କନ ସମେତ କିଛି ସଂଗଠନ ଦ୍ୱାରା ରଥଯାତ୍ରା ଆୟୋଜନ କରାଯାଉଥିବା ନେଇ ଚିନ୍ତା ପ୍ରକାଶ କରାଯାଇଛି। ସ୍ମାରକପତ୍ରରେ ଯୁକ୍ତି କରାଯାଇଛି ଯେ ଏପରି ପ୍ରଥା ଭକ୍ତମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ।



# ଶିବଲିଙ୍ଗ

ସମଗ୍ର ଶିବ ପରିବାରର ପ୍ରତୀକ ଶିବଲିଙ୍ଗ ଭଗବାନ ଶିବଙ୍କୁ ପୂଜା କରାଯାଏ ନାହିଁ, ବରଂ ସମଗ୍ର ଶିବ ପରିବାରକୁ ଏକାଠି ପୂଜା କରାଯାଏ । ଶିବଙ୍କୁ କେବେ ଏକାକୀ ପୂଜା କରାଯାଏ ନାହିଁ । ବରଂ ତାଙ୍କୁ ଶିବ ପରିବାର ସହିତ ପୂଜା କରାଯାଏ । ଶିବ ପଞ୍ଚାୟତରେ ଅଛନ୍ତି ପାଞ୍ଚ ଦେବତା, ସେହିପରି ଶିବ ପରିବାରରେ ତାଙ୍କ ପରିବାର ଏବଂ ତାଙ୍କର ସମସ୍ତ ଗଣ ଅନ୍ତର୍ଭୁକ୍ତ । କିଛି ତାଙ୍କ ସହିତ ପ୍ରମୁଖ ଭାବରେ ଜଡ଼ିତ, ଅନ୍ୟ କିଛି ତାଙ୍କ ସହିତ ପ୍ରତୀକାତ୍ମକ ଭାବରେ ଜଡ଼ିତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ସମଗ୍ର ଶିବ ପରିବାର ଶିବଲିଙ୍ଗ ମଧ୍ୟରେ ଅନ୍ତର୍ଭୁକ୍ତ, ଯାହା ଭଗବାନ ଶିବଙ୍କ ପ୍ରତୀକ । ତେଣୁ, କୁହାଯାଏ ଯେ ସମଗ୍ର ଶିବ ପରିବାର ଶିବଙ୍କ କଳସ ମଧ୍ୟରେ ଅନ୍ତର୍ଭୁକ୍ତ । ଏହା ଦୃଷ୍ଟିରୁ ସମଗ୍ର ବ୍ରହ୍ମାଣ୍ଡ ଶିବଲିଙ୍ଗ ଉପରେ ଥିବା କଳସ ମଧ୍ୟରେ ଅବସ୍ଥିତ । ଭକ୍ତମାନେ ଶିବଲିଙ୍ଗରେ ଜଳ, କ୍ଷୀର ଏବଂ ବେଲପତ୍ର ଅର୍ପଣ କରନ୍ତି, ଭଗବାନ ଶିବଙ୍କ ଅଭିଷେକ କରନ୍ତି । କିନ୍ତୁ, ବହୁତ କମ୍ ଲୋକ ଜାଣନ୍ତି ଯେ କେବଳ ମହାଦେବ ନୁହେଁ, ତାଙ୍କ ସମଗ୍ର ପରିବାର ଶିବଲିଙ୍ଗ ମଧ୍ୟରେ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ । ଧାର୍ମିକ ମାନ୍ୟତା ଅନୁସାରେ, ଶିବଲିଙ୍ଗର ଉପର ଅଂଶ ସ୍ୱୟଂ ଭଗବାନ ଶିବଙ୍କର ଏକ ପ୍ରକାଶ । ଏହାକୁ ଘେରି ରହିଥିବା ବୃତ୍ତାକାର ଜଳ ପାତ୍ରକୁ ଶକ୍ତି ଏବଂ ଶକ୍ତିର ଅବତାର ଦେବୀ ପାର୍ବତୀଙ୍କ ପ୍ରତୀକ ଭାବରେ ବିବେଚନା କରାଯାଏ । ପ୍ରଭୁ ଗଣେଶ ଜଳ ପାତ୍ରର ଡାହାଣ ପାର୍ଶ୍ୱରେ ଏବଂ ଭଗବାନ କାର୍ତ୍ତିକେୟ ବାମ ପାର୍ଶ୍ୱରେ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ। ମଧ୍ୟ ରେଖାକୁ ଦେବୀ ଅଶୋକ ସୁନ୍ଦରୀଙ୍କ ବାସସ୍ଥାନ ବୋଲି କୁହାଯାଏ । ଶିବଲିଙ୍ଗର ତଳ ପାର୍ଶ୍ୱ ଦେବୀ ପାର୍ବତୀଙ୍କ 'ହାତ କମଳ' ଭାବରେ ମଧ୍ୟ ଜଣାଶୁଣା । ଉପରୁ ପଡୁଥିବା ଜଳ ପାତ୍ର ଶିବଙ୍କ ଜଟାରୁ ଉତ୍ପନ୍ନ ଦେବୀ ଗଙ୍ଗା ଏବଂ ତାଙ୍କ ମସ୍ତକରେ ଥିବା ଚନ୍ଦ୍ରଙ୍କ ପ୍ରତୀକ । ଶିବଲିଙ୍ଗ ଉପରେ ଥିବା ସର୍ପ ତାଙ୍କର ଶିଷ୍ୟ, ବାସୁକି, ଯିଏ ସମସ୍ତ ନାଗ ବଂଶ ସହିତ ଶିବଙ୍କ ସହିତ ଥାଆନ୍ତି । ଶାନ୍ତ ମୁଦ୍ରାରେ ରହିଛନ୍ତି ନନ୍ଦି, ଯିଏ ସିଧାସଳଖ ଶିବଲିଙ୍ଗ ସମ୍ମୁଖରେ ଅଛନ୍ତି । ଦେବୀ ପାର୍ବତୀଙ୍କ ବାହନ, ସିଂହ ସହିତ ଅଛନ୍ତି ।



# ମହିଳାମାନେ ହନୁମାନଙ୍କ ମୂର୍ତ୍ତିରେ

## ସିନ୍ଦୂର ଚଢ଼ାଇ ପାରିବେ



ହିନ୍ଦୁଙ୍କର ସବୁଠୁ ପ୍ରିୟ ଦେବତା ସଙ୍କଟମୋଚନ ହନୁମାନ। ବ୍ୟାଧି, ଭୟ, ସଙ୍କଟରୁ ମୁକ୍ତି ଲାଗି ନାରୀପୁରୁଷ ନିର୍ବିଶେଷରେ ହନୁମାନଙ୍କର ପୂଜା କରିଥାନ୍ତି । ତେବେ ହନୁମାନଙ୍କ ପୂଜା କରିବା ସମୟରେ ମହିଳାଙ୍କ ପାଇଁ ରହିଛି କିଛି ବାରଣ ରହିଛି। ଯାହା ଭେଦଭାବ ଭିତ୍ତିରେ ହୋଇ ନାହିଁ ପରନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ 'ମର୍ଯ୍ୟାଦା' ପ୍ରତି ସମ୍ମାନର ପ୍ରତୀକ। ପୁରାଣ ଶାସ୍ତ୍ର ମୁତାବକ ହନୁମାନ୍ ପ୍ରଭୁ ଶ୍ରୀରାମଙ୍କର ପରମ ସେବକ । ସେ ଚିରଞ୍ଜୀବୀ ପୁଣି ଆଜନ୍ମ ବ୍ରହ୍ମଚାରୀ। କେବଳ ମାତା ସୀତା ନୁହନ୍ତି, ପ୍ରତ୍ୟେକ ନାରୀଙ୍କୁ ମାତୃଶକ୍ତି ସ୍ୱରୂପ ଭାବେ ବିବେଚନା କରନ୍ତି । ମା' ଯେପରି ସନ୍ତାନର ପାଦ ଛୁଏଁ ନାହିଁ, ସେହି ମର୍ଯ୍ୟାଦା ରକ୍ଷା ଲାଗି ମହିଳାମାନେ ହନୁମାନଙ୍କ ମୂର୍ତ୍ତି ନିକଟରେ ନତମସ୍ତକ ହେବା ସମୟରେ ତାଙ୍କ ପାଦ ସ୍ପର୍ଶ କରନ୍ତି ନାହିଁ ବୋଲି ବିଶ୍ୱାସ ରହିଛି। ପୂଜା ବେଳେ ଯଦି ଜଣେ ମହିଳା ଚାହୁଁଛନ୍ତି ମୂର୍ତ୍ତିରେ ସିନ୍ଦୂର, ପୁଷ୍ପ ଚଢ଼ାଇବା ଲାଗି ତାହା ପୂଜକଙ୍କ ଜରିଆରେ ଅର୍ପଣ କରିବା ଶ୍ରେୟସ୍କର। ହନୁମାନ୍ ଚାଳିସା ପାଠ କରିବା ବା ସୁନ୍ଦରାକାଣ୍ଡ ପଢ଼ିବା ଇତ୍ୟାଦିରେ କୌଣସି ବାରଣ ମହିଳାମାନଙ୍କ ପ୍ରତି ଲାଗୁ ହୋଇ ନ ଥାଏ ।







# ଜଗନ୍ନାଥଙ୍କ ସ୍ଥାପନ କର୍ତ୍ତା

ଜଗନ୍ନାଥଙ୍କର ପ୍ରଥମ ସ୍ଥାପନ କର୍ତ୍ତା ବ୍ରହ୍ମାଙ୍କର ପଞ୍ଚମପୁରୁଷ, ସୂର୍ଯ୍ୟବଂଶର ରାଜା ଇନ୍ଦ୍ରଦ୍ୟୁମ୍ନ, ସେ ଅବନ୍ତୀ ଦେଶର ରାଜା ଥିଲେ । ସତ୍ୟଯୁଗରେ ଇନ୍ଦ୍ରଦ୍ୟୁମ୍ନଙ୍କଦ୍ୱାରା ପ୍ରଥମେ ଜଗନ୍ନାଥ ପ୍ରକଟ ହେଲେ ବୋଲି ସ୍କନ୍ଦପୁରାଣ କହନ୍ତି । ଯସ୍ତୁ ସାକ୍ଷାତ ଜଗନ୍ନାଥଃ ଆବିର୍ଭୂତଃ କୃତେନ (୨୧ ଅଧ୍ୟାୟ) ସତ୍ୟ ଯୁଗରେ ଏହି ପୌରାଣିକ ପୁରୁଷ ପୂଜା ଖ୍ୟାତ ପାଇଁ ଚେଷ୍ଟା କରିଥିଲେ। ତ୍ରେତୟା ଯୁଗର କ୍ଷେତ୍ରଥିଲା, ମାତ୍ର ପୂଜା ଋଷିମାନଙ୍କଦ୍ୱାରା ହିଁ ହେଉଥିଲା । ରାଜା ରତ୍ନଗ୍ରୀବ ତ୍ରେତାଯୁଗରେ ଦର୍ଶନ କରିବାକୁ ଆସିଥିବା ପଦ୍ମପୁରାଣ କହନ୍ତି । ଏହି ଇନ୍ଦ୍ରଦ୍ୟୁମ୍ନଙ୍କ ସମୟ ହେଲା, ଦ୍ୱିତୀୟ ପରାର୍ଦ୍ଧ ସ୍ୱାୟମ୍ଭୁବ ମନୁଙ୍କ ରାଜତ୍ୱ କାଳର ଶ୍ୱେତ ବାରାହକଳ୍ପ । ଏତେ ବେଳକୁ ଦାରୁପୂଜା ଆରମ୍ଭ ହୋଇଥିଲା। । ଏହି ଇନ୍ଦ୍ରଦ୍ୟୁମ୍ନଙ୍କୁ ଶ୍ରୀମନ୍ଦିରର ଶ୍ରାଦ୍ଧ ପରମ୍ପରାନୁସାରେ କେହି କେହି ଇନ୍ଦ୍ରଭୂତି, କେହିକେହି ବା ଇନ୍ଦ୍ରବୋଲି ମଧ୍ୟ କହନ୍ତି । ମାତ୍ର ଯାହା ଜଣାଯାଏ ଯେତେବେଳେ ଯେଉଁ ରାଜା ଜଗନ୍ନାଥଙ୍କ ପୂଜାରେ ନିକଟତମ ବ୍ୟକ୍ତି ରୂପରେ ଆସିଛନ୍ତି ସେ ନିଜକୁ ଇନ୍ଦ୍ରଦ୍ୟୁମ୍ନ ବୋଲାଇଥିବା ମାଦଳାପାଞ୍ଜିର ଯଯାତି କେଶରୀଙ୍କ ଇତିହାସରୁ ଜଣାଯାଏ । କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ମତରେ ତାହା ୧୫୬ କୋଟି ବର୍ଷ ତଳର କଥା ।

# ରୋଷ ଘର ଓ ଭୋଗ

ଶ୍ରୀମନ୍ଦିର ରୋଷ ଘରେ ସ୍ୱତ୍ୱଲିପି ମୁତାବକ ୨୪୦ଟି ଚୁଲି ଅଛି ଓ ସେଥିମଧ୍ୟରୁ ଚୁଲି କୋଠ ଭୋଗ ଚୂଲି ରୂପେ ପରିଚିତ। ଶ୍ରୀମନ୍ଦିରରେ ବିରାଜିତ ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ନାନାଦି ନୈବେଦ୍ୟ ଭୋଗ ଲାଗି କରାଯାଇଥାଏ । ସେଥି ମଧ୍ୟରୁ ଦୁଇଟି ପ୍ରମୁଖ ନୈବେଦ୍ୟ ହେଉଛି ବଲ୍ଲଭ ଭୋଗ ଓ ସକାଳ ଧୂପ। ବଲ୍ଲଭ ଭୋଗ : ଏଇ ଭୋଗରେ ପାଗ ଖଇ, ପାଚିଲା କଦଳୀ, ଦହି, ସର, ଖୁଆ, ମଣ୍ଡା, ସେଓ, ଚାଉଳିଆ, ନଡ଼ିଆ ପାତି, କମଳା, ସେପାଟା, କାକୁଡ଼ି ଆଦି ନୈବେଦ୍ୟ ହୋଇଥାଏ। ସକାଳ ଧୂପ : ସକାଳ ଧୂପରେ ସାଦା ଅନ୍ନ, ମୁଗ ଖେଚୁଡ଼ି, ଘିଅ ଅନ୍ନ, ଡାଲି, ଡାଲମା, ଶାଗ, ବେସର, ଭଜା, ମହୁର, ଖଟା, ବିଭିନ୍ନ ବିରି ଓ ଅଟା ଜାତୀୟ ପିଠା ଇତ୍ୟାଦି ଲାଗିଥାଏ ।ସ୍ଥଳ ବିଶେଷରେ ମାଟି କୁଡୁଆ, ପିତଳ ହାଣ୍ଡିରେ ରନ୍ଧନ କରାଯାଇ ଭୋଗ ବଢାଯାଏ ।ପଞ୍ଚୋପଚାର/ଷୋଡ଼ଶପଚାର ମନ୍ତ୍ରରେ ପୂଜା କରାଯାଏ ।ଏହି ପୂଜା ଅଷ୍ଟାଦଶାକ୍ଷର ଗୋପାଳ ମନ୍ତ୍ର / ଏକାକ୍ଷରୀ ଭୁବନେଶ୍ୱରୀ ମନ୍ତ୍ର ଏବଂ ଓଁ ନମୋ ଭଗବତେ ବାସୁଦେବାୟ (ଦ୍ୱାଦଶାକ୍ଷର) ମନ୍ତ୍ରରେ ପୂଜା କରାଯାଏ। ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଭୋଗରେ ଦେଶୀଆଳୁ, କଖାରୁ, କଞ୍ଚା କଦଳୀ, ପଣସ, ମୂଳା, ପୋଟଳ, ଶିମ୍ବ, କାଙ୍କଡ଼, ଜହ୍ନି, ବାଇଗଣ, ସାରୁ, କନ୍ଦମୂଳ, ଅଦା, ଧନିଆପତ୍ର, ନଡ଼ିଆ ପ୍ରଭୃତି ଡାଲମା ଓ ତରକାରୀ ଇତ୍ୟାଦିରେ ବ୍ୟବହୃତ ହୋଇଥାଏ । କୋଶଳା, ଲେଉଟିଆ ଓ ଅଗସ୍ତି ଶାଗ ବ୍ୟତିତ ଅନ୍ୟ କୈଣସି ଶାଗ ଭୋଗରେ ବ୍ୟବହାର କରାଯାଏନାହିଁ । ଭୋଗ ପ୍ରସ୍ତୁତିରେ ତେଲ ବ୍ୟବହାର କରାଯାଏ ନାହିଁ, କେବଳ ଘିଅ ବ୍ୟବହୃତ ହୁଏ ।



# ଶ୍ରୀମନ୍ଦିରର ବାଇଶି ପାହାଚ





ସିଂହଦ୍ୱାର ଗୁମୁଟରୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅର୍ଥାତ କୁର୍ମବେଢ଼ା, ରୋଷଶାଳ, ଆନନ୍ଦ ବଜାର ଯିବା ପାଇଁ ଥିବା ବାଇଶି ଗୋଟି ପାହାଚ ବାଇଶି ପାହାଚ ନାମରେ ଜଣା । ବାଇଶି ପାହାଚ ବଉଳମାଳା ମାଙ୍କଡ଼ା ପଥରରେ ତିଆରି । ପାହାଚଗୁଡ଼ିକର ଓସାର ୬ଫୁଟ, ଲମ୍ବ ୭୦ଫୁଟ ଓ ଉଚ୍ଚତା ୬ଇଞ୍ଚରୁ ୭ଇଞ୍ଚ ମଧ୍ୟରେ ହେବ । ବାଇଶି ପାହାଚରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ । ଭକ୍ତମାନେ ବର୍ଷସାରା ବାଇଶି ପାହାଚ ବାଟଦେଇ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବାକୁ ଯାଉଥିବା ବେଳେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଶ୍ରୀଜୀଉମାନେ ଶ୍ରୀମନ୍ଦିରର ରତ୍ନସିଂହାସନ ଛାଡ଼ି ବାଇଶି ପାହାଚ ବାଟ ଦେଇ ବଡ଼ଦାଣ୍ଡରେ ଥିବା ରଥକୁ ଆସିଥାନ୍ତି । ବାଇଶି ପାହାଚର ଅଧିଷ୍ଠାତ୍ରୀ ଦେବୀଗଣ ହେଲେ ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତୁଷ୍ଟି, ବିକ୍ରୀ, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା । ବିଶ୍ୱାସ ଅଛି ଯେ, ପ୍ରତ୍ୟେକ ମଣିଷ ୨୨ ପ୍ରକାର ପାପରୁ ମୋକ୍ଷ ନିମନ୍ତେ ୨୨ ପାହାଚ ଅତିକ୍ରମ କରିବା ଆବଶ୍ୟକ । ୨୨ ପାହାଚ ଯୋଗ ବିଦ୍ୟା ବର୍ଣ୍ଣିତ ୨୨ଟି ସ୍ତରର ପ୍ରତୀକ । ବାଇଶି ପାହାଚରେ ଦ୍ୱିତୀୟ ସୋପାନରେ ରହିଛି ଜମଶିଳା । ଶ୍ରଦ୍ଧାଳୁମାନେ ଏହି ଶିଳାକୁ ସ୍ପର୍ଶ କରି ଜଗନ୍ନାଥଙ୍କୁ ଦର୍ଶନ କଲେ ଅକାଳ ମୃତ୍ୟୁ ହୁଏ ନାହିଁ ଓ ସମସ୍ତ ପାପ ନାଶ ହୋଇ ଜୀବ ବୈକୁଣ୍ଠଗାମୀ ହୁଏ ବୋଲି ଲୋକ ବିଶ୍ୱାସ ରହିଛି ।

*ସୁସ୍ଥ ରହିବା ଲାଗି ଶାରୀରିକ ସୁସ୍ଥତା ଜରୁରୀ ନୁହେଁ, ମନ ସୁସ୍ଥ ରହିବା ମଧ୍ୟ ସେତକି ଜରୁରୀ ଅଟେ । ସକାରାତ୍ମକ ହାସ୍ୟ ଦ୍ୱାରା ମନକୁ ଶାନ୍ତ ରଖାଯାଇପାରିବ ।*

# ସର୍ବଦା ପ୍ରସନ୍ନଚିତ୍ତ ରହିବାର ସୁଫଳ






ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍‌ଭଗବତ୍ ଗୀତାରେ କହିଛନ୍ତି, "ପ୍ରସାଦେ ସର୍ବଦୁଖାନା ହାନିରସ୍ୟୋ ପ୍ରଜାୟତେ । ପ୍ରସନ୍ନଚେତସୋ ହୟାଶୁ ବୁଦ୍ଧି ପର୍ଥ ବତିଷ୍ଠତେ"। ଅର୍ଥାତ୍ ଖୁସି ରହିବା ମାତ୍ରକେ ବୁଦ୍ଧି ସ୍ଥିର ହୋଇଯାଇଥାଏ । ମନ ବିଚଳିତ ହୁଏ ନାହିଁ । ଏକାଗ୍ରତ ବୃଦ୍ଧି ପାଇଥାଏ। ତେଣୁ ହେ ଅର୍ଜୁନ ଚିନ୍ତା ପରିତ୍ୟାଗ କରି ଏବଂ ପ୍ରସନ୍ନ ରୁହ । ଏହିପରି ଯେତେବେଳେ ଯୁଧିଷ୍ଠିରଙ୍କୁ ଯକ୍ଷ ପଚାରିଲେ ଯେ ଜୀବନ ପାଇଁ ସବୁଠୁ ମହତ୍ତ୍ୱପୂର୍ଣ୍ଣ କ'ଣ ଅଟେ ? ଯୁଧିଷ୍ଠିର କହିଥିଲେ ଯେ "ନିରୋଗୀ କାୟା"। ସୁସ୍ଥା ରହିବା ଲାଗି ଶାରୀରିକ ସୁସ୍ଥତା ଜରୁରୀ ନୁହେଁ, ମନ ସୁସ୍ଥ ରହିବା ମଧ୍ୟ ସେତକି ଜରୁରୀ ଅଟେ । ସକାରାତ୍ମକ ହାସ୍ୟ ଦ୍ୱାରା ମନକୁ ଶାନ୍ତ ରଖାଯାଇପାରିବ । ହାସ୍ୟ ବା ସୁଖ ଗମ୍ଭୀରତାକୁ ବିଲୋପ କରିଦେଇଥାଏ । ମୂର୍ଖତା ଦୂର ହୋଇଥାଏ । ଜୈନ ଧର୍ମର ଆରମ୍ଭ ହାସ୍ୟରୁ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ତେବେ ଭଗବାନ ବୁଦ୍ଧ କେବେ ହସିନଥିଲେ ବୋଲି କେହି କେହି କୁହନ୍ତି । କିନ୍ତୁ ଏହା ଗ୍ରହଣଯୋଗ୍ୟ କି ? ଭଗବାନ ବୁଦ୍ଧ ସର୍ବଦା ପ୍ରସନ୍ନଚିତ୍ତ ରହୁଥିଲେ । ଭଗବାନ ବୁଦ୍ଧଙ୍କର ଜଣେ ଥିଲେ ଅନୁଗାମୀ "ହୋତେଇ"। ସେ ନିଜ ହସ ପାଇଁ ପ୍ରସିଦ୍ଧ ଥିଲେ । ତାଙ୍କ ହସ କାରଣରୁ ତାଙ୍କ ନାମ ଲାଫିଙ୍ଗ ବୁଦ୍ଧା ହୋଇଥିଲା। ଚୀନ୍‌ରେ ଲାଫିଙ୍ଗ ବୁଦ୍ଧାଙ୍କୁ ପୂଜା କରାଯାଇଥାଏ। ସେ ନିଜ ଶିଷ୍ୟମାନଙ୍କୁ ଧ୍ୟାନ, ପ୍ରାର୍ଥନା ଶିଖାଇନଥିଲେ, କେବଳ ହସ ଶିଖାଇଥିଲେ। ହସରୁ ଧ୍ୟାନର ଏକ ବିଶେଷ ବିଧି ସେ ବିକଶିତ କରିଥିଲେ । ସବୁବେଳେ ସହାସ୍ୟ ଚିତ୍ତରେ ରହୁଥିବା ମଣିଷ ଜୀବନର ମାଧୁର୍ଯ୍ୟକୁ ଅନୁଭବ କରିପାରିଥାଏ ଏବଂ ନିଜ ଭିତରେ ଏକ ସହଜ ଅନୁଭୂତି ଲାଭ କରିଥାଏ। କୁହାଯାଏ ଯେ ମଣିଷ ଭିତରେ ଆତ୍ମବିଶ୍ୱାସ ରହିଥିଲେ ହିଁ ଯାଇ ସେ ହସିପାରିଥାଏ । ବହି ପଢୁଥିବା ଲୋକମାନେ ବୋଧହୁଏ ଏହା ଜାଣିଥିବେ ଯେ ପ୍ରସିଦ୍ଧି ଇଂରାଜୀ ନାଟ୍ୟକାର ୱିଲିୟମ ସେକ୍ସପିୟରଙ୍କ ନାଟକରେ ସବୁବେଳେ ଏକ ଜୋକର ରହୁଥିଲା। ସେ ହସି ହସି ସତ କହିଦେଉଥିଲା।, ଅନ୍ୟକୁ ଏହା ଖୁବ୍ ବାଧୁଥିଲା କିନ୍ତୁ ହସି ହସି ସେ ସବୁବେଳେ ସତ ହିଁ କହିଦେଉଥିଲା। ତେଣୁ ଏଠାରେ କୁହାଯାଇପାରେ ଯେ ହସନ୍ତୁ ଏବଂ ହସାନ୍ତୁ ଏବଂ ଖୁସି ବାଂଟନ୍ତୁ ।

## ଧାମନଗର - ଫଳପୁର ରାସ୍ତାରେ ଅଟକିଛି 'ବିକାଶର ଧାରା'

### ଟଙ୍କା ମଞ୍ଜୁର ପରେ ବି କାମ ଶୂନ, ଦୁର୍ଦ୍ଦଶାରେ ୩୦ ହଜାର ଜନସାଧାରଣ

ଧାମନଗର, (ନିପ୍ର): 'ବିକାଶର ଧାରା ଓଡ଼ିଶା ସାରା' ରାଜ୍ୟ ସରକାରଙ୍କ ଏହି ଡିଣ୍ଡିମ ପିଟା ନାରା ଯେମିତି ଧାମନଗରର - ଫଳପୁର ରାସ୍ତାରେ ଆସି ସମ୍ପୂର୍ଣ୍ଣ ଅଟକି ଯାଇଛି। ଦୀର୍ଘ ୨୨ ବର୍ଷଧରି ଏହି ରାସ୍ତା ନିର୍ମାଣ ଅଧପାନ୍ତରିଆ ହୋଇପଡ଼ିଛି। ଜନସାଧାରଣ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ 'ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି' ସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ୭ କିଲୋମିଟର ଦୈର୍ଘ୍ୟର ଏହି ସମ୍ପୂର୍ଣ୍ଣ ରାସ୍ତାର ଅବସ୍ଥା ଦିନକୁ ଦିନ ଅତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମରାମତି ଅଭାବରୁ ରାସ୍ତାରେ ୭୦ ରୁ ଅଧିକ ମରଣଯନ୍ତା ଭଳି ଗାତ ସୃଷ୍ଟି ହୋଇଛି। ଧାମନଗର ବଜାର ଠାରୁ ଫଳପୁର ପର୍ଯ୍ୟନ୍ତ। ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଖଣ୍ଡ ଖଣ୍ଡ କଂକ୍ରିଟ ବିଛାଡ଼ି ହୋଇ ପଡ଼ିଥିବା ବେଳେ ବର୍ଷା ପାଣି ଜମି ରହିବା ଯୋଗୁଁ ଅନେକ ସ୍ଥାନରେ ପିଚୁ ଉଠି ବେହାଲ ହୋଇପଡ଼ିଛି। ଚାରିଚକିଆ ଯାନ



ଯିବା ତ ଦୂରର କଥା, ବାଇକରେ ଏହି ୭ କିମି ରାସ୍ତା ପାର ହେବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। ଏହି ସମସ୍ୟା ଦୀର୍ଘ ବର୍ଷର ପୁରୁଣା। ୨୦୦୪ ମସିହାରେ ଏହାକୁ ପକ୍କା ସଡ଼କ କରାଯାଇଥିଲେ ବି ବନ୍ୟା ଓ ଭାରି ଯାନ ଚଳାଚଳ ଯୋଗୁଁ ଏହା ପ୍ରତିବର୍ଷ ନଷ୍ଟ ହେଉଛି। କରଦା, ପଧାନି, ଦଳାଙ୍ଗ, ଅର୍ଜ୍ଜୁନପୁର, ଭଙ୍ଗସାହି ଓ ନଦୀଗାଁ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିଟିଏ ଯିବା ସମ୍ଭବ ହେଉନାହିଁ। ପୂର୍ବରୁ ୨୦୨୦ ଫେବ୍ରୁଆରି ବଜେଟ୍ ଅଧିବେଶନରେ ଦିବଙ୍ଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ପରେ ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା, ହେଲେ ଅତି ନିମ୍ନମାନର କାମ ଯୋଗୁଁ ତାହା ବର୍ଷକରେ ଉଭେଇ ଯାଇଥିଲା। ଗତବର୍ଷ ଅର୍ଥାତ ୨୦୨୫ ଜୁନ୍ ୧୫ରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଥିଲା। ହେଲେ ଆଜିବି ଡିପିଆର ଓ ଟେଣ୍ଡର ନାଁରେ କାମ ଶୂନ।ବିଷ୍ଣୁ ସେଠୀଙ୍କ ପରେ ତାଙ୍କ ପୁଅ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଇ ଟେଣ୍ଡର ପ୍ରକ୍ରିୟା ଆଗେଇଥିଲେ। ଗତ ୨୦୨୬ ଫେବ୍ରୁଆରି ୧୦ରେ ହସନାବାଦ କଲ୍ୟାଣ ମଣ୍ଡପ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ୪ଟି ବକ୍ସେଲ କଲଭର୍ଟ ସହ ରାସ୍ତା ନିର୍ମାଣ ପାଇଁ ଗତ ମେ ୨୭ରେ ସମୀକ୍ଷା ମଧ୍ୟ କରିଥିଲେ। ତେବେ ପ୍ରଶ୍ନ ଉଠୁଛି, ପ୍ରଶାସନିକ ଶିଥିଳତାରେ ଜନସାଧାରଣଙ୍କୁ ଆଉ କେତେ ଦିନ ହନ୍ତସନ୍ତ ହେବାକୁ ପଡ଼ିବ? କାଗଜପତ୍ରରେ ବିକାଶର ଗଙ୍ଗା ବହୁଥିବା ବେଳେ ବାସ୍ତବରେ ଜନତା କାଦୁଅ-ଖାଲରେ ସନ୍ତୁଳି ହେଉଛନ୍ତି। ସରକାରଙ୍କ ଏଭଳି ପ୍ରତାରଣାପୂର୍ଣ୍ଣ ଆଭିମୁଖ୍ୟକୁ ଅଞ୍ଚଳବାସୀ ତୀବ୍ର ସମାଲୋଚନା କରିବା ସହ ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି। ତେବେ ଦୁଇ ଦିନ ତଳେ ଲଘୁଚାପ ବର୍ଷାରେ ରାସ୍ତା ଅବସ୍ଥା ବେହାଲ ହୋଇଥିବାବେଳେ କିଛି ଗାତରେ କିଛି ଡଷ୍ଟ ପକାଯାଇଛି।ତେବେ ଆବଶ୍ୟକ କାଗଜ ପତ୍ର ପରେ ଖୁବଶିଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ ହେବବୋଲି ବିଭାଗୀୟ ଅଧିକାରୀ ଶ୍ରୀନିବାସ ମଲିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ନିରାକାରପୁର,(ନିପ୍ର): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, କାଇପଦର ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନମହୋତ୍ସବ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ ଉଦଘାଟନ କରି ପରିବେଶର ସୁରକ୍ଷା ଓ ସନ୍ତୁଳନ ରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟାପକ ପ୍ରତାପ କିଶୋର ଛୋଟରାୟ, ଅଧ୍ୟାପିକା ଶ୍ରୀମତୀ ସଚଳା ସାମନ୍ତରାୟ, ଡ. ଜନ୍ମେଜୟ ଚୌଧରୀ, ଅଧ୍ୟାପିକା ସୁଜ୍ଞାନୀ ଭଞ୍ଜ ସାମନ୍ତ, ଅଧ୍ୟାପିକା ଡ ସଂଯୁକ୍ତା ପଟ୍ଟନାୟକ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମାନସ କୁମାର ଜୟସିଂହ ଏବଂ +୨ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ସୁମନ୍ତ ଦେହେରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଏହି ଅବରସରେ ଛାତ୍ର-ଛାତ୍ରୀ ମାନଙ୍କ ଦ୍ୱାରା ୫୦୦ ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା ।

## ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି କର୍ମଶାଳା

ରାୟଗଡ଼,(ନି:ପ୍ର): ରାୟଗଡ଼ ବ୍ଲକ ସଦଭାବନା ସଭାଗୃହ ଠାରେ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାର ଉଦଘାଟନୀ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସୁଜିତ କୁମାର ମିଶ୍ର, ବ୍ଲକ୍ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ହର ପ୍ରସାଦ ହିମ୍ବୁକା, ରାଜ୍ୟ ସ୍ତରୀୟ ସମ୍ବଳ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ରବି ନାରାୟଣ ଶତପଥୀ, ଜିପିଡିଓ ଶ୍ରୀମତୀ ସ୍ମୃତିରେଖା ନାୟକ, ପେସା ସଂଯୋଜକ ଶ୍ରୀ ଯୋଗେନ୍ଦ୍ର ନାୟକ ଓ ବରିଷ୍ଠ ଶିକ୍ଷକ ନିଳାଞ୍ଚଳ ମିଶ୍ର ଉପସ୍ଥିତ ଥିଲେ । କର୍ମଶାଳାରେ ପିତାମହଲ ସରପଞ୍ଚ ଟୁଟୁ ତାଡ଼ିଙ୍ଗି , କତାପେଟା ସରପଞ୍ଚ ମମିତା ହୁଇକା, କୁମୁଟିପେଣ୍ଟ ସରପଞ୍ଚ ହରି କାଡ୍ରାକା ସମେତ କତାପେଟା, କୁମୁଟିପେଣ୍ଟ , ପିତମହଲ ଓ କାମ୍ପ ମାଲିଗାଁ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ , ୱାର୍ଡ ସଦସ୍ୟ, ନିର୍ବାହୀ ଅଧିକାରୀ, ଏଡିଇଓ, ଜିଆରଏସ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପଶୁଧନ, ଯୋଗାଣ, ଜଙ୍ଗଲ,ମହିଳା ଓ ଶିଶୁ ବିକାଶ, ଜୀବିକା ମିଶନ ଆଦି ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ । ଏକ ବିକଶିତ ଓଡ଼ିଶା ଗଠନ ନିମନ୍ତେ ଗ୍ରାମ୍ୟ ଓ ଗ୍ରାମ ପଞ୍ଚାୟତ ସ୍ତରରୁ ଦୀର୍ଘସ୍ଥାୟୀ ବିକାଶ ଯୋଜନା ପ୍ରସ୍ତୁତିର ଆବଶ୍ୟକତା ରହିଛି । ଷଷ୍ଠ ଓ ଷୋଡ଼ଶ ଅର୍ଥ କମିଶନ ଯୋଜନାରେ ଆଗାମୀ ପାଞ୍ଚବର୍ଷ ନିମନ୍ତେ ଏଭଳି ଯୋଜନା ପ୍ରସ୍ତୁତ କରିବା ଯେପରି ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ସ୍ୱୟଂ ସମ୍ପର୍ଣ୍ଣ ହେବା ସହିତ ଦୀର୍ଘସ୍ଥାୟୀ ନ୍ୟୁନତମ ଆବଶ୍ୟକତା ପୂରଣ କରିପାରିବ । ବିଭିନ୍ନ ବିଭାଗୀୟ ବିଷୟ ଓ ଯୋଜନା ସମ୍ପର୍କିତ ଆଲୋଚନା ଏଥିରେ ସ୍ଥାନ ପାଇଥିଲା । ସାତୋଟି ପର୍ଯ୍ୟାୟରେ ଚାରୋଟି ଲେଖାଏଁ ଗ୍ରାମ ପଞ୍ଚାୟତକୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହେବ। ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀଯୁକ୍ତ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ବ୍ଲକରେ ଏହି କର୍ମଶାଳା ଅନୁଷ୍ଠିତ ହେଉଛି।

## ବଡ଼ସାହି କଲେଜରେ ବନମହୋତ୍ସବ

ବଡ଼ସାହି (ନିପ୍ର): ସ୍ଥାନୀୟ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍ ଏସ୍ ଏସ୍) ଆନୁକୂଲ୍ୟରେ ବନମହୋତ୍ସବ ସପ୍ତାହ ଅଧ୍ୟକ୍ଷ ଛତିଶ କୁମାର ଦାସଙ୍କ ପୌରହିତ୍ୟରେ ପାଳନ କରାଯାଇଛି। ଏଥିରେ ଏନସିସି ଅଫିସର ପାର୍ଥ ସରାଇ ବିଶ୍ୱାଳ, ୱାଇଆରସି ଅଫିସର ଗୁଲୁ ସୋରେନ, ସୁକାନ୍ତ ଦାସ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ସହିତ କଲେଜ କ୍ୟାମ୍ପସରେ ବୃକ୍ଷ ରୋପଣ କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ରିତୁ ଲତା ବିଶ୍ୱାଳଙ୍କ ପରିଚାଳନାରେ 'ମା ପାଇଁ ଗଛ ଟିଏ ' ଲଗାଇବା ପ୍ରତ୍ୟେକ ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଶେଷରେ ସ୍ୱେଚ୍ଛାସେବୀ, ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀଙ୍କ ଉପସ୍ଥିତିରେ 'ଏକ ପେଡ ମା କେ ନାମ' ସ୍ଲୋଗାନ ମାଧ୍ୟମରେ ପରିବେଶକୁ ସବୁଜ ସୁନ୍ଦର ରଖିବା ନେଇ ଶପଥ ପାଠ କରାଯାଇଥିଲା।

## ହିଞ୍ଜିଳିକାଟୁ ଠିକାଦାର ସଂଘର ବୈଠକ

ହିଞ୍ଜିଳିକାଟୁ,(ନି.ପ୍ର): ବୁରୁପଡ଼ା ମା' ଶ୍ୟାମଳାଇ ମନ୍ଦିର କଲ୍ୟାଣ ମଣ୍ଡପଠାରେ ବୁଧବାର ହିଞ୍ଜିଳିକାଟୁ ଠିକାଦାର ସଂଘର ତୃତୀୟ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଠିକାଦାରମାନଙ୍କ ସ୍ୱାର୍ଥ ସୁରକ୍ଷା,ସଂଘର ଏକତା ବଜାୟ ରଖିବା ଏବଂ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ସଂଘର ସମସ୍ତ ସଦସ୍ୟ ସରକାରୀ ବିଭାଗର ସମସ୍ତ ଇ-ଟେଣ୍ଡର ଓ ଅଫଲାଇନ୍ ଟେଣ୍ଡରରେ କେବଳ ସରକାରୀ ଧାର୍ଯ୍ୟ ସିଡ୍ୟୁଲ ରେଟ୍ ଅନୁଯାୟୀ ବିଡ୍ କରିବେ। କୌଣସି ସଦସ୍ୟ ସିଡ୍ୟୁଲ ରେଟ୍‌ଠାରୁ କମ୍ ଦରରେ ଟେଣ୍ଡର ଦାଖଲ କରିବେ ନାହିଁ। ଅନ୍ୟ ଏକ ପ୍ରସ୍ତାବ ଅନୁଯାୟୀ କୌଣସି ସଦସ୍ୟ ଠିକାଦାର ସଂଘର ନିଷ୍ପତ୍ତିକୁ ଅମାନ୍ୟ କରି ସିଡ୍ୟୁଲ ରେଟ୍‌ଠାରୁ କମ୍ ଦରରେ ବିଡ୍ କରି ସରକାରୀ କାର୍ଯ୍ୟ ହାସଲ କଲେ, ସେହି ଠିକାଦାରଙ୍କୁ ଉକ୍ତ କାର୍ଯ୍ୟର ଆନୁମାନିକ ମୂଲ୍ୟ ସଂଘ ନିଷ୍ପତ୍ତି ଅନୁସାରେ ହିଞ୍ଜିଳିକାଟୁ ଠିକାଦାର ସଂଘ ନିକଟରେ ଜମା କରିବାକୁ ପଡ଼ିବ ଓ ଭବିଷ୍ୟତରେ ସଂଘର ନିଷ୍ପତ୍ତି ଓ ନିୟମାବଳୀକୁ କଡ଼ାକଡ଼ି ପାଳନ କରିବା ସହ ଉଲ୍ଲଂଘନକାରୀ ସଦସ୍ୟଙ୍କ ବିରୋଧରେ ସାଙ୍ଗଠନିକ ନିୟମ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଭାରେ ସ୍ପଷ୍ଟ କରାଯାଇଥିଲା।

## ପିଏମ ସୂର୍ଯ୍ୟଘର ଯୋଜନା ପ୍ରତି ଜନସାଧାରଣଙ୍କ ଆଗ୍ରହ ବୃଦ୍ଧି



ଖଣ୍ଡପଡ଼ା,(ନି.ପ୍ର): ବିଦ୍ୟୁତ ଶକ୍ତିର ବିକଳ୍ପ ଭାବେ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ସୌରଶକ୍ତିର ସୁବିନିଯୋଗ ନେଇ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ପରି ଲୋକହିତକର ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଏବେ ଏହି ଯୋଜନା ପ୍ରତି ଜନସାଧାରଣଙ୍କ ଆଗ୍ରହ ପରିଲକ୍ଷିତ ହେଉଥିବା ଜଣାପଡିଛି। ଗତ ୨ ବର୍ଷ ମଧ୍ୟରେ ଏହି ଯୋଜନାର ସେତେଟା ସଫଳ ରୁପାୟନ ହୋଇ ପାରି ନଥିଲେ ହେଁ ଗତ ୬ ମାସ ମଧ୍ୟରେ ଖଣ୍ଡପଡ଼ା ଅଞ୍ଚଳର ଏକାଧିକ ଜନସାଧାରଣ ଏହି ଯୋଜନାରେ ସାମିଲ ହୋଇଥିବା ବେଳେ ଆଗାମୀ ଦିନରେ ଅନେକ ବ୍ୟକ୍ତିବିଶେଷ ଏହି ଯୋଜନାରେ ସାମିଲ ହେବା ନିମନ୍ତେ ଅନଲାଇନ ଜରିଆରେ ଆବେଦନପତ୍ର ଦାଖଲ କରିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ଏକଦା ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ସଫଳ ରୂପାୟନ ନେଇ ସାଧାରଣରେ ସଚେତନତା ସୃଷ୍ଟି କରାଯାଇଥିଲା। ସୂଚନାଯୋଗ୍ୟ ବିଦ୍ୟୁତ ବିତରଣ କମ୍ପାନି ଟାଟା ପାୱାର କର୍ତ୍ତୃପକ୍ଷଙ୍କ ମନମାନି ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟ, ଲୋ ଭୋଲଟେଜ ସମସ୍ୟାକୁ ନେଇ ଖଣ୍ଡପଡ଼ା ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରି ଆସୁଥିବା ବେଳେ ଏ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ପ୍ରତି ବିଦ୍ୟୁତ ଉପଭୋକ୍ତାମାନେ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ କଥା ଅଟେ। ପୁନଶ୍ଚ ଏହି ଯୋଜନାରେ କେନ୍ଦ୍ର ସରକାର ସବସିଡି ପ୍ରଦାନ କରିବାର ବ୍ୟବସ୍ଥା କରିଥିବାରୁ ଏବେ ଘରେ ଘରେ ୩ କିଲୋ ୱାଟ ପର୍ଯ୍ୟନ୍ତ ସୌର ବିଦ୍ୟୁତ ଶକ୍ତି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଉପଲବ୍ଧ ହେଉଥିବା ଜଣାପଡିଛି। ସମୟାନୁକ୍ରମେ ଶହଶହ ବ୍ୟକ୍ତି ଏହି ଯୋଜନାରେ ସାମିଲ ହେଲେ ବିଦ୍ୟୁତ ଶକ୍ତି ସଂଚୟ ହେବାର ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡିଛି। ଖଣ୍ଡପଡ଼ା ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଏବେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହେଉଥିବା ବେଳେ ଯୋଜନାର ସଫଳ ରୂପାୟନ ଦିଗରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ, ପଞ୍ଚାୟତ ଜନପ୍ରତିନିଧି ଓ ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ପରମ୍ପରା ଅନୁଯାୟୀ ଶ୍ରୀଜିଉମାନଙ୍କ ହେବ ରଥଯାତ୍ରା

କଟକ(ନିପ୍ର) : ଚଳିତ ବର୍ଷ କଟକରେ ରଥଯାତ୍ରା ସଫଳ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ( ରାଜସ୍ୱ) ଡଃ ଦିବ୍ୟଲୋଚନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ସହ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ରଥର ସୁରକ୍ଷା ପାଇଁ ରଥ ଗତି କରୁଥିବା ପଥଗୁଡିକରୁ ବିଦ୍ୟୁତ ତାର, ଟିଭି କେବୁଲ ତାର ସହ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ବିଛା ଯାଇଥିବା କେବୁଲ ତାର ଅପସାରଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ସମ୍ପର୍କରେ ଆଲୋଚନା କରିବା ସହ ରଥ ରହଣିସ୍ଥଳ ମାନଙ୍କରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ଆଶୁ ଚିକିତ୍ସା , ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆଦି ସମ୍ବନ୍ଧରେ ଆଲୋଚନା କରିଥିଲେ । ଦେଖାଦେଉଥିବା କେବୁଲ ତାର ଅପସାରଣ ର ସମସ୍ୟା ନିମନ୍ତେ ସଦର ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ନିରିକ୍ଷକ ଦଳ ରଥଯାତ୍ରା ଅନୁଷ୍ଠିତ ହେଉଥିବା ସ୍ଥାନ ଗୁଡିକ ପରିଦର୍ଶନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରଯାଇଥିଲା । ସହରରେ ହରିପୁର-ଦୋଳମୁଣ୍ଡାଇ ଏବଂ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିର, ତୁଳସୀପୁର, ପିଠାପୁର, ଯୋବ୍ରା ସହ ଚଳିତ ବର୍ଷ ନୂତନ ଭାବେ ଅନୁଷ୍ଠିତ ହେବାକୁ ଥିବା ସିଡିଏ ସେକ୍ଟର- ୬ ସ୍ଥିତ ଜଗନ୍ନାଥ ମନ୍ଦିର ଆଦି ସ୍ଥାନମାନଙ୍କରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନଙ୍କ ରଥଯାତ୍ରା ଅନୁଷ୍ଠିତ ହେବ । ରଥଯାତ୍ରାରେ ଧାର୍ମିକ ମନୋଭାବ ସହ କର୍ତ୍ତବ୍ୟ ପରାୟଣ ହୋଇ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜର କାର୍ଯ୍ୟ ସଂପାଦନ କରି ଚଳିତ ବର୍ଷ ରଥଯାତ୍ରାକୁ ସରସ ,ସୁନ୍ଦର ଓ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ବୈଠକରେ ଆଲୋଚନା କରଯାଇଥିଲା।

## ଟି ସି ଏଚ ୱେଲଫେର୍ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ

ନିରାକାରପୁର(ନିପ୍ର): ପରିବେଶ ସୁରକ୍ଷା ଏବଂ ସବୁଜିମାର ସୁରକ୍ଷା ପାଇଁ ଏକ ସ୍ଲାଘନୀୟ ପଦକ୍ଷେପ ସ୍ୱରୂପ 'ଟି ସି ଏଚ ୱେଲଫେର୍ ଟ୍ରଷ୍ଟ ' ପକ୍ଷରୁ ଗତ ସୋମବାର ଦିନ ଖଜୁରୀପଡ଼ା ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ସୌକତ ଅଲ୍ଲୀ ଶାହା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉମା କୁମାରୀ ଦେଇ, ଶିକ୍ଷକ ପ୍ରଦୀପ କୁମାର ମହାପାତ୍ର ଏବଂ ସୋମନାଥ ବାହିନୀପତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ମିର୍ଜା ସାନୱାର ବେଗ, ମାନସ ରଞ୍ଜନ ପଟ୍ଟନାୟକ ଓ ହରମୋହନ ମଙ୍ଗରାଜଙ୍କ ସମେତ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଉତ୍ସାହର ସହ ବୃକ୍ଷରୋପଣ କରିଥିଲେ।ଏହି ଅବସରରେ ଅତିଥି ଓ ବକ୍ତାମାନେ ବର୍ତ୍ତମାନର ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପରିବେଶର ସନ୍ତୁଳନ ରକ୍ଷା କରିବା ଏବଂ ଏକ ସୁସ୍ଥ, ସବୁଜ ପୃଥିବୀ ଗଠନ ପାଇଁ ଅଧିକରୁ ଅଧିକ ଗଛ ଲଗାଇବା ସହ ସେଗୁଡ଼ିକର ଉପଯୁକ୍ତ ଯତ୍ନ ଓ ସୁରକ୍ଷା ନେବାକୁ ସେମାନେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଆହ୍ୱାନ ଦେଇଥିଲେ।

## ନଦୀବନ୍ଧ ଉପରୁ ବନ୍ୟାଜଳ ଦେଖିଲେ ଅବା ସେଲ୍‌ଫି ନେଲେହେବ କାର୍ଯ୍ୟାନୁଷ୍ଠାନ

କଟକ (ନିପ୍ର):ହୀରାକୁଦ ଜଳଭଣ୍ଡାରରୁ ଆସନ୍ତାକାଲି (୯ ଜୁଲାଇ) ବନ୍ୟାଜଳ ନିଷ୍କାସନ ହେବାକୁ ଥିବାରୁ କଟକ ଜିଲ୍ଲାରେ କୃତ୍ରିମ ବନ୍ୟା ଏବଂ ନଦୀ ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ସାଧାରଣ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସହିତ କୌଣସି ଅଘଟଣକୁ ଏଡ଼ାଇବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଡିଡିଏମଏ)ର ଅଧ୍ୟକ୍ଷ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ର ଧାରା-୩୪ ଅନୁଯାୟୀ ବିଭିନ୍ନ କଟକଣା ଜାରି କରିଛନ୍ତି। ଜାରି ହୋଇଥିବା ଆଦେଶ ଅନୁଯାୟୀ ମହାନଦୀ ଏବଂ ଏହାର ସମସ୍ତ ଶାଖା ନଦୀରେ ଗାଧୋଇବା, ପହଁରିବା ଓ ଅନ୍ୟ କୌଣସି ମନୋରଞ୍ଜନମୂଳକ କିମ୍ବା ବ୍ୟବସାୟିକ କାର୍ଯ୍ୟକଳାପ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି।କଟକ ମହାନଗର ନିଗମ (କେଏମସି) କମିଶନର ଏବଂ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନଦୀ ଘାଟଗୁଡ଼ିକରେ ମାଇକ୍ ଯୋଗେ ସାଧାରଣ ଲୋକଙ୍କୁ ସଚେତନ କରିବା ସହ ନିରନ୍ତର ତଦାରଖ ପାଇଁ ନୋଡାଲ ଅଧିକାରୀ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମ୍ପୃକ୍ତ ଥାନାର ସମସ୍ତ ଥାନା ଅଧିକାରୀ (ଆଇଆଇସି) ଏବଂ ପୁଲିସ ପାଟ୍ରୋଲିଂ ଟିମ୍‌କୁ ଏହି କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଏବଂ ଲୋକଙ୍କୁ ନଦୀ ଘାଟକୁ ଯିବାରୁ ବାରଣ କରିବାକୁ କୁହାଯାଇଛି। ଏଥିସହ ଜିଲ୍ଲାର ସମସ୍ତ ବାଲିଘାଟ ମାନଙ୍କର କାର୍ଯ୍ୟକଳାପ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରହିବ। ମହାନଦୀ ଏବଂ ଏହାର ଉପନଦୀ ଉପରେ ଥିବା ସମସ୍ତ ସେତୁ, ବ୍ୟାରେଜ (ମୁଣ୍ଡଳି ଓ ଯୋବ୍ରା ସମେତ) ଏବଂ ନଦୀବନ୍ଧ ଉପରେ ବନ୍ୟାଜଳ ଦେଖିବା, ସେଲ୍‌ଫି ନେବା, ଫଟୋ ଉଠାଇବା କିମ୍ବା ଭିଡିଓ ରେକର୍ଡିଂ କରିବା ଉଦ୍ଦେଶ୍ୟରେ ଭିଡ଼ ଜମାଇବା, ବୁଲାବୁଲି କରିବା କିମ୍ବା ବିପଦପୂର୍ଣ୍ଣ ଭାବେ ନଦୀକୂଳ ନିକଟକୁ ଯିବାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହି ଆଦେଶ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୫୧ରୁ ୬୦ ଏବଂ ପ୍ରଯୁଜ୍ୟ ଅନ୍ୟାନ୍ୟ ଆଇନ ଅନୁଯାୟୀ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜନ୍ମମାଟି ଆଠଗଡରେ ନିରଞ୍ଜନ ରଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଆଠଗଡ,(ନିପ୍ର) : ବିଶିଷ୍ଟ ସମାଜସେବୀ, ବିଦ୍ୱାନ, ପ୍ରବୀଣ ସାମ୍ବାଦିକ, ସାରସ୍ୱତ ସାଧକ, ଲୋକସେବକ ମଣ୍ଡଳର ପ୍ରାକ୍ତନ ଉପସଭାପତି ତଥା 'ସମାଜର ପୂର୍ବତନ ପ୍ରକାଶକ ଓ ମୁଦ୍ରାକର ପଣ୍ଡିତ ନିରଞ୍ଜନ ରଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ବୁଧବାର ନିଜର ଜନ୍ମ ମାଟି ଆଠଗଡରେ ପାଳିତ ହୋଇଯାଇଛି । ପଣ୍ଡିତ ନିରଞ୍ଜନ ରଥ ସ୍ମୃତି ସଂସଦ ଓ ତାଙ୍କ ପରିବାର ପକ୍ଷରୁ ଆୟୋଜିତ ଏହି ଶ୍ରାଦ୍ଧୋତ୍ସବ ଅବସରରେ ପ୍ରତ୍ୟୁଷରେ ସ୍ଥାନୀୟ ଭାଗିରଥି ସାଗର (ବଡ ପୋଖରୀ)ଠାରେ ସାମୁହିକ ତିଳତର୍ପଣ କରାଯିବା ପରେ ଚାନ୍ଦବାଲି ଛକସ୍ଥିତ ହନୁମାନ ମନ୍ଦିରରେ ସୁନ୍ଦରାକାଣ୍ଡ କରାଯାଇଥିଲା। ପୂର୍ବାହ୍ନ ୧୧.୩୦ରେ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସ୍ମୃତି ସଂସଦର ସଭାପତି ତଥା ସମାଜସେବୀ ରାମ ନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲେ । ଏଥିରେ ଅତିଥି ଭାବେ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବଡମ୍ବା-ନରସିଂହପୁରର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ସ୍ମୃତି ସଂସଦର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ.ବିଜୟାନନ୍ଦ ସିଂହ, ବିଶିଷ୍ଟ ସାହିତ୍ୟିକ ଡ.ନାରାୟଣ ପଣ୍ଡା, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘର ସମ୍ପାଦକ ପ୍ରମୋଦ ମହାନ୍ତି ଓ ସ୍ମୃତି ସଂସଦର ଉପଦେଷ୍ଟା ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡିତ ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପଣ୍ଡିତ ନିରଞ୍ଜନ ରଥଙ୍କ ପରି ଜଣେ ଯୋଗଜନ୍ମା ବ୍ୟକ୍ତିଙ୍କୁ ଜନ୍ମ ଦେଇ ଆଠଗଡ ମାଟି ଧନ୍ୟ ହୋଇଛି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଏବଂ ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ସେବା ମନ୍ତ୍ରରେ ଦିକ୍ଷିତ ହୋଇ ଶ୍ରୀ ରଥ ନିଜ ଜୀବନକୁ ମନବସେବାରେ ଉତ୍ସର୍ଗ କରିଥିଲେ । ଶିକ୍ଷା, ସାହିତ୍ୟ, ସାମ୍ବାଦିକତା, ସମାଜସେବା କ୍ଷେତ୍ରକୁ ତାଙ୍କର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

## ବିଜେପିକୁ ସଂଗଠିତ କରିବା ପାଇଁ ଯୁବକଙ୍କୁ ଗୁରୁତ୍ୱ




ନିମାପଡ଼ା,(ନି.ପ୍ର.): ନିମାପଡ଼ା ବିଜେପି ସଂଗଠନକୁ ତୃଣମୂଳସ୍ତରରୁ ମଜବୁତ କରିବା ନିମନ୍ତେ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି ସ୍ଥାନୀୟ ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ଯୁବକମାନେ ଦେଶର ଭବିଷ୍ୟତ ଏବଂ ଏମାନେ ଯେତେ ଶୃଙ୍ଖଳିତ ହେବେ ଦେଶ ସେହି ଅନୁସାରେ ଆଗେଇବ ବୋଲି ଶ୍ରୀମତି ପରିଡ଼ା ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ନିମାପଡ଼ା ଏନ୍ଏସି ମଣ୍ଡଳସ୍ତରୀୟ ଯୁବ ସମାବେଶରେ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଯୁବକଙ୍କ ପାଇଁ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ପ୍ରଣୟନ କରିଥିବା ବେଳେ ଗ୍ରାମାଞ୍ଚଳ ଯୁବକ ତାହାର ସୁଯୋଗ ନେବା ପାଇଁ ଆହ୍ୱାନ ଦିଆଯାଇଥିଲା । ନଗର ଏନ୍ଏସି ସଭାପତି ଭାବେ ସାଇ ପ୍ରୀତମ ପଟ୍ଟନାୟକ, ଉପ-ସଭାପତି ଜ୍ୟୋତି ରଂଜନ ସ୍ୱାଇଁ, ସ୍ୱରୂପ ଜୟଦେବ ଭଟ୍ଟ, ଯୋଗେନ୍ଦ୍ର ବାରିକ, ପ୍ରଦୀପ୍ତ ମଲ୍ଲିକଙ୍କୁ ବିଭିନ୍ନ ଦାୟିତ୍ୱ ଅର୍ପଣ କରାଯାଇଥିଲା । ମଣ୍ଡଳ ସଂପାଦକ ଭାବେ ଶିବ ପ୍ରସାଦ ସାହୁ, ଅମିତ ପରିଜା, ଶ୍ରୀତମ ମହାନ୍ତି, ସୁବାଶିଷ ଦୀକ୍ଷିତଙ୍କୁ ମନୋନୀତ କରାଯାଇ ପ୍ରତି ୱାର୍ଡ଼ ଯୁବକ ମାନଙ୍କୁ ଏକତ୍ରିତ କରି ସମସ୍ୟା ସମାଧାନ ସହିତ ଦଳୀୟ ସଂଗଠନ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ।

## ଜରିପଡା ଶନିମନ୍ଦିର ଖେଳପଡିଆ ସି ସି ରାସ୍ତା ନିମ୍ନମାନର

### କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ



ବୋଲଗଡ଼,(ନିପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ଗମନାଗମନର ବିକାଶ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ତାହା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଅନ୍ତର୍ଗତ ସାଗରଗାଁ ଗ୍ରାମପଞ୍ଚାୟତ ଜରିପଡା ଗ୍ରାମରେ । ବ୍ଲକ ପ୍ରଶାସନ ପଞ୍ଚାୟତ ପାଣ୍ଠି ଜରିଆରେ ଗାଁ ଗୁଡ଼ିକରେ ବ୍ୟାପକ ଭାବରେ ସିସି ରୋଡ୍ ନିର୍ମାଣ କରୁଛନ୍ତି । ତେଣୁ ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାରେ ଜରିପଡା ଶନିମନ୍ଦିର ଖେଳପଡିଆ ସି ସି ରାସ୍ତା ନିର୍ମାଣ ପାଇଁ ୫ଲକ୍ଷ ୨୫ହଜାର ୫ଶହ ୨୭ଟଙ୍କା ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେଇଥିବାବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକାରେ ଗତମାସ ଏପ୍ରିଲ ୨୦ ତାରିଖରେ ନିମ୍ନମାନର ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି । ଏହି ସିମେଣ୍ଟ କଂକ୍ରିଟ ନିମ୍ନମାନର ରାସ୍ତାକାର୍ଯ୍ୟ ଢଳେଇ ପଡ଼ିବାର ୪ ମାସେ ନ ପୂରୁଣୁ ମଝି ରାସ୍ତା ଫାଟି ଆଁ କଲାଣି। ଏନେଇ ଜରିପଡା ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କିନ୍ତୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଓ ଦାୟିତ୍ୱରେ ଥିବା ସରକାରୀ ବିଭାଗର ଯନ୍ତ୍ରୀଙ୍କ ପ୍ରିୟାପ୍ରୀତି ତୋଷଣ ଯୋଗୁଁ ରାସ୍ତାଟି ନିମ୍ନମାନର ନିର୍ମାଣ ହେଉଥିବା ବେଳେ ସ୍ଥାୟିତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଖୋର୍ଦ୍ଧା ଜିଲ୍ଲା ଉର୍ନ୍ନୟନ ଅଧିକାରୀ ଓ ବୋଲଗଡ଼ ବିଡ଼ିଓ ସୁମନ ସୁଧା କୁଣ୍ଡୁ ଏହାର ତଦନ୍ତ କରି ଶୀଘ୍ର ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ପ୍ରତି ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଜରିପଡା ଗ୍ରାମବାସୀ ଦାବୀ କରିଛନ୍ତି ।

CMYK



ତିଥି :(ନବମୀ): (ଅଶ୍ୱିନୀ ମେଷ)
ଅମୃତ ବେଳା: ଦିବା ଘ ୨।୫୬ ରୁ ଘ ୦୫।୨୦ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ।।

- ଶ୍ରୀମଦ୍ ଭଗବଦ୍ ଗୀତା

# କାର୍ଯ୍ୟାନୁଷ୍ଠାନ ହେଉ

ଶ୍ରୀଜଗନ୍ନାଥ ସଂସ୍କୃତି ସନାତନ ଧର୍ମ ଆଧାରିତ। ସନାତନ ଶବ୍ଦର ଅର୍ଥ ଯାହା ଥିଲା,ଅଛି ଓ ରହିବ। ଏ ବିଶ୍ୱ ପାଇଁ ଆବଶ୍ୟକ ଭ୍ରାତୃଭାବ, ମୈତ୍ରୀ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ,ଯାହାର ମାର୍ଗପ୍ରଦର୍ଶକ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ,ଭଉଣୀଙ୍କୁ ଧରି ଓହ୍ଲାଇଆସନ୍ତି ବଡଦାଣ୍ଡକୁ ସେହିସବୁ ବାର୍ତ୍ତା ଧରି ଯାହା ବିଶ୍ୱ ପାଇଁ କାଳକାଳ ପାଇଁ ଆବଶ୍ୟକ। କେହି ହେଲେ ଏଠାରେ ଅଡ଼ି ବସନ୍ତିନାହିଁ ଅଦିନିଆ ରଥଯାତ୍ରା ପାଇଁ। କାରଣ ଶାସ୍ତ୍ରୀୟ ବିଧିରେ ହୁଏ ଏଠାକାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ,ଏହା ସ୍କନ୍ଦପୁରାଣ ଆଧାରିତ। କାହାରିକୁ ନିମନ୍ତ୍ରଣ ହୁଏନା ଏ ଯାତ୍ରାରେ,ଅଥଚ ଲକ୍ଷଲକ୍ଷ ଭକ୍ତ ଉପସ୍ଥିତ ହୁଅନ୍ତି ଏ ଯାତ୍ରାରେ ଯାହା ବିଶ୍ୱରେ ବିରଳ। ବଡ଼ଠାକୁରଙ୍କ ପାଇଁ ହିଁ ବଡଦାଣ୍ଡ।

କିନ୍ତୁ ଅଶାସ୍ତ୍ରୀୟ ଭାବରେ ଏକ ଜଣାଶୁଣା ଅନ୍ତର୍ଜାତୀୟ ସଂଗଠନ ଅଦିନର ସ୍ନାନଯାତ୍ରା,ରଥଯାତ୍ରା ଆୟୋଜନ କରୁଛନ୍ତି। ପ୍ରଶ୍ନ ଉଠୁଛି ବିଶ୍ୱର ଯେ କୌଣସି କୋଣରେ ମନଇଚ୍ଛା ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜନ କରାଯାଇପାରିବ ନାହିଁ, ଅଶାସ୍ତ୍ରୀୟ ଭାବରେ କେବେ ବି ନୁହେଁ। ମୂଳପୀଠର ଧାରାରୁ ଯିଏ ଚ୍ୟୁତ ହୁଏ ତାହାଠାରେ ଔଦ୍ଧତ୍ୟ ,ଅହଙ୍କାର ହିଁ ପ୍ରକାଶ ପାଏ। ତାହା କେବେ ବି ଗ୍ରହଣୀୟ ନୁହେଁ। ଗଣମାଧ୍ୟମର ଏକ ଖବର ଅନୁଯାୟୀ ନିକଟ ଅତୀତରେ ବିଦେଶରେ ଅନ୍ୟୂନ ୧୧ ଥର ରଥଯାତ୍ରା ଆୟୋଜିତ ହୋଇସାରିଛି। ଅଷ୍ଟ୍ରେଲିଆରେ ହୋଇଛି ସ୍ନାନଯାତ୍ରା। ଅ-ତିଥିରେ ରଥଯାତ୍ରା ଆୟୋଜନ ନ କରିବାକୁ ପୁରୀ ଗଜପତି ମହାରାଜ ଉକ୍ତ ସଂଗଠନକୁ ତାଗିଦ କରିବା ସତ୍ତ୍ୱେ ନ ମାନିବାରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରି ଚିଠି ଲେଖିଛନ୍ତି। କୁହାଯାଉଛି ଯେ ଉକ୍ତ ସଂସ୍ଥା ଦେଶ ଭିତରେ ଅଦିନିଆ ରଥଯାତ୍ରା ଆୟୋଜନ ନ କରିବା ପାଇଁ ଲିଖିତ ଭାବରେ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଛି। ଯଦି ଜଣାଇଛି ଏହି ସଂଗଠନ ବିଦେଶରେ ଅଦିନରେ ରଥଯାତ୍ରା ଆୟୋଜନକାରୀଙ୍କୁ ବାରଣ କରିବା କଥା, ମାତ୍ର ତାହା କରୁଥିବା ପରି ମନେ ହେଉନାହିଁ। ଶାସ୍ତ୍ରୀୟ ବିଧିରେ ରହିଥାଏ ଶୃଙ୍ଖଳା । ଶୃଙ୍ଖଳାକୁ ଅବଜ୍ଞା ଯିଏ କରନ୍ତି ତାଙ୍କୁ ବୋଲାଯାଏ ବିଶୃଙ୍ଖଳ। ସୁତରାଂ ଏହି ବିଶୃଙ୍ଖଳକାରୀଙ୍କୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ କଡାକଡ଼ି ଭାବରେ ଦମନ କରିବା ଆବଶ୍ୟକ ପଡୁଛି। ତା'ନୋହିଲେ ମୁହଁ ବଢ଼ିବ ସିନା କମିବ ନାହିଁ।

# ପଞ୍ଚକୋଷ : ଆତ୍ମବିକାଶର ସୋପାନ

## ନିର୍ମଳ କୁମାର ରଣା

ଶିକ୍ଷାର ଉଦ୍ଦେଶ୍ୟ କେବଳ ସୂଚନା ପ୍ରଦାନ କିମ୍ବା ଜୀବିକା ଅର୍ଜନର ଉପାୟ ସୃଷ୍ଟି କରିବା ନୁହେଁ; ବରଂ ଏପରି ଜଣେ ମଣିଷ ଗଢ଼ି ତୋଳିବା, ଯିଏ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ସନ୍ତୁଳିତ, ବୌଦ୍ଧିକ ଭାବେ ପ୍ରଖର, ନୈତିକ ଭାବେ ଦୃଢ଼ ଏବଂ ଆଧ୍ୟାତ୍ମିକ ଭାବେ ସଚେତନ। ଏହି ସର୍ବାଙ୍ଗୀଣ ମାନବ ବିକାଶର ଧାରଣା ଭାରତୀୟ ଜ୍ଞାନ ପରମ୍ପରାରେ ହଜାର ହଜାର ବର୍ଷ ପୂର୍ବରୁ ତୈତ୍ତିରୀୟ ଉପନିଷଦରେ "ପଞ୍ଚକୋଷ ତତ୍ତ୍ୱ" ରୂପେ ପ୍ରତିପାଦିତ ହୋଇଥିଲା। ଜାତୀୟ ଶିକ୍ଷାନୀତି–୨୦୨୦ ମଧ୍ୟ ଏହି ସମନ୍ୱିତ ଶିକ୍ଷାଦର୍ଶନକୁ ନୂତନ ପ୍ରସଙ୍ଗରେ ପୁନଃସ୍ଥାପିତ କରିଛି। ଉପନିଷଦ କହେ, ମଣିଷ କେବଳ ଶରୀର ନୁହେଁ। ତାହାର ଅସ୍ତିତ୍ୱ ପାଞ୍ଚଟି ଆବରଣ ବା କୋଷରେ ବିକଶିତ ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଏବଂ ଆନନ୍ଦମୟ। ଏହି ପାଞ୍ଚଟି ସ୍ତରର ସୁସମ ବିକାଶ ହିଁ ପ୍ରକୃତ ଶିକ୍ଷା ଓ ପ୍ରକୃତ ମାନବ ଗଠନର ମୂଳମନ୍ତ୍ର। ପ୍ରଥମସ୍ତର ଅନ୍ନମୟ କୋଷ। ଏହା ମଣିଷର ସ୍ଥୁଳ ଶରୀର। ଅନ୍ନରୁ ଶରୀରର ଜନ୍ମ, ବୃଦ୍ଧି ଓ ପୋଷଣ ହୁଏ। ସେଥିପାଇଁ ସୁସ୍ଥ ଶରୀର ବିନା କୌଣସି ଉଚ୍ଚତର ବିକାଶ ସମ୍ଭବ ନୁହେଁ। ପୌଷ୍ଟିକ ଖାଦ୍ୟ, ସ୍ୱଚ୍ଛତା, ନିୟମିତ ବ୍ୟାୟାମ, ଯୋଗାଭ୍ୟାସ ଓ ସୁସ୍ଥ ଜୀବନଶୈଳୀ ଏହି କୋଷକୁ ସୁଦୃଢ଼ କରେ। ଆଜି ବିଦ୍ୟାଳୟରେ କ୍ରୀଡ଼ା, ଯୋଗ ଓ ସ୍ୱାସ୍ଥ୍ୟ ଶିକ୍ଷାକୁ ଯେଉଁ ଗୁରୁତ୍ୱ ଦିଆଯାଉଛି, ତାହାର ମୂଳ ଏହି ଦର୍ଶନରେ ନିହିତ।ଦ୍ୱିତୀୟ ସ୍ତର ପ୍ରାଣମୟ କୋଷ। ଏହା ଜୀବନଶକ୍ତିର ଆଧାର। ଶ୍ୱାସ-ପ୍ରଶ୍ୱାସ, ରକ୍ତସଞ୍ଚାଳନ, ପାଚନ ଓ ସମସ୍ତ ଜୀବନକ୍ରିୟା ଏହି ପ୍ରାଣଶକ୍ତି ଦ୍ୱାରା ପରିଚାଳିତ ହୁଏ। ଯୋଗ, ପ୍ରାଣାୟାମ, ଶୁଦ୍ଧ ବାୟୁ, ଶୃଙ୍ଖଳିତ ଦୈନନ୍ଦିନ ଜୀବନ ଏହି କୋଷକୁ ସକ୍ରିୟ ରଖେ। ଦ୍ରୁତଗତିର ଆଧୁନିକ ଜୀବନରେ ଶାରୀରିକ କ୍ଲାନ୍ତି ସହ ମାନସିକ ଅବସାଦ ବଢୁଥିବା ବେଳେ ପ୍ରାଣମୟ କୋଷର ସନ୍ତୁଳନ ଅଧିକ ପ୍ରାସଙ୍ଗିକ ହୋଇଉଠିଛି। ତୃତୀୟ ସ୍ତର ମନୋମୟ କୋଷ। ମଣିଷର ମନ, ଭାବନା, କଳ୍ପନା, ସମ୍ବେଦନଶୀଳତା ଓ ମୂଲ୍ୟବୋଧ ଏହି ସ୍ତର ସହ ଜଡ଼ିତ। ଆଜିର ସମାଜରେ ଚାପ, ପ୍ରତିଯୋଗିତା ଓ ଡିଜିଟାଲ ନିର୍ଭରତା ମଣିଷର ମାନସିକ ସନ୍ତୁଳନକୁ ପ୍ରଭାବିତ କରୁଛି। ଏପରି ସମୟରେ ସାହିତ୍ୟ, ସଙ୍ଗୀତ, କଳା,




ଧ୍ୟାନ, ପ୍ରାର୍ଥନା, ପରିବାରିକ ସଂସ୍କାର ଓ ସକାରାତ୍ମକ ପରିବେଶ ମନୋମୟ କୋଷକୁ ସୁସ୍ଥ ରଖିବାର ଶ୍ରେଷ୍ଠ ଉପାୟ। ଚତୁର୍ଥ ସ୍ତର ବିଜ୍ଞାନମୟ କୋଷ। ଏହା ବୁଦ୍ଧି, ବିବେକ, ବିଚାରଶକ୍ତି ଓ ଜ୍ଞାନର କେନ୍ଦ୍ର। କେବଳ ତଥ୍ୟ ସଂଗ୍ରହ କରିବା ଶିକ୍ଷା ନୁହେଁ; ସଠିକ୍ ନିଷ୍ପତ୍ତି ନେବା, ସତ୍ୟ-ଅସତ୍ୟର ବିଚାର କରିବା ଓ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବା ହେଉଛି ପ୍ରକୃତ ଜ୍ଞାନ। ତେଣୁ ଶିକ୍ଷାରେ ପ୍ରଶ୍ନ କରିବାର ସ୍ୱାଧୀନତା, ସୃଜନଶୀଳତା, ଗବେଷଣାମନସ୍କତା ଓ ସମସ୍ୟା ସମାଧାନର କୌଶଳକୁ ଗୁରୁତ୍ୱ ଦେବା ଆବଶ୍ୟକ।ସବୁଠାରୁ ଅନ୍ତର୍ନିହିତ ସ୍ତର ଆନନ୍ଦମୟ କୋଷ । ଏହା ମଣିଷର ଅନ୍ତର୍ଶାନ୍ତି, କରୁଣା, ସେବାଭାବ, ସତ୍ୟନିଷ୍ଠା ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ। ବାହ୍ୟ ସଫଳତା କ୍ଷଣସ୍ଥାୟୀ ଆନନ୍ଦ ଦେଇପାରେ, କିନ୍ତୁ ସ୍ଥାୟୀ ଶାନ୍ତି ଆସେ ଅନ୍ତରର ପରିଶୁଦ୍ଧତାରୁ। ତେଣୁ ଭାରତୀୟ ଦର୍ଶନ ସଦା କହିଆସିଛି, ଜ୍ଞାନର ଚରମ ଲକ୍ଷ୍ୟ କେବଳ ଜୀବିକା ନୁହେଁ, ଜୀବନର ପରିଷ୍କାର। ପଞ୍ଚକୋଷ ତତ୍ତ୍ୱର ସବୁଠାରୁ ବଡ଼ ବିଶେଷତା ହେଉଛି ଏହା ମଣିଷକୁ ଖଣ୍ଡ ଖଣ୍ଡ ଭାବେ ନୁହେଁ, ଏକ ସମ୍ପୂର୍ଣ୍ଣ ସତ୍ତା ଭାବେ ଦେଖେ। ଏଠାରେ ଶରୀର, ପ୍ରାଣ, ମନ, ବୁଦ୍ଧି ଓ ଆତ୍ମଚେତନା ପରସ୍ପର ପୂରକ। ଏହି କାରଣରୁ ଆଜି ସାରା ବିଶ୍ୱରେ ସମଗ୍ର ଶିକ୍ଷା, ଯୋଗ, ଧ୍ୟାନ, ମୂଲ୍ୟବୋଧ ଶିକ୍ଷା ଓ ମାନସିକ ସ୍ୱାସ୍ଥ୍ୟ ଉପରେ ବଢୁଥିବା ଗୁରୁତ୍ୱ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତାକୁ ପୁନଃ ପ୍ରତିଷ୍ଠିତ କରୁଛି। ଜାତୀୟ ଶିକ୍ଷାନୀତି–୨୦୨୦ ମଧ୍ୟ ଶିକ୍ଷାକୁ କେବଳ ପରୀକ୍ଷାକେନ୍ଦ୍ରିକ ନ କରି, ସର୍ବାଙ୍ଗୀଣ ବ୍ୟକ୍ତିତ୍ୱ ବିକାଶର ମାଧ୍ୟମ ଭାବେ ଦେଖିଛି। ଏହି ଦୃଷ୍ଟିରୁ ପଞ୍ଚକୋଷ ତତ୍ତ୍ୱ କେବଳ ଆଧ୍ୟାତ୍ମିକ ଆଲୋଚନାର ବିଷୟ ନୁହେଁ; ଏହା ଆଧୁନିକ ଶିକ୍ଷା, ପରିବାର, ସମାଜ ଓ ରାଷ୍ଟ୍ର ଗଠନର ଏକ ସମୟୋପଯୋଗୀ ଦିଗଦର୍ଶନ। ଆଜି ଆବଶ୍ୟକ କେବଳ ଉଚ୍ଚଶିକ୍ଷିତ ନୁହେଁ, ବରଂ ସୁସଂସ୍କୃତ, ସମ୍ବେଦନଶୀଳ, ଚରିତ୍ରବାନ୍ ଓ ଦାୟିତ୍ୱବାନ୍ ନାଗରିକ। ପଞ୍ଚକୋଷ ତତ୍ତ୍ୱ ଆମକୁ ସେହି ମାର୍ଗ ଦେଖାଏ, ଯେଉଁଠାରେ ଶିକ୍ଷାର ଲକ୍ଷ୍ୟ କେବଳ ସଫଳତା ନୁହେଁ, ବରଂ ମଣିଷତ୍ୱର ପୂର୍ଣ୍ଣ ବିକାଶ।

ପୁରୁଣାକଟକ, ବୌଦ୍ଧ, ମୋ :୯୯୩୭୬୬୯୫୫୧

# ବିଦ୍ୟାଳୟ ପରିଚାଳନା କମିଟି ଓ ବର୍ତ୍ତମାନର ବାସ୍ତବତା

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

> "ନିୟମାନୁସାରେ ପ୍ରତ୍ୟେକ ମାସରେ ସ୍କୁଲ ପରିଚାଳନା କମିଟିର ବୈଠକ ବସିବା କଥା। କିନ୍ତୁ ଅଧିକାଂଶ ବିଦ୍ୟାଳୟରେ କେବଳ ସରକାରୀ ଯାଞ୍ଚ ସମୟରେ କିମ୍ବା ବାର୍ଷିକ ଉତ୍ସବ ବେଳେ ବିଦ୍ୟାଳୟ କମିଟି କାଗଜପତ୍ରରେ ସକ୍ରିୟ ହୁଏ। ପରିଚାଳନା କମିଟି ଗଠନ ବେଳେ ରାଜନୈତିକ ଚାପ ଏବଂ ଅଯଥା ହସ୍ତକ୍ଷେପ ଯୋଗୁଁ ଯେଉଁ ବ୍ୟକ୍ତିମାନେ ସ୍କୁଲର ବିକାଶ ପାଇଁ ସକ୍ରିୟ ଭୂମିକା ନେବାକୁ ଆଗ୍ରହୀ ସିଏ ପଛରେ ପଡ଼ିଯାଆନ୍ତି। ସ୍କୁଲ ପ୍ରଶାସନରେ ଅନାବଶ୍ୟକ ତତ୍ତ୍ୱଙ୍କ ପ୍ରବେଶ ହୁଏ। ଅନେକ ସମୟରେ ସ୍କୁଲ କର୍ତ୍ତୃପକ୍ଷଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ କମିଟି ସଦସ୍ୟ ବୈଠକରେ ଯୋଗ ଦିଅନ୍ତି ନାହିଁ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କିଛିଦିନ ତଳେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରିବାକୁ ଦିଶାନିର୍ଦ୍ଦେଶ ଜାରିକରାଯାଇଛି। ପୁରୁଣା ସ୍କୁଲ କମିଟିର କାର୍ଯ୍ୟକାଳ ୩୦ ଜୁନ ୨୦୨୬ ରେ ଶେଷ ହୋଇଛି। ଏହି ପ୍ରକ୍ରିୟା ଜୁଲାଇ ଏକ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ଯାଏଁ ଚାଲିବ। ଜୁଲାଇ ୨୨ ସୁଦ୍ଧା କମିଟି ଗଠନର ସମସ୍ତ ରିପୋର୍ଟ ଓ ତଥ୍ୟ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଓସେପାର ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବ। ପୂର୍ବରୁ ବିଦ୍ୟାଳୟରେ ପ୍ରାଥମିକ ଶ୍ରେଣୀ ପାଇଁ ବିଦ୍ୟାଳୟ ପରିଚାଳନା କମିଟି, ଏସ୍ଏମ୍ସି ଏବଂ ଉଚ୍ଚବିଦ୍ୟାଳୟ ପାଇଁ ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟି, ଏସ୍ଏମ୍ଡ଼ିସି ନାମରେ ଦୁଇଟି ଅଲଗା ଅଲଗା କମିଟି ରହୁଥିଲା। ବର୍ତ୍ତମାନ ସେହି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଗୋଟିଏ ବିଦ୍ୟାଳୟ ପାଇଁ କେବଳ ଗୋଟିଏ ପରିଚାଳନା କମିଟି ଗଠନ କରାଯିବ। କାମକୁ ସହଜ ଓ ସରଳ କରିବା ପାଇଁ ମୁଖ୍ୟ ବିଦ୍ୟାଳୟ ପରିଚାଳନା କମିଟି ଅଧୀନରେ ଦୁଇଟି ସ୍ୱତନ୍ତ୍ର ଉପ-କମିଟି - 'ବିଦ୍ୟାଳୟ ଗୃହ କମିଟି' ଏବଂ 'ଶିକ୍ଷା ସମ୍ବନ୍ଧୀୟ କମିଟି' ରହିବ ଯାହା ଯଥାକ୍ରମେ ବିଦ୍ୟାଳୟ ଭିତ୍ତିଭୂମି, ପାଚେରି, ମରାମତି ଓ ସୁରକ୍ଷା ଏବଂ ପିଲାଙ୍କ ପାଠପଢ଼ା ଗୁଣବତ୍ତା, ଉପସ୍ଥାନ ଏବଂ ସଫଳତା ଉପରେ କାର୍ଯ୍ୟ କରିବେ, ନଜର ରଖିବେ।

କମିଟିର ସମୁଦାୟ ସଦସ୍ୟଙ୍କ ମଧ୍ୟରୁ ୭୫ ପ୍ରତିଶତ ସଦସ୍ୟ କେବଳ ଛାତ୍ରଛାତ୍ରୀଙ୍କ ମାତାପିତା କିମ୍ବା ଅଭିଭାବକ ହେବେ। ଏଥିରେ ଅତିକମରେ ୫୦ ପ୍ରତିଶତ ମହିଳା ସଦସ୍ୟ ରହିବା ବାଧ୍ୟତାମୂଳକ। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟ ପଛୁଆ ବର୍ଗ ଏବଂ ଭିନ୍ନକ୍ଷମ ପିଲାଙ୍କ ଅଭିଭାବକଙ୍କୁ ମଧ୍ୟ ନୂଆ କମିଟିରେ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିବ। ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକାଳ ଦୁଇ ବର୍ଷ ରହିବ। ମୁଖ୍ୟ କମିଟିର କିଛି ସଦସ୍ୟ ନିଶ୍ଚିତ ଭାବରେ ଉପ-କମିଟିରେ ରହିବେ। ସ୍କୁଲ ପରିଚାଳନା କମିଟିର କିଛି ମନୋନୀତ ସଦସ୍ୟଙ୍କୁ ନେଇ ଏହି ଦୁଇଟି ଉପ-କମିଟି ଗଠିତ ହେବ। ମୁଖ୍ୟ କମିଟିର ସଦସ୍ୟ ଉପ-କମିଟିର ମୁଖ୍ୟ ଦାୟିତ୍ୱ ଯଥା - ଆବାହକ ବା ଆଲୋଚନାକାରୀ ଭାବେ କାର୍ଯ୍ୟ କରିବେ। ଆବଶ୍ୟକସ୍ଥଳେ, ସ୍ଥାନୀୟ ଅଞ୍ଚଳର କୌଣସି ଜ୍ଞାନୀ, ଗୁଣୀ ବ୍ୟକ୍ତି କିମ୍ବା ଅବସରପ୍ରାପ୍ତ ଶିକ୍ଷକଙ୍କୁ ଶିକ୍ଷା ସମ୍ବନ୍ଧୀୟ କମିଟିରେ ସହଯୋଜନ କରାଯାଇପାରେ। ସେହିପରି ଗୃହ କମିଟି ପାଇଁ ଜଣେ ସ୍ଥାନୀୟ ମିସ୍ତ୍ରୀ, ବିଶେଷଜ୍ଞ ଅଥବା ଇଞ୍ଜିନିୟରଙ୍କୁ ସହ-ସଦସ୍ୟ ଭାବେ ସାମିଲ କରାଯାଇପାରେ। ଉପ-କମିଟି ଯାହା ନିଷ୍ପତ୍ତି ନେବ ତାହା ମୁଖ୍ୟ କମିଟିକୁ ଜଣାଇବ। ପ୍ରତ୍ୟେକ ଉପ-କମିଟିରେ ୫ ରୁ ୭ ଜଣ ଲେଖାଏଁ ସଦସ୍ୟ ରହିପାରିବେ। ବିଦ୍ୟାଳୟର ଆବଶ୍ୟକତା ଆଧାରରେ ଉପ-କମିଟି ବୈଠକ ମାଧ୍ୟମରେ ଏକ ପ୍ରସ୍ତାବ କିମ୍ବା ରିପୋର୍ଟ ପ୍ରସ୍ତୁତ କରିବେ। ମୁଖ୍ୟ କମିଟିର ମାସିକ ବୈଠକରେ ତାହା ଉପସ୍ଥାପିତ ହେବ। ସବିଶଦ ଆଲୋଚନା ପର୍ଯ୍ୟାଲୋଚନା ପରେ ସଂଖ୍ୟାଗରିଷ୍ଠ ସହମତି ମିଳିଲେ ପ୍ରସ୍ତାବ ପାରିତ ହେବ। ଅନୁମୋଦନ ମିଳିବ। ମୁଖ୍ୟ ସମିତିର ଅଧ୍ୟକ୍ଷ ଓ ସଦସ୍ୟ ସଚିବ, ପ୍ରଧାନଶିକ୍ଷକ ସମ୍ପୃକ୍ତ ନିଷ୍ପତ୍ତିକୁ ସ୍କୁଲ କାର୍ଯ୍ୟବିବରଣୀ ବହିରେ ଲିପିବଦ୍ଧ କରିବେ ଓ କମିଟିର ସମସ୍ତ ସଦସ୍ୟ ସ୍ୱାକ୍ଷର କରିବେ। ତେବେଯାଇ ପ୍ରସ୍ତାବଟି ଗୃହୀତ ହୋଇଛି ବୋଲି ଧରାଯିବ। ବିଦ୍ୟାଳୟ ଗୃହ କମିଟି ସ୍କୁଲର ଭିତ୍ତିଭୂମି ଓ ସୁରକ୍ଷା ବ୍ୟବସ୍ଥା ବୁଝିବ। ସ୍କୁଲ କୋଠା, ଶ୍ରେଣୀ ଗୃହ ଓ ପାଚେରୀ ମରାମତି ଇତ୍ୟାଦି କାର୍ଯ୍ୟର ତଦାରଖ କରିବ। ପିଲାମାନଙ୍କ ପାଇଁ ସଫା ପିଇବା ପାଣି ଏବଂ ପୁଅ ଓ ଝିଅଙ୍କ ପାଇଁ ପୃଥକ ଶୌଚାଳୟର ସୁବିଧା ସୁନିଶ୍ଚିତ କରିବ। ସ୍କୁଲ ପରିବେଶକୁ ପିଲାମାନଙ୍କ ପାଇଁ ସୁରକ୍ଷିତ ରଖିବ। ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଠିକ୍ କରିବ। ଶିକ୍ଷା ସମ୍ବନ୍ଧୀୟ କମିଟି ପିଲାଙ୍କ ପାଠପଢ଼ା ଏବଂ ଗୁଣବତ୍ତା ଉପରେ ନଜର ରଖିବ। ଶତ ପ୍ରତିଶତ ନାମଲେଖା ଏବଂ କେହି ଯେମିତି ପାଠ ନଛାଡ଼ନ୍ତି ତାହା ନିଶ୍ଚିତ କରିବ। ଶିକ୍ଷାର ମାନ ତଦାରଖ କରିବା ସହିତ ଶିକ୍ଷକମାନେ ନିୟମିତ ପାଠ ପଢ଼ାଉଛନ୍ତି ନା ନାହିଁ ଓ ପିଲାମାନେ ଠିକ୍ ଭାବେ ଶିଖୁଛନ୍ତି ନା ନାହିଁ ଦେଖିବ। ବିଦ୍ୟାଳୟ ମଧ୍ୟାହ୍ନ ଭୋଜନର ଗୁଣବ□। ଏବଂ ସ୍ୱାସ୍ଥ୍ୟକର ପରିବେଶ ଯାଞ୍ଚ କରିବ। ମୁଖ୍ୟ କମିଟିର ଆର୍ଥିକ ଓ ପ୍ରଶାସନିକ ଦାୟିତ୍ୱ ରହିଛି। ପ୍ରତିବର୍ଷ ସ୍କୁଲର ବିକାଶ ପାଇଁ ୩ ବର୍ଷିଆ ବା ବାର୍ଷିକ ଯୋଜନା ପ୍ରସ୍ତୁତ କରି ସରକାରଙ୍କ ନିକଟରେ ଦାଖଲ କରିବ। ସରକାରଙ୍କ ତରଫରୁ ସ୍କୁଲକୁ ଆସୁଥିବା ସମସ୍ତ ଅନୁଦାନ ଯେପରି ସଠିକ୍ କାମରେ ଖର୍ଚ୍ଚ ହୁଏ ଓ ସେଥିରେ ପୂର୍ଣ୍ଣ ସ୍ୱଚ୍ଛତା ରହେ ତାହା ନିଶ୍ଚିତ କରିବ। ପ୍ରତି ମାସରେ ଅଭିଭାବକ-ଶିକ୍ଷକ ବୈଠକ ଆୟୋଜନ କରିବ। ପିଲାଙ୍କ ପ୍ରଗତି ଉପରେ ଆଲୋଚନା ହେବ। ଗାଁ କିମ୍ବା ୱାର୍ଡ ଅଞ୍ଚଳରେ ଥିବା ୬ ରୁ ୧୪ ବର୍ଷର ସମସ୍ତ ପିଲା ବିଶେଷ ଭାବେ କନ୍ୟା ସନ୍ତାନ, ଏସସି, ଏସଟି ଏବଂ ଭିନ୍ନକ୍ଷମ ପିଲା ଯେପରି ସ୍କୁଲ ଆସିବେ, ନାମ ଲେଖାଇବେ, ତାହା ସୁନିଶ୍ଚିତ କରିବ। କୌଣସି ପିଲା ଯେପରି ମଝିରୁ ପାଠ ନଛାଡ଼ନ୍ତି, ସେଥିପାଇଁ ନଜର ରଖିବ। ଯଦି କେହି କୌଣସି କାରଣ ବଶତଃ ୭ କିମ୍ବା ତତୋଧିକ ସମୟ ସ୍କୁଲ ଆସୁନାହିଁ, ତେବେ ତାର କାରଣ ବୁଝିବା ସହ ତାକୁ ପୁଣି ସ୍କୁଲକୁ ଆଣିବା ବ୍ୟବସ୍ଥା କରିବ। ଶିକ୍ଷକମାନେ ଠିକ୍ ସମୟରେ ସ୍କୁଲ ଆସୁଛନ୍ତି ନା ନାହିଁ ଏବଂ ନିର୍ଦ୍ଧାରିତ ପାଠ୍ୟଖସଡ଼ା ଅନୁଯାୟୀ ଶିକ୍ଷାଦାନ କରୁଛନ୍ତି ନା ନାହିଁ ତାହା ଦେଖିବ। ପାଠପଢ଼ାରେ ଦୁର୍ବଳ ଥିବା ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର କ୍ଲାସ ମାଧ୍ୟମରେ ପ୍ରତିକାରାତ୍ମକ ଶିକ୍ଷାଦାନର ବ୍ୟବସ୍ଥା କରାଇବ। ବିଦ୍ୟାଳୟ ପରିବେଶକୁ ସରସ, ସୁନ୍ଦର, ସାବଲୀଳ ଓ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବାକୁ ଆପ୍ରାଣ ଉଦ୍ୟମ ଜାରି ରଖିବ। ସରକାରଙ୍କ ତରଫରୁ ମିଳୁଥିବା ସମସ୍ତ ଅନୁଦାନର ସୁବିନିଯୋଗ ହେଉଛି ନା ନାହିଁ ତା ଉପରେ ତୀକ୍ଷ୍ଣ ନଜର ରଖିବ। ସ୍କୁଲ କୋଠା, ଶ୍ରେଣୀ ଗୃହ, ପାଚେରି ଓ ଖେଳ ପଡ଼ିଆର ନିର୍ମାଣ କିମ୍ବା ମରାମତି କାର୍ଯ୍ୟ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଇବ। ପିଲାଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଏବଂ ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଏବଂ କାର୍ଯ୍ୟକ୍ଷମ ଶୌଚାଳୟର ବ୍ୟବସ୍ଥା କରାଇବ। ବିଦ୍ୟାଳୟ ପରିସରରେ କୌଣସି ବିପଦପୂର୍ଣ୍ଣ ଜିନିଷ ଯେପରିକି ଖୋଲା ବିଦ୍ୟୁତ ତାର, ଭଙ୍ଗା କୋଠା କିମ୍ବା ଖୋଲା କୂଅ ଇତ୍ୟାଦି ଯେପରି ନରହେ, ତାହା ଅନୁଧ୍ୟାନ କରି ତୁରନ୍ତ ହଟାଇବାର ବନ୍ଦୋବସ୍ତ କରିବ। ପିଲାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା କମିଟିର ଅନ୍ୟ ଏକ ବଡ଼ କାର୍ଯ୍ୟ। ପ୍ରତିଦିନ ପିଲାମାନଙ୍କୁ ମିଳୁଥିବା ମଧ୍ୟାହ୍ନ ଭୋଜନର ମେନ୍ୟୁ ଓ ଏହାର ଗୁଣବ□। ଯାଞ୍ଚ କରିବ। ରୋଷେଇ ଘର ଯେପରି ସଫାସୁତୁରା ରହିବ ତାହା ଦେଖିବ। ସ୍କୁଲରେ ପିଲାମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଏବଂ ସେମାନଙ୍କୁ ଆଇରନ ବଟିକା ଓ କୃମିନାଶକ ଔଷଧ ଠିକ୍ ଭାବେ ଉପଲବ୍ଧ ହେଉଛି ନା ନାହିଁ ତଦାରଖ କରିବ। ଆଗାମୀ ବର୍ଷ ବିଦ୍ୟାଳୟର କେଉଁ କେଉଁ ଜରୁରି କାମ ହାତକୁ ନିଆଯିବ ଯଥା - କମ୍ପ୍ୟୁଟରୀକରଣ, ନୂତନ ଶ୍ରେଣୀ ଗୃହ ନିର୍ମାଣ, ପୁସ୍ତକାଗାରର ଉନ୍ନତିକରଣ ଇତ୍ୟାଦିର ଏକ ବାର୍ଷିକ ଯୋଜନା ପ୍ରସ୍ତୁତ କରି ସରକାରଙ୍କୁ ପଠାଇବ। ସ୍କୁଲକୁ ଆସୁଥିବା ସମସ୍ତ ଅନୁଦାନ, ମରାମତି ପାଣ୍ଠି ଇତ୍ୟାଦିର ସଠିକ୍ ବିନିଯୋଗ କରିବା ସହିତ ଏହାର କାର୍ଯ୍ୟବିବରଣୀ ବହିରେ ସଦସ୍ୟମାନଙ୍କ ସମ୍ମତି ସହ ଦସ୍ତଖତ କରାଇବ। ସ୍କୁଲକୁ କେତେ ଟଙ୍କା ଆସିଲା ଏବଂ କେଉଁ କାମରେ କେତେ ଖର୍ଚ୍ଚ ହେଲା, ତାହାର ଏକ ରେକର୍ଡ ବୋର୍ଡ ସ୍କୁଲ କାନ୍ଥରେ ପ୍ରସ୍ତୁତ କରିବ ଓ ସର୍ବସାଧାରଣଙ୍କୁ ଅବଗତ କରାଇବ। ଏସମସ୍ତ କାର୍ଯ୍ୟର ସମୀକ୍ଷା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ପ୍ରତି ମାସରେ ଅତିକମ୍‌ରେ ଗୋଟିଏ ବୈଠକ ବସିବା ବାଧ୍ୟତାମୂଳକ, ଯେଉଁଠି ସବୁ ନିଷ୍ପତ୍ତି ଲିଖିତ ଆକାରରେ ନିଆଯିବ।

ସରକାରଙ୍କ ବିଶାଳକାୟ ଦିଶାନିର୍ଦ୍ଦେଶ ଆଧାରରେ ବାସ୍ତବ କ୍ଷେତ୍ରରେ ସମସ୍ତ ଦାୟିତ୍ୱ ସଠିକ୍ ଭାବେ ନିର୍ବାହ କରିବା ବିଦ୍ୟାଳୟ ପରିଚାଳନା କମିଟି ପାଇଁ ଏକ ବଡ଼ ଆହ୍ୱାନ। ବିଦ୍ୟାଳୟ ପରିଚାଳନାରେ ସ୍ଥାନୀୟ ଅଭିଭାବକ ଓ ସମାଜର ସହଯୋଗିତା ଏବଂ ସହଭାଗିତା ବୃଦ୍ଧି କରିବା ଏସ୍ଏମ୍ସି ଗଠନର ମୂଳ ଉଦ୍ଦେଶ୍ୟ। କହିବାକୁ ବିଦ୍ୟାଳୟ ସ୍ତରରେ ଗଠିତ ଏହି କମିଟିରେ ୭୫% ଅଭିଭାବକ ତ ରୁହନ୍ତି; କିନ୍ତୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ଅଭିଭାବକ ଅସଚେତନ। ସେମାନେ ନିଜର ଦାୟିତ୍ୱ ଏବଂ ଅଧିକାର ସମ୍ପର୍କରେ ଅବଗତ ନଥିବାରୁ ସ୍କୁଲ ପରଚଳନା କେବଳ ଶିକ୍ଷକମାନଙ୍କର କାମ ବୋଲି ଚିନ୍ତା କରିଥାନ୍ତି। ପୁଣି ଅନେକ ଅଭିଭାବକ ଶ୍ରମିକ, ଚାଷୀ କିମ୍ବା ଦିନମଜୁରିଆ ଶ୍ରେଣୀର। ତାଙ୍କ ପାଖେ ସମୟର ଘୋର ଅଭାବ ଥାଏ।

ଏଡ଼ି ଚଳିଲେ ତାଙ୍କ ପରିବାରର ଥୋଡ଼ି ଚଳେ। ଏପରିସ୍ଥଳେ ଶିକ୍ଷା ଅପେକ୍ଷା ସେମାନେ ନିଜର କୌଳିକ ବୃତ୍ତି ଉପରେ ପ୍ରାଥମିକତା ଦେବା ସ୍ୱାଭାବିକ। ନିୟମ ଅନୁଯାୟୀ ଏସ୍ଏମ୍ସି ସ୍କୁଲ କାର୍ଯ୍ୟକଳାପ ତଥା ପାଣ୍ଠି ଖର୍ଚ୍ଚ ଉପରେ ନଜର ରଖିବା କଥା। କିନ୍ତୁ ବାସ୍ତବ କଥା ହେଲା ସ୍କୁଲର ପ୍ରଧାନଶିକ୍ଷକ ଯାହା କୁହନ୍ତି ସଦସ୍ୟମାନେ ସେଥିରେ ହଁ ଭରନ୍ତି। କେତେକ କ୍ଷେତ୍ରରେ ଏହାର ବିପରୀତ ସ୍ଥିତି ଦେଖିବାକୁ ମିଳେ। କିଛି ସଦସ୍ୟ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପ୍ରଧାନଶିକ୍ଷକଙ୍କ ସହ ଭିଡ଼ି ଯାଆନ୍ତି। ଅସହଯୋଗ କରନ୍ତି। ମିଛ ଅଭିଯୋଗ ଆଣନ୍ତି। ସ୍କୁଲ ଓ କମିଟି ମଧ୍ୟରେ ଯେଉଁଭଳି ପାରସ୍ପରିକ ବିଶ୍ୱାସ ଏବଂ ସମ୍ପର୍କ ରହିବା କଥା ତାହା ରହେନାହିଁ। ନିୟମାନୁସାରେ ପ୍ରତ୍ୟେକ ମାସରେ ସ୍କୁଲ ପରିଚାଳନା କମିଟିର ବୈଠକ ବସିବା କଥା। କିନ୍ତୁ ଅଧିକାଂଶ ବିଦ୍ୟାଳୟରେ କେବଳ ସରକାରୀ ଯାଞ୍ଚ ସମୟରେ କିମ୍ବା ବାର୍ଷିକ ଉତ୍ସବ ବେଳେ ବିଦ୍ୟାଳୟ କମିଟି କାଗଜପତ୍ରରେ ସକ୍ରିୟ ହୁଏ। ପରିଚାଳନା କମିଟି ଗଠନ ବେଳେ ରାଜନୈତିକ ଚାପ ଏବଂ ଅଯଥା ହସ୍ତକ୍ଷେପ ଯୋଗୁଁ ଯେଉଁ ବ୍ୟକ୍ତିମାନେ ସ୍କୁଲର ବିକାଶ ପାଇଁ ସକ୍ରିୟ ଭୂମିକା ନେବାକୁ ଆଗ୍ରହୀ ସିଏ ପଛରେ ପଡ଼ିଯାଆନ୍ତି। ସ୍କୁଲ ପ୍ରଶାସନରେ ଅନାବଶ୍ୟକ ତତ୍ତ୍ୱଙ୍କ ପ୍ରବେଶ ହୁଏ। ଅନେକ ସମୟରେ ସ୍କୁଲ କର୍ତ୍ତୃପକ୍ଷଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ କମିଟି ସଦସ୍ୟ ବୈଠକରେ ଯୋଗ ଦିଅନ୍ତି ନାହିଁ। ପ୍ରଧାନ ଶିକ୍ଷକ, ଯିଏ କମିଟିର ଆବାହକ ସଦସ୍ୟ ତାଙ୍କୁ କାର୍ଯ୍ୟବିବରଣୀ ବହିରେ ଲିପିବଦ୍ଧ କରି ଘରୁ ତାଙ୍କର ସନ୍ତକ ନେଇଯିବାକୁ ଅନୁରୋଧ କରନ୍ତି। ମିଟିଂ ହୁଏ ନାହିଁ। ବିନା ଆଲୋଚନାରେ ନିଷ୍ପତ୍ତି ହୁଏ। କାଗଜପତ୍ରରେ ଏସ୍ଏମ୍ସି ଚାଲେ। ମଧ୍ୟାହ୍ନ ଭୋଜନ, ପୋଷାକ ବଣ୍ଟନ ଆଦି ବ୍ୟକ୍ତିଗତ ସ୍ୱାର୍ଥ ଥିବା କାମରେ କମିଟି ସଦସ୍ୟଙ୍କ ସକ୍ରିୟତା ଦେଖିବାକୁ ମିଳେ। ଅନେକ ସମୟରେ କମିଟି ସଦସ୍ୟ ନିଜର ବଡ଼ପଣିଆ ଦେଖାଇବାକୁ ଯାଇ ବିଦ୍ୟାଳୟ କର୍ମଚାରୀଙ୍କ ବିରୁଦ୍ଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ମିଛ ଅଭିଯୋଗ କରିଥାନ୍ତି। ଏହାଦ୍ୱାରା କର୍ମଚାରୀଙ୍କ ମନୋବଳ ଭାଙ୍ଗେ। ବିଦ୍ୟାଳୟ ପ୍ରତି ସେମାନଙ୍କ ଆନ୍ତରିକତା କମେ। ବିଦ୍ୟାଳୟ ବିକାଶରେ ବାଧା ସୃଷ୍ଟି ହୁଏ। ସରକାରୀ ଅନୁଦାନର ଉଚିତ୍ ଲାଭ ମିଳେନାହିଁ। ତୃଣମୂଳ ସ୍ତରରେ ବିଦ୍ୟାଳୟ ପରିଚାଳନା କମିଟିର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। କାଗଜପତ୍ର ମଧ୍ୟରେ ସୀମିତ। ସଚେତନତା ଅଭାବରୁ ଏସ୍ଏମ୍ସି ସଦସ୍ୟଙ୍କ ତାଲିକା କାଗଜପତ୍ରରେ ପ୍ରସ୍ତୁତ ହୋଇଯାଏ ଯାହା ବିଦ୍ୟାଳୟ ପାଇଁ ଶୁଭଙ୍କର ନୁହେଁ। ଉଭୟ ପକ୍ଷ ମଧ୍ୟରେ ସମ୍ପର୍କ, ସନ୍ତୁଳନ ଓ ସମନ୍ୱୟ ରହିଲେ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ହୁଅନ୍ତା।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
୭୯୭୮୨ ୮୩୧୯୦

# ଆଭ୍ୟନ୍ତରୀଣ ସ୍ଥିତିକୁ ନେଇ ବଢୁଛି ଚିନ୍ତା !

## ସୌଭାଗ୍ୟ ମହାନ୍ତି

> "ଚର୍ଚ୍ଚାହେଉଛି ଉପରିସ୍ଥ ଅଧିକାରୀଙ୍କ ବ୍ୟବହାର, କାର୍ଯ୍ୟର ଅତିରିକ୍ତ ବୋଝ କିମ୍ବା ପ୍ରଶାସନିକ ସ୍ୱାଧୀନତାର ଅଭାବ ଯୋଗୁଁ ଯଦି ଜଣେ ପ୍ରତିଷ୍ଠିତ ଆଇପିଏସ୍ ଅଧିକାରୀ ନିଜକୁ ଅସହାୟ ମଣୁଛନ୍ତି, ତେବେ ତଳତଳିଆ କର୍ମଚାରୀମାନଙ୍କ ସ୍ଥିତି ଯେ କେତେ ଶୋଚନୀୟ ଥିବ, ତାହା ସହଜରେ କଳ୍ପନା କରାଯାଇପାରେ। ଉକ୍ତ ଡିସିପିଙ୍କ ଇସ୍ତଫାର ପ୍ରକୃତ କାରଣ ଜାଣିବା ପାଇଁ ଗୃହ ବିଭାଗ ପକ୍ଷରୁ ଏକ ଅନ୍ତରୀଣ ଅନୁଧ୍ୟାନ କରାଯିବା ଆବଶ୍ୟକ, ଯଦ୍ୱାରା ଆଗାମୀ ଦିନରେ ଅନ୍ୟ କୌଣସି ଦକ୍ଷ ଅଧିକାରୀଙ୍କୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିବ ନାହିଁ।

ଚାଉଳିଆଗଞ୍ଜ ଆଇଆଇସି ବିୟୁଟି ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ ବେଶି ଦିନ ପୂରିନି, ଭୁବନେଶ୍ୱର ଡିସିପି ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଘଟଣାକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଓଡ଼ିଶା ପୋଲିସ ପ୍ରଶାସନର ଆଭ୍ୟନ୍ତରୀଣ ବ୍ୟବସ୍ଥା ଓ ଏହାର ସ୍ୱଚ୍ଛତାକୁ ନେଇ ଏବେ ସାରା ରାଜ୍ୟରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ଯାହା ସାଧାରଣ ଜନତାଙ୍କ ମନରେ ପୋଲିସ ବିଭାଗ ପ୍ରତି ଥିବା ବିଶ୍ୱାସକୁ ସମ୍ପୂର୍ଣ୍ଣ ଆନ୍ଦୋଳିତ କରିଦେଇଛି। କଟକ ଚାଉଳିଆଗଞ୍ଜ ଥାନାର ଆଇଆଇସି ବିୟୁଟି ମହାନ୍ତିଙ୍କ ରହସ୍ୟଜନକ ଆତ୍ମହତ୍ୟା ଘଟଣାକୁ ମାତ୍ର କିଛି ଦିନ ହୋଇଛି। ହଠାତ୍ ଭୁବନେଶ୍ୱର ଡିସିପି ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ପଦବୀରୁ ଇସ୍ତଫା ଦେବା ଘଟଣା କେବଳ ସାଧାରଣ ଲୋକଙ୍କୁ ଚକିତ କରିନାହିଁ, ବରଂ ସମଗ୍ର ଗୃହ ବିଭାଗ ଓ ପ୍ରଶାସନିକ ସ୍ତରରେ ଏକ ପ୍ରକମ୍ପନ ସୃଷ୍ଟି କରିଛି। ସର୍ବସାଧାରଣରେ ଏବେ ଗୋଟିଏ ପ୍ରଶ୍ନ ଉଠୁଛି ଯେ, ଯେଉଁ ପୋଲିସ ବାହିନୀ ଉପରେ ସମାଜର ଆଇନ ଶୃଙ୍ଖଳା ଓ ସୁରକ୍ଷାର ଗୁରୁ ଦାୟିତ୍ୱ ନ୍ୟସ୍ତ ରହିଛି, ସେହି ବିଭାଗ ନିଜେ କେତେଦୂର ସୁରକ୍ଷିତ ଏବଂ ମାନସିକ ସ୍ତରରେ ସୁସ୍ଥ? ଜଣେ ଦକ୍ଷ ଓ ବରିଷ୍ଠ ୨୦୧୩ ବ୍ୟାଚ୍‌ର ଏହି ଆଇପିଏସ୍ ଅଧିକାରୀ , ଯିଏକି ନିଜର ୧୩ ବର୍ଷର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ଓ ସରକାରୀ ଆୱାର୍ଡ଼ ହାସିଲ କରିଛନ୍ତି, ସେ କେଉଁ ପରିସ୍ଥିତିରେ ପଡ଼ି ଏଭଳି ଏକ ଚରମ ନିଷ୍ପତ୍ତି ନେଲେ, ତାହାକୁ ନେଇ ସନ୍ଦେହର କଳାବାଦଲ ଘନେଇବାରେ ଲାଗିଛି। ସରକାରୀ ସୂତ୍ର ଅନୁଯାୟୀ, ଗତ ରବିବାର ୩୭ ବର୍ଷୀୟ ଏହି ଆଇପିଏସ୍ ଅଧିକାରୀ ରାଜ୍ୟ ସରକାରଙ୍କ ନିକଟକୁ ନିଜର ଇସ୍ତଫାପତ୍ର ପଠାଇଛନ୍ତି ଏବଂ ଯଦି ସରକାର ଏହାକୁ ଗ୍ରହଣ କରନ୍ତି, ତେବେ ସେ ଚାକିରି ଛାଡ଼ି କୌଣସି ପ୍ରାଇଭେଟ୍ କମ୍ପାନୀ ବା ବେସରକାରୀ କ୍ଷେତ୍ରରେ ଉଚ୍ଚ ପଦବୀରେ ଯୋଗଦେବାର ସମ୍ଭାବନା ଉଜ୍ଜଳ ବୋଲି ଶୁଣାଯାଉଛି। କିନ୍ତୁ ପ୍ରଶ୍ନ ଉଠୁଛି, ଭାରତର ସବୁଠାରୁ ପ୍ରତିଷ୍ଠିତ ଆଇପିଏସ୍ ଚାକିରି ଛାଡ଼ି ଜଣେ ଅଧିକାରୀ ବେସରକାରୀ କ୍ଷେତ୍ରକୁ ଯିବା ପାଇଁ କାହିଁକି ବ୍ୟାକୁଳ? ୨୮ ଫେବୃଆରୀ ୨୦୨୫ରେ ଭୁବନେଶ୍ୱରର ଡିସିପି ଭାବେ ନିଯୁକ୍ତି ପାଇବା ପୂର୍ବରୁ ସେ ମାଲକାନଗିରି, ଅନୁଗୁଳ, ଗଞ୍ଜାମ ଭଳି ସମ୍ବେଦନଶୀଳ ଜିଲ୍ଲାରେ ଏସପି ଭାବେ ଏବଂ ପରବର୍ତ୍ତୀ ସମୟରେ କଟକର ଡିସିପି ଭାବେ ସଫଳତାର ସହ କାର୍ଯ୍ୟ କରିସାରିଛନ୍ତି। ଏତେ ସବୁ ସଫଳତା ସତ୍ତ୍ୱେ, ନିଜର କାର୍ଯ୍ୟକାଳ ଭିତରେ ବିଭିନ୍ନ ଆଲୋଚନା ଓ ସମାଲୋଚନା ତାଙ୍କ ପିଛା ଛାଡ଼ିନଥିଲା, ଫଳରେ ସେ ପ୍ରବଳ ମାନସିକ ଚାପ ଓ ଅଣନିଶ୍ୱାସୀ ପରିବେଶ ମଧ୍ୟରେ ରହୁଥିବା ନେଇ ପୋଲିସ ମହଲରେ ଚର୍ଚ୍ଚା ହେଉଛି। ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀଙ୍କୁ କେଉଁ ଅଦୃଶ୍ୟ ରାଜନୈତିକ ବା ପ୍ରଶାସନିକ ଚାପ ଏଭଳି ସ୍ଥିତିକୁ ଠେଲିଦେଲା, ତାହା ଅତ୍ୟନ୍ତ ଗମ୍ଭୀର ବିଷୟ। ପୋଲିସ ବିଭାଗରେ କାର୍ଯ୍ୟର ଅତ୍ୟଧିକ ଚାପ, ଉପରିସ୍ଥ ଅଧିକାରୀଙ୍କ ବ୍ୟବହାର କିମ୍ବା ଆଭ୍ୟନ୍ତରୀଣ ରାଜନୀତି ଯୋଗୁଁ ଯଦି ଜଣେ ଆଇପିଏସ୍ ସୁରକ୍ଷିତ ମଣୁନାହାନ୍ତି, ତେବେ ତଳତଳିଆ କର୍ମଚାରୀଙ୍କ ସ୍ଥିତି କ'ଣ ହୋଇଥିବ, ତାହା ସହଜରେ ଅନୁମେୟ। ବିୟୁଟି ମହାନ୍ତିଙ୍କ କ୍ଷେତ୍ରରେ ଘଟିଥିବା ଦୁଃଖଦାୟକ ଘଟଣା ଏବଂ ତା'ର ତୁରନ୍ତ ପରେ ଡିସିପିଙ୍କ ଇସ୍ତଫା, ଏହି ଦୁଇଟିଯାକ ଘଟଣା ପରସ୍ପର ସହ ଜଡ଼ିତ କିମ୍ବା ପୋଲିସ ବାହିନୀର କୌଣସି ବଡ଼ ବ୍ୟବସ୍ଥାଗତ ତ୍ରୁଟିର ସଙ୍କେତ, ତାହାର ସ୍ପଷ୍ଟୀକରଣ ମିଳିବା ଆବଶ୍ୟକ। ଜନସାଧାରଣଙ୍କ ମନରେ ଉଠୁଥିବା ପ୍ରଶ୍ନ ଓ ଅନୁମାନ ଆଜି ସତ ପ୍ରମାଣିତ ହୋଇଛି, ଯାହା ଦର୍ଶାଉଛି ଯେ ଓଡ଼ିଶା ପୋଲିସ ବିଭାଗ ସନ୍ଦେହ ମୁକ୍ତ ନୁହେଁ। ରାଜ୍ୟ ସରକାର ଏବଂ ଗୃହ ବିଭାଗ ଏହି ସମଗ୍ର ଘଟଣାବଳୀର ଏକ ଗଭୀର, ନିରପେକ୍ଷ ଏବଂ ଉଚ୍ଚସ୍ତରୀୟ ତଦନ୍ତ କରିବା ଉଚିତ୍, ଯଦ୍ୱାରା ଜଣେ ଆଇପିଏସ୍ ଅଧିକାରୀଙ୍କ ଏଭଳି ଆକସ୍ମିକ ଇସ୍ତଫାର ପ୍ରକୃତ କାରଣ ପଦାକୁ ଆସିପାରିବ ଏବଂ ଭୁଶୁଡ଼ି ପଡୁଥିବା ପୋଲିସ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଅଣାଯାଇ ଜନସାଧାରଣଙ୍କ ବିଶ୍ୱାସକୁ ପୁନଃ ପ୍ରତିଷ୍ଠା କରାଯାଇପାରିବ। କଟକ ଚାଉଳିଆଗଞ୍ଜ ଥାନାର ଆଇଆଇସି ବିୟୁଟି ମହାନ୍ତିଙ୍କ ଅକାଳ ବିୟୋଗ ଘଟଣାର ମାତ୍ର ଦୁଇ ଦିନ ଭିତରେ ଭୁବନେଶ୍ୱର ଡିସିପି ବ୍ୟକ୍ତିଗତ କାରଣ ଦର୍ଶାଇ ନିଜ ପଦବୀରୁ ଇସ୍ତଫା ଦେବା ଘଟଣା ସାରା ରାଜ୍ୟରେ ଏବେ ଗଭୀର ଚିନ୍ତା, ବିତର୍କ ଓ ଆଲୋଚନାର ବିଷୟ ପାଲଟିଛି। ରାଜ୍ୟର ଦୁଇଟି ପ୍ରମୁଖ ସହର ତଥା ଯାଆଁଳା ସହର ଭାବେ ପରିଚିତ କଟକ ଏବଂ ଭୁବନେଶ୍ୱର ପୋଲିସ କମିଶନରେଟ୍ ଅଧୀନରେ ଘଟିଥିବା ଏହି ଦୁଇଟି ପୃଥକ ମାତ୍ର ଆକସ୍ମିକ ଘଟଣା ପୋଲିସ ବାହିନୀର ଆଭ୍ୟନ୍ତରୀଣ ବ୍ୟବସ୍ଥା, କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟକ୍ଷେତ୍ରର ପରିବେଶକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣ ଜନତାଙ୍କ ମନରେ ଏହାକୁ ନେଇ ଅନେକ ପ୍ରକାରର ଆଶଙ୍କା ପ୍ରକାଶ ପାଉଥିବା ବେଳେ, ପ୍ରଶାସନିକ ସ୍ତରରେ ଏହାକୁ କିଭଳି ଭାବେ ସୁଧାରାଯାଇପାରିବ ଏବଂ ଅଧିକାରୀମାନଙ୍କ ମଧ୍ୟରେ କାର୍ଯ୍ୟ କରିବାର ଉତ୍ସାହକୁ ବଜାୟ ରଖାଯାଇପାରିବ, ସେ ନେଇ ଏକ ବ୍ୟାପକ ସଂସ୍କାରର ଆବଶ୍ୟକତା ଅନୁଭୂତ ହେଉଛି। ପୋଲିସ ଚାକିରି କେବଳ ଏକ ବୃତ୍ତି ନୁହେଁ, ଏହା ଏକ ଅତ୍ୟନ୍ତ କଠିନ ଏବଂ ଚାପଗ୍ରସ୍ତ ଦାୟିତ୍ୱ। ଜଣେ ପୋଲିସ କର୍ମଚାରୀ କିମ୍ବା ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦିନକୁ ୨୪ ଘଣ୍ଟା ଏବଂ ସପ୍ତାହକୁ ୭ ଦିନ ସତର୍କ ରହିବାକୁ ପଡ଼ିଥାଏ। ସମାଜରେ ଆଇନ ଶୃଙ୍ଖଳା ରକ୍ଷା କରିବା, ଅପରାଧ ନିୟନ୍ତ୍ରଣ କରିବା, ଭିଆଇପି ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ଏବଂ ବିଭିନ୍ନ ପ୍ରକାରର ଜନସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା କାରଣରୁ ସେମାନଙ୍କୁ ବ୍ୟକ୍ତିଗତ ଏବଂ ପାରିବାରିକ ଜୀବନ ପାଇଁ ସମୟ ମିଳିନଥାଏ। ବିଶେଷ କରି ଜଣେ ଡିସିପି କିମ୍ବା ଏସପି ସ୍ତରର ଅଧିକାରୀଙ୍କ ଉପରେ ସମଗ୍ର ସହରର ସୁରକ୍ଷା ଦାୟିତ୍ୱ ରହିଥାଏ, ଯାହାଫଳରେ ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ ମାନସିକ ଚାପର ସାମ୍ନା କରିବାକୁ ପଡ଼େ। ଉକ୍ତ ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାଳ ମଧ୍ୟରେ ଘଟିଥିବା ବିଭିନ୍ନ ଆଲୋଚନା ଓ ସମାଲୋଚନା ତାଙ୍କୁ ମାନସିକ ସ୍ତରରେ ପ୍ରଭାବିତ କରିଥିବା ନେଇ ପୋଲିସ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଲୋକେ କହୁଛନ୍ତି ଯେ ଯଦି ପୋଲିସ ବିଭାଗ ନିଜର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏକ ସୁରକ୍ଷିତ ଏବଂ ଚାପମୁକ୍ତ ପରିବେଶ ଯୋଗାଇବାରେ ବିଫଳ ହେଉଛି, ତେବେ ସାଧାରଣ ଜନତାଙ୍କୁ ସୁରକ୍ଷା କିଭଳି ମିଳିବ? ବରିଷ୍ଠ ଆଇପିଏସ୍ ଅଧିକାରୀମାନଙ୍କର ଏଭଳି ଚାକିରି ଛାଡ଼ି ବେସରକାରୀ ସଂସ୍ଥା ଆଡ଼କୁ ଆକର୍ଷିତ ହେବା ଦର୍ଶାଉଛି ଯେ ସରକାରୀ ବ୍ୟବସ୍ଥା ମଧ୍ୟରେ କେଉଁଠି ନା କେଉଁଠି ବଡ଼ ଧରଣର ବ୍ୟବସ୍ଥାଗତ କ୍ଷୟକ୍ଷତି ଘଟୁଛି। ଚର୍ଚ୍ଚା ହେଉଛି ଉପରିସ୍ଥ ଅଧିକାରୀଙ୍କ ବ୍ୟବହାର, କାର୍ଯ୍ୟର ଅତିରିକ୍ତ ବୋଝ କିମ୍ବା ପ୍ରଶାସନିକ ସ୍ୱାଧୀନତାର ଅଭାବ ଯୋଗୁଁ ଯଦି ଜଣେ ପ୍ରତିଷ୍ଠିତ ଆଇପିଏସ୍ ଅଧିକାରୀ ନିଜକୁ ଅସହାୟ ମଣୁଛନ୍ତି, ତେବେ ତଳତଳିଆ କର୍ମଚାରୀମାନଙ୍କ ସ୍ଥିତି ଯେ କେତେ ଶୋଚନୀୟ ଥିବ, ତାହା ସହଜରେ କଳ୍ପନା କରାଯାଇପାରେ। ଉକ୍ତ ଡିସିପିଙ୍କ ଇସ୍ତଫାର ପ୍ରକୃତ କାରଣ ଜାଣିବା ପାଇଁ ଗୃହ ବିଭାଗ ପକ୍ଷରୁ ଏକ ଅନ୍ତରୀଣ ଅନୁଧ୍ୟାନ କରାଯିବା ଆବଶ୍ୟକ, ଯଦ୍ୱାରା ଆଗାମୀ ଦିନରେ ଅନ୍ୟ କୌଣସି ଦକ୍ଷ ଅଧିକାରୀଙ୍କୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିବ ନାହିଁ। ଓଡ଼ିଶା ପୋଲିସର ଏକ ଗୌରବମୟ ଇତିହାସ ରହିଛି ଏବଂ ଜନସାଧାରଣଙ୍କ ସେବାରେ ଏହି ବାହିନୀ ସଦାସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି। କିନ୍ତୁ ସାମ୍ପ୍ରତିକ ସମୟରେ ଘଟୁଥିବା ଏହିଭଳି ଅପ୍ରୀତିକର ପରିସ୍ଥିତି ବିଭାଗର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଛି। ଜନସାଧାରଣଙ୍କ ମନରେ ଥିବା ସନ୍ଦେହ, ଆଶଙ୍କା ଓ ପ୍ରଶ୍ନବାଚୀକୁ ଦୂର କରିବା ପାଇଁ ସରକାରଙ୍କୁ ଅତ୍ୟନ୍ତ ସ୍ୱଚ୍ଛତା ଓ ସହାନୁଭୂତିର ସହ କାର୍ଯ୍ୟ କରିବାକୁ ହେବ। ପୋଲିସ ବାହିନୀ ମଧ୍ୟରେ ଏକ ଭୟମୁକ୍ତ, ସନ୍ତୁଳିତ ଏବଂ ସହଯୋଗପୂର୍ଣ୍ଣ ପରିବେଶ ସୃଷ୍ଟି କରାଗଲେ ହିଁ ଅଧିକାରୀମାନେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ସମାଜର କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିପାରିବେ ଏବଂ ପ୍ରଶାସନ ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ପୁନଃ ପ୍ରତିଷ୍ଠିତ ହୋଇପାରିବ।

ମୋବାଇଲ: ୯୪୩୭୯୯୪୩୭୯

CMYK

# ଜନଗଣନା ପୁସ୍ତିକା ପ୍ରସ୍ତୁତି ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

ପାରଳାଖେମୁଣ୍ଡି,୮ ।୭(ନିପ୍ର):ଗଜପତି ଜିଲ୍ଲା ଆସନ୍ତା ୨୦୨୭ ଜନଗଣନାକୁ ସୁଚାରୁ, ସଠିକ୍ ଓ ସଫଳ ଭାବେ ସମ୍ପାଦନ କରିବା ସହିତ ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରଶିକ୍ଷଣକୁ ଭୁବନେଶ୍ୱରରୁ ଆସିଥିବା ପ୍ରଶିକ୍ଷକ ଶ୍ରୀ ଅକ୍ଷୟ ଏବଂ ଶ୍ରୀ ଦତ୍ତି ରମେଶ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେମାନେ ଜନଗଣନା ସମ୍ବନ୍ଧୀୟ ବିଭିନ୍ନ ପ୍ରକ୍ରିୟା, ତଥ୍ୟ ସଂଗ୍ରହର ପଦ୍ଧତି, ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତିର ମାନଦଣ୍ଡ ଏବଂ ସଠିକ୍ ତଥ୍ୟ ସଂକଳନର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମାନେ ଅଂଶଗ୍ରହଣକାରୀ ଅଧିକାରୀମାନଙ୍କୁ ଜନଗଣନା କାର୍ଯ୍ୟକୁ ସଠିକ୍, ନିର୍ଭୁଲ ଓ ସମୟାନୁବର୍ତ୍ତୀ ଭାବେ ସମ୍ପାଦନ କରିବା ପାଇଁ ଆବଶ୍ୟକୀୟ ଦିଗଗୁଡ଼ିକ ଉପରେ ବିସ୍ତୃତ ପରାମର୍ଶ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ମଧୁଲିକା ପାତ୍ର , ନିର୍ବାହୀ ଅଧିକାରୀ ପୌର ପରିଷଦ ପାରଳାଖେମୁଣ୍ଡି ଲକ୍ଷ୍ମଣ କୁମାର ମୁର୍ମୁ ସମେତ ଜିଲ୍ଲାର ସମସ୍ତ ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଆଗାମୀ ୨୦୨୭ ଜନଗଣନା କାର୍ଯ୍ୟକୁ ନିର୍ଭୁଲ, ସ୍ୱଚ୍ଛ ଓ ଫଳପ୍ରଦ ଭାବେ ସମ୍ପାଦନ କରିବାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସହାୟକ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ କରାଯାଇଥିଲା ।

# ପୋଖରୀରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ଭାପୁର,୮ ।୭ (ନିପ୍ର): ଭାପୁର ବ୍ଲକ ଗୋଲାପୋଖରୀ ପଞ୍ଚାୟତ ବେଗୁନିଆ ଗ୍ରାମରେ ବୁଧବାର ସକାଳ ସମୟରେ ଜଣେ ବୃଦ୍ଧା ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି ।ଘଟଣାରୁ ପ୍ରକାଶ, ଗ୍ରାମ୍ୟ ପୋଖରୀକୁ ମୃତ ଗୋବର୍ଦ୍ଧନ ଜଗତସିଂଙ୍କ ସ୍ତ୍ରୀ ଶିବାନୀ ଜଗତସିଂ (୭୧)ଗାଧୋଇବାକୁ ଯାଇଥିବାବେଳେ ଅକସ୍ମାତ ପାହାଚରୁ ଗୋଡ଼ ଖସିଯିବାରୁ ପାଣି ଭିତରକୁ ଚାଲି ଯାଇଥିଲେ। ନିକଟରେ ଗାଧୋଉଥିବା ମହିଳାମାନେ ପାଟି କରିବାରୁ ବିଲରେ କାର୍ଯ୍ୟ କରୁଥିବା ଲୋକମାନେ ପାଣିରେ ପଶି ତାଙ୍କୁ ଉଦ୍ଧାର କରିଥିଲେ ।ଆମ୍ବୁଲାନ୍ସ ଯୋଗେ ବୃଦ୍ଧାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରି ଆଉଟ ପୋଷ୍ଟକୁ ଖବର ଦେଇଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହିତ ପୋଷ୍ଟମର୍ଟମ ପାଇଁ ଖଣ୍ଡପଡା ପଠେଇଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,୮ ।୭ (ନିପ୍ର): ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୧୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧୀନସ୍ଥ ୨୫ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୨୫ଜଣ ଅଭିଯୋଗକାରୀଙ୍କୁ ମୋଟ ୯୪,୫୦୦/- ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ , ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଅତିରିକ୍ତ ଜିଲ୍ଲାପାଳ, ରବି ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ।

# ଜୀବିତଙ୍କୁ ମୃତ ଦର୍ଶାଇ ୨ ଜଣଙ୍କ ଭତ୍ତା ବନ୍ଦ କଲା ପ୍ରଶାସନ

ଭାପୁର,୮ ।୭ (ନିପ୍ର):ଭାପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଭତ୍ତା ଜନିତ ଦୁର୍ନୀତିର ଅଭିଯୋଗ ଥମିବାର ନାଁ ଧରୁ ନ ଥିବାବେଳେ ବର୍ତ୍ତମାନ ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ ହୋଇଥିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଦୁର୍ନୀତିରେ ଜିଲ୍ଲା ଅଧିକାରୀଙ୍କ ଠାରୁ ବ୍ଲକ ଅଧିକାରୀ ପର୍ଯ୍ୟନ୍ତ ସମ୍ପୃକ୍ତ ରହିଥିବା ଅଭିଯୋଗ ହୋଇଛି। ପ୍ରକୃତ ହିତାଧିକାରୀ ବର୍ଷବର୍ଷ ଧରି ଭତ୍ତା ପାଇଁ ଅପେକ୍ଷା କରି ରହିଥିବାବେଳେ ମିଥ୍ୟା ପ୍ରମାଣଧାରୀ ହିତାଧିକାରୀ ଗୋଟିଏ ମାସ ଭିତରେ ଭତ୍ତା ପାଇଆସୁଛି। ଶାସକ ଦଳୀୟ ହୋଇ ନ ଥିବା ଦୁଇ ଜଣ ଜୀବିତ ହିତାଧିକାରୀଙ୍କୁ ମୃତ ଦର୍ଶାଇ ଭାପୁର ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଭତ୍ତା ବନ୍ଦ କରିଥିବାଭଳି ଘଟଣା ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଘଟଣାରୁ ପ୍ରକାଶ,ଭାପୁର ବ୍ଲକ ବାଇଗୁଣିଆ ଗ୍ରାମ ନୂଆପାଟଣା ସାହିର ଗଦାଧର ବେହେରା (୭୪)ଗତ ୩/୪ ବର୍ଷ ହେଲା ଭତ୍ତା ପାଇ ଆସୁଥିବାବେଳେ ତାଙ୍କୁ ବିଭାଗୀୟ ପ୍ରଶାସନ ମୃତ ଦର୍ଶେଇ ଗତ ୨ ମାସ ହେଲା ଭତ୍ତା ବନ୍ଦ କରିଛନ୍ତି ।ସେହିପରି,ସେହି ପଂଚାୟତ ଅନ୍ତର୍ଗତ ବୋରଗାଁ ଗ୍ରାମର ତୋଫେଇ ପ୍ରଧାନଙ୍କ କ୍ଷେତ୍ରରେ ଏକା ସମସ୍ୟା ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ, ସେମାନେ ବ୍ଲକର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ।

# ବିଜେଡି ପକ୍ଷରୁ ଚାରିଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ ଗଣଧାରଣା

ଆସିକା,୮ ।୭(ନିପ୍ର):ଆସିକା ବିଜେଡି ପକ୍ଷରୁ ଚାରିଦଫା ଦାବିନେଇ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଆରମ୍ଭ ହୋଇଛି। ଦଳ ପକ୍ଷରୁ ଚାରିଦଫା ଦାବିକୁ ନେଇ ଆସିକା ବ୍ଲକ ସମ୍ମୁଖରେ ଦକ୍ଷିଣ ଓଡିଶା ସରପଞ୍ଚ ପ୍ରତିନିଧି ଭବାନୀ ଶଙ୍କର ମଲ୍ଲିକ,ଗଞ୍ଜାମ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତି ପୂର୍ଣ୍ଣ ଗଣଧାରଣା ଆରମ୍ଭ ହୋଇଛି। ବିଜୁ ଜନତା ଦଳ ପକ୍ଷରୁ ଉପସ୍ଥାପନା କରାଯାଇଥିବା ଦାବି ଗୁଡିକ ମଧ୍ୟରେ ଆସିକା ବ୍ଲକରେ ପ୍ରଶାସନିକ ଅଧିକାରୀମାନଙ୍କ ଚାଲିଥିବା ମନମୁଖି କାର୍ଯ୍ୟ ବନ୍ଦ କରିବା, ସରପଞ୍ଚ ସମିତି ସଭ୍ୟମାନଙ୍କୁ ସମିତି ପକ୍ଷରୁ ଅଣଦେଖା ନକରି ଯଥା ସମ୍ମାନ ପ୍ରଦାନ କରିବା, ଦୀର୍ଘ ଦିନ ଧରି ହୋଇନଥିବା ପଞ୍ଚାୟତ ସମିତି ବୈଠକ ତୁରନ୍ତ କରିବା, ବାରମ୍ବାର ଅଭିଯୋଗ ପରେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଆକ୍ରୋଶ ମୂଳକ ଭାବେ ବନ୍ଦ କରାଯାଇଥିବା ବିଲ ତୁରନ୍ତ ପୈଠକରିବା, ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ବିଡ଼ିଓ ପଦବୀ ତୁରନ୍ତ ପୂର୍ଣ୍ଣ କରିବା। ଏହି ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଏହି ଗଣଧାରଣା ଚାଲିବ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ଏହି ଗଣଧାରଣାରେ ଖଣ୍ଡଦେଉଳି ସରପଞ୍ଚ ଆରତିଦେବୀ ସ୍ୱାଇଁ, ନିମିନା ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି, ରୁନୁ ସାହୁ ସମିତି ସଭ୍ୟ ଗହଙ୍ଗୁ, ହରଡ଼ାପଦର ସରପଞ୍ଚ ଜୟନ୍ତୀ ବେହେରା,ହରିଡ଼ାପଦର ସମିତି ସଭ୍ୟ ତ୍ରିନାଥ ବେହେରା,ବଡଖୋଲି ସମିତି ସଭ୍ୟ ଭରତ ନାହାକ, ଚଢିୟାପଲ୍ଲୀ ସରପଞ୍ଚ ଜୟସେନ ସ୍ୱାଇଁ, ଗହଙ୍ଗୁ ସରପଞ୍ଚ ମନୋଜ ପରିଡା, ବାଲିଛାଇ ସରପଞ୍ଚ ପ୍ରତିନିଧି ନୀଳମାଧବ ବେହେରା,ବାଲିଆସରା ସରପଞ୍ଚ ରବୀନ୍ଦ୍ର କୁମାର ପୋଲାଇ,ଦେବଭୂମି ସରପଞ୍ଚ ପ୍ରତିନିଧି ଗୌରହରୀ ବେହେରା, ଦେବଭୂମି ସମିତିସଭ୍ୟ ପ୍ରତିନିଧି ସନ୍ତୋଷ ନାୟକ, ଜୟପୁର ସମିତିସଭ୍ୟ ଅମୀତ ନାହାକ, ଖଣ୍ଡଦେଉଳି ସମିତିସଭ୍ୟ ପ୍ରତିନିଧି ଅରୁଣ ଦଳେଇ, ଆମ୍ବପୁଅ ସରପଞ୍ଚ ଅମୀୟ କୁମାର ମହନ୍ତ, ନଗର ଯୁବବିଜେଡି ସଭାପତି ଜିତେନ୍ଦ୍ର ମହାରଣା,ଡିଜିଟାଲ ସେକ୍ରେଟାରୀ କେଶବ ଦାସ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ଜିଲ୍ଲାସ୍ତରୀୟ ଜନଶୁଣାଣି
## ଆବେଦନର ଶତ ପ୍ରତିଶତ ସମାଧାନ ଉପରେ ଗୁରୁତ୍ୱ

ବ୍ରହ୍ମପୁର,୮ ।୭ (ନିପ୍ର); ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜନଶୁଣାଣି ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ,ଗଞ୍ଜାମ ସମୀର କୁମାର ଜେନା ଉପସ୍ଥିତ ରହି ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କରିଥିଲେ । ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ଏହାର ତ୍ୱରିତ୍ ସମାଧାନ ଦିଗରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ଜନଶୁଣାଣିରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଭତ୍ତା, ଖାଉଟି କାର୍ଡ, ଅନ୍ତ୍ୟୋଦୟ, ପ୍ରଧାନମନ୍ତ୍ରୀ ଆବାସ, ଜମିଜମା, ସାମୂହିକ ଉନ୍ନୟନ ଏବଂ ବ୍ୟକ୍ତିଗତ ସହାୟତା ସମ୍ବନ୍ଧୀୟ ଆବେଦନ ଉପରେ ବିଚାର କରାଯାଇଥିଲା । ସୁଭଦ୍ରା ହେଲ୍ପ ଡେସ୍କ ମାଧ୍ୟମରେ ସୁଭଦ୍ରା ଯୋଜନା ସମ୍ବନ୍ଧିତ ସହାୟତାର ବ୍ୟବସ୍ଥା କରାଯାଇଥିଲା । ଏହି ଜିଲ୍ଲାସ୍ତରୀୟ ଜନଶୁଣାଣିରେ ସମୁଦାୟ ୧୧୩ଟି ଦରଖାସ୍ତ ପଞ୍ଜିକୃତ ହୋଇଥିଲା । ତନ୍ମଧ୍ୟରୁ ୯୦ ଟି ବ୍ୟକ୍ତିଗତ ଆବେଦନ, ୦୯ ଟି ଗ୍ରାମ୍ୟ ସମସ୍ୟା ଆଧାରିତ ଥିବା ବେଳେ ୩ଟି ଦରଖାସ୍ତର ତତ୍କାଳ ସମାଧାନ ହୋଇଥିଲା। ୧୧ ଜଣଙ୍କୁ ୭୦ ହଜାର ଟଙ୍କାର ରେଡ଼କ୍ରସ ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ଗୁଣପୁରରେ ବାଲି ସଂକଟ,ରାଜମିସ୍ତ୍ରୀ ସଂଘର ବିକ୍ଷୋଭ

ରାୟଗଡା,୮ ।୭ (ନିପ୍ର); ରାୟଗଡା ଜିଲ୍ଲା ଗୁଣପୁର ସବ ଡିଭିଜନ ଅଞ୍ଚଳରେ ଭୀଷଣ ବାଲି ସଙ୍କଟ ଦେଖା ଦେଇଛି। ଫଳରେ ନିର୍ମାଣ ଶ୍ରମିକଙ୍କ ଜୀବନ ଜୀବିକା ଉପରେ ଗଭୀର ପ୍ରଭାବ ପକାଇଛି। ବାଲି ଅଭାବ ଯୋଗୁଁ ସମସ୍ତ ନିର୍ମାଣ କାମ୍ ମାସ ମାସ ଧରି ବନ୍ଦ ରହିଥିବାରୁ ହଜାରରୁ ଅଧିକ ରାଜମେସ୍ତ୍ରୀ ଓ ଶ୍ରମିକ ପରିବାର ରୋଜଗାର ହରାଇ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। ଏହାର ପ୍ରତିବାଦରେ ଗୁଣପୁର ରାଜମେସ୍ତ୍ରୀ ସଂଘ ପ୍ରଶାସନଙ୍କ ନିକଟରେ ଦାବିପତ୍ର ଦେଇଛି। ଏହି ଅବସରରେ ରାଜମିସ୍ତ୍ରୀ ସଙ୍ଘ ଶତାଧିକ ଶ୍ରମିକ ଓ ଟ୍ରାକ୍ଟର ମାଲିକ ମାନେ ଗୁଣୁପୁର ନୁଆ ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଗୁଣୁପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ, ଖଣିମନ୍ତ୍ରୀ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଉପଜିଲ୍ଲାପାଳଙ୍କ ଜରିଆରେ ସହକାରୀ ଜିଲ୍ଲାପାଳ




ଦୀପାରାଣି ଦାସଙ୍କୁ ଗୁଣୁପୁର ରାଜମିସ୍ତ୍ରୀ ସଂଘର ଉପସଭାପତି ଡମ୍ବୁରୁଧର ଦାସଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଟ୍ରାକ୍ଟର ମାଲିକ ୟୁନିୟନ ସମ୍ପାଦକ ତଥା ପୂର୍ବତନ କାଉନସିଲର ପୂର୍ଣ୍ଣଚନ୍ଦ୍ର ବାଉରୀ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ମାଲିକ ମାନେ ମଧ୍ୟ ଶୋଭାଯାତ୍ରାରେ ସାମିଲ ରହିଥିଲେ। ଗୁଣପୁର ସହର ଓ ଆଖପାଖ ଅଞ୍ଚଳର ପ୍ରାୟ ହଜାରରୁ ଅଧିକ ରାଜମେସ୍ତ୍ରୀ ଏବଂ ନିର୍ମାଣ ଶ୍ରମିକ ଦୈନିକ ମଜୁରି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ଗତ କିଛି ମାସ ଧରି ବାଲି ଅଭାବ ଯୋଗୁଁ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ଫଳରେ ଶ୍ରମିକମାନଙ୍କ ହାତରେ କାମ ନଥିବାରୁ ସେମାନେ ଆର୍ଥିକ ସଙ୍କଟରେ ପଡିଛନ୍ତି। ଏହି ପରିସ୍ଥିତିରେ ବାଲି ସମସ୍ୟାର ଶୀଘ୍ର ସମାଧାନ କରି ନିର୍ମାଣ କାର୍ଯ୍ୟ ସ୍ୱାଭାବିକ କରିବାକୁ ଗୁଣପୁର ରାଜମିସ୍ତ୍ରୀ ସଂଘ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଶ୍ରମିକ ମାନଙ୍କଙ୍କ ଦାବି ପୂରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ବାଲି ଅଭାବ ଯୋଗୁଁ ସମସ୍ତ ସରକାରୀ ବେସରକାରୀ ସଂସ୍ଥା ଗୁଡିକର ଉନ୍ନୟନ କାର୍ଯ୍ୟ ବନ୍ଦ ରହିଛି। ଅପର ପକ୍ଷରେ ଅନେକ ଶ୍ରମିକ କାମ ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଉଥିବା ଅଭିଯୋଗ ହୋଇଛି।

# ଅବୈଧ ମଦ କାରବାର ଉପରେ ତାତିଲେ ମହିଳା: ଭାଙ୍ଗିଲେ ରନ୍ଧାଯାଉଥିବା ମଦଭାଟି

ରେଢ଼ାଖୋଲ,୮ ।୭ (ନିପ୍ର); ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମରେ ବେଆଇନ ଭାବେ ଜଙ୍ଗଲ ଭିତରେ ସମାଜବିରୋଧୀ କିଛି ବ୍ୟକ୍ତି ମଦ ରାନ୍ଧୁଥିବା ଜାଣି ତାତିଛନ୍ତି ମହିଳା ।

ଜଙ୍ଗଲ ଭିତରେ ରନ୍ଧାଯାଉଥିବା ଭାଟିକୁ ଭାଙ୍ଗି ଚୂରମାର କଲେ । ଶେଷରେ ରନ୍ଧାମଦ ଭାଟି ବନ୍ଦ ଦାବିରେ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମର ଶତାଧିକ ମହିଳା ମାନେ ରେଢ଼ାଖୋଲ ଥାନା ଆଗରେ ଘେରାଉ କରିଥିଲେ। ମହିଳାମାନଙ୍କ ଅଭିଯୋଗ ଅନୁସାରେ, ଗ୍ରାମରେ ଖୋଲାଖୋଲି ଭାବେ ବେଆଇନ ଭାବେ ମଦ ବିକ୍ରି ତଥା ରନ୍ଧା ହେଉଥିବାରୁ ଗାଁରେ ଅଶାନ୍ତି ବଢ଼ିଯାଇଛି ତଥା ଲୋକେ ରାତି ହେଲେ ରନ୍ଧା ମଦ ପିଇ ରାସ୍ତା ଘାଟରେ ଉତ୍ପାତ ହେବା ସହ ଲୋକଙ୍କୁ ତଥା ମହିଳାମାନଙ୍କୁ ଅକଥନୀୟ ଅତ୍ୟାଚାର ସହ ନାନାଦି ଭାଷା ଓ କମେଣ୍ଟ ପାସ୍ କରୁଛନ୍ତି । ଘରେ ପରିବାରରେ ଅଶାନ୍ତି ଉପୁଜୁଥିବା ହେତୁ ଘରେ ଘରେ ମାରପିଟ୍ ହେଉଛନ୍ତି । ଯୁବକମାନେ ନିଶାଗ୍ରସ୍ତ ହୋଇ ପରିବାର ସହ ମାରପିଟ୍ କରୁଛନ୍ତି ଏବଂ ମହିଳାମାନେ ସୁରକ୍ଷିତ ନୁହନ୍ତି । ଅନେକ ପରିବାର ଆର୍ଥିକ ସମସ୍ୟାରେ ପଡ଼ିଛନ୍ତି । ତାହା ଛଡା ରାତି ହେଲେ ଗାଁ ରାସ୍ତା ଗଳି କନ୍ଦିରେ ଛାତ୍ରଛାତ୍ରୀ,ଲୋକେ ଅଞ୍ଚଳ ବାସୀ ଗାଁ ରାସ୍ତାରେ ବିଭିନ୍ନ କାମରେ ଯିବାଆସିବା କରିଥାନ୍ତି ତେଣୁ ଲୋକେ ଭୟ ବାତାବରଣ ସୃଷ୍ଟି ହୋଉଥିବା କହିଛନ୍ତି । ଏହି ବେଆଇନ୍ ରନ୍ଧାଯାଉଥିବା ମହୁଲି ରନ୍ଧା ମଦ ପିଇ ମଦୁଆ ମାନେ ମାତାଲ୍ ହୋଇ ରାସ୍ତା ଉପରେ ଗଡୁଥିବାରୁ ଛାତ୍ରଛାତ୍ରୀ ,ତଥା ଲୋକମାନ ଯିବା ଆସିବା ପାଇଁ ଅସୁରକ୍ଷିତ ମନେ କରୁଛନ୍ତି । ବିଭିନ୍ନ ସମୟରେ ଛାତ୍ର ଛାତ୍ରୀ,ତଥା ସ୍ଥାନୀୟ ଲୋକେ ରାସ୍ତା ଦେଇ ଯିବା ଆସିବା କରୁଥିବା କିଛି ଲୋକଙ୍କୁ ମଦୁଆ ଙ୍କ ଅସଭ୍ୟ ଭାଷା ଓ ଇଙ୍ଗିତ ପ୍ରୟୋଗ କରିବାର ମଧ୍ୟ ଲୋକଙ୍କ ନଜର ରେ ଅସୁଛି । ବିଭିନ୍ନ ସମୟରେ ନିଶାସକ୍ତ ବ୍ୟକ୍ତି ମାନେ ରାସ୍ତା ଉପରେ ମାଡପିଟ ହେବାର ମଧ୍ୟ ଜଣାପଡିଛି ।

ଏନେଇ ଥାନା ଅଧିକାରୀ ମହିଳାମାନଙ୍କ ସହ ଆଲୋଚନା କରିଛନ୍ତି । ମଦ ରାନ୍ଧୁଥିବା ବ୍ୟକ୍ତି ଓ ବିକୁଥିବା ବ୍ୟକ୍ତି ଉପରେ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ମନରେଗା କାମରେ ଅନିୟମିତତା ଅଭିଯୋଗ
## ସରପଞ୍ଚ ଓ ପରିବାର ସଦସ୍ୟଙ୍କ ଖାତାକୁ ଯାଇଥିବା ଟଙ୍କାକୁ ନେଇ ପ୍ରଶ୍ନ

ଗୋଲାମୁଣ୍ଡା,୮ ।୭ (ନିପ୍ର); କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଚିଚିଆ ଗ୍ରାମ ପଞ୍ଚାୟତରେ ମନରେଗା କାର୍ଯ୍ୟକ୍ରମକୁ ନେଇ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ସ୍ତରରେ ଉପଲବ୍ଧ ଅନଲାଇନ୍ ମନରେଗା ପେମେଣ୍ଟ ରେକର୍ଡ ଅନୁଯାୟୀ, ଚିଚିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ମଦନ ପଟେଲଙ୍କ ବ୍ୟାଙ୍କ ଖାତାରେ ୦୮ ନଭେମ୍ବର ୨୦୨୩ ତାରିଖରେ ମନରେଗା ଯୋଜନା ଅଧୀନରେ ଟଙ୍କା ଜମା ହୋଇଥିବା ଦର୍ଶାଯାଉଛି। ସେହିପରି ସରପଞ୍ଚଙ୍କ ସ୍ତ୍ରୀ ସଙ୍ଗୀତା ପଟେଲଙ୍କ ଖାତାରେ ମଧ୍ୟ ମନରେଗା ଅର୍ଥ ଜମା ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରଶ୍ନ ଉଠିଛି। ମନରେଗା ଯୋଜନାର ଉଦ୍ଦେଶ୍ୟ ଗ୍ରାମାଞ୍ଚଳର ଯୋଗ୍ୟ ଶ୍ରମିକଙ୍କୁ କାମ ଓ ମଜୁରି ପ୍ରଦାନ କରିବା ହୋଇଥିବାରୁ, ଜନପ୍ରତିନିଧି ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଖାତାକୁ ଟଙ୍କା ଯାଇଥିବା ଘଟଣା ନିୟମାନୁସାରେ ହୋଇଛି କି ନାହିଁ, ସେନେଇ ଯାଞ୍ଚର ଆବଶ୍ୟକତା ଅନୁଭବ କରାଯାଉଛି। ଏହି ପ୍ରସଙ୍ଗରେ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଛନ୍ତି ଯେ, ସରପଞ୍ଚଙ୍କ ବ୍ୟାଙ୍କ ଖାତାରେ ମନରେଗା ଟଙ୍କା ପଡ଼ିପାରେ, ଯଦି ସମ୍ପୃକ୍ତ ବ୍ୟକ୍ତି ମନରେଗା ନିୟମ ଅନୁଯାୟୀ ଯୋଗ୍ୟ ଶ୍ରମିକ ଭାବେ କାମ କରିଥାନ୍ତି ଏବଂ ଆବଶ୍ୟକ ପ୍ରକ୍ରିୟା ପୂରଣ କରିଥାନ୍ତି। ଅନ୍ୟପକ୍ଷରେ, ସରପଞ୍ଚ କହିଛନ୍ତି ଯେ ତାଙ୍କ ବ୍ୟାଙ୍କ ଖାତାରେ ମନରେଗା ଟଙ୍କା ଜମା ହୋଇନାହିଁ। ତେବେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କ ଖାତାରେ ମନରେଗା ଅର୍ଥ ଜମା ହୋଇଥିବା କଥା ସେ ସ୍ୱୀକାର କରିଛନ୍ତି। ଉଲ୍ଲେଖନୀୟ ଯେ, ସରପଞ୍ଚଙ୍କ ଦାବି ସତ୍ତ୍ୱେ ଉପଲବ୍ଧ ଅନଲାଇନ୍ ମନରେଗା ପେମେଣ୍ଟ ରେକର୍ଡରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପ୍ରଦାନ ହୋଇଥିବା ଦର୍ଶାଯାଉଛି।

ଏହି ବିରୋଧାଭାସର ପ୍ରକୃତ କାରଣ ସମ୍ପୃକ୍ତ ସରକାରୀ ଦଲିଲ ଓ ରେକର୍ଡର ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ। ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ସମ୍ପୃକ୍ତ ବିଭାଗକୁ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ମଷ୍ଟର ରୋଲ, ଜବ୍ କାର୍ଡ, ପେମେଣ୍ଟ ରେକର୍ଡ ଓ ଦେୟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସାର୍ବଜନୀନ କରିବାକୁ ଦାବି କରିଛନ୍ତି।

# ଆଠଗଡ଼ରେ ଚିଠା ଭୋଟର ତାଲିକା ପ୍ରକାଶିତ

ଆଠଗଡ଼,୮ ।୭ (ନିପ୍ର):ଭାରତ ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ- ୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ୮୯- ଆଠଗଡ଼ ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା ଆଠଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆନୁଷ୍ଠାନିକ ଭାବରେ ପ୍ରକାଶ ପାଇଛି। ଚିଠା ଭୋଟର ତାଲିକା ଅନୁଯାୟୀ ୮୯- ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ମୋଟ ୧,୯୯,୯୦୩ ଜଣ ଭୋଟର ଅନ୍ତର୍ଭୁକ୍ତ ହୋଇଥିବାବେଳେ ସେଥିମଧ୍ୟରୁ ୧,୦୩,୬୫୪ ଜଣ ପୁରୁଷ,୯୬,୨୪୩ ଜଣ ମହିଳା ଏବଂ ୬ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ଖସଡ଼ା ପ୍ରସ୍ତୁତି ପୂର୍ବରୁ ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ସଂଖ୍ୟା ୨,୧୨,୩୬୯ ଥିବାବେଳେ ସଘନ ସଂଶୋଧନ ପ୍ରକ୍ରିୟା ରେ ମୃତ,ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ଦ୍ୱିତୀୟ ଥର ପଞ୍ଜିକୃତ ଓ ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରାଯାଇ ୧୨,୪୬୬ ଜଣଙ୍କ ନାମ ବାଦ ଦିଆଯାଇଛି। ଏକ ସ୍ୱଚ୍ଛ, ନିର୍ଭୁଲ ଭୋଟର ତାଲିକ ହେଉଛି ଗଣତାନ୍ତ୍ରିକ ନିର୍ବାଚନର ମୂଳ ଆଧାର । ସେଥିପାଇଁ ପ୍ରତ୍ୟେକ ଯୋଗ୍ୟ ଭୋଟର ଚିଠା ତାଲିକାରେ ନିଜ ନାମ ଯାଞ୍ଚ କରି ଆବଶ୍ୟକ ହେଲେ ନାମ ସଂଯୋଜନ, ସଂଶୋଧନ କିମ୍ବା ବିଲୋପ ସଂପର୍କିତ ଦାବି ଓ ଆପତ୍ତି ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ଆଠଗଡ଼ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ତିଗିରିଆ ତହସିଲଦାର ଧର୍ମ ରଞ୍ଜନ ପଣ୍ଡା, ଡେପୁଟି କଲେକ୍ଟର ପ୍ରଭୁଦତ୍ତ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ମାନସ ରଞ୍ଜନ ବେହେରା, ଆଠଗଡ଼ ଏନଏସି ର ନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଜୁ ଜନତା ଦଳ , ଭାରତୀୟ ଜନତା ପାର୍ଟି ଓ କଂଗ୍ରେସର ପ୍ରତିନିଧିମାନେ ମଧ୍ୟ ଉକ୍ତ ସମ୍ମିଳନୀରେ ଯୋଗଦାନ କରିଥିଲେ।

# ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଆଲୋକପାତ

ରମ୍ଭା,୮ ।୭ (ନିପ୍ର): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଝାରେଡି ରାଧା ଗୋବିନ୍ଦ ପୁର ସ୍ଥିତ ଗାଣ୍ଡୁ ନାହାକ ହାଇସ୍କୁଲରେ ୭୭ ତମ ବନ ମହୋତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝାଡେଶ୍ୱର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେଶପୁର ସେକ୍ସନ ବନ୍ୟ ପ୍ରାଣୀ ବନପାଳ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ପ୍ରକୃତି ବନ୍ଧୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ,ସମ୍ମାନିତ ଅତିଥି ଭାବେ ରମ୍ଭା ହାଇସ୍କୁଲ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳ କୃଷ୍ଣ ମହାରଣା ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବିଁଛଣା ପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶେଷଦେବ ବେହେରା ସଂଯୋଜନା କରିଥିବା ବେଳେ ସଭାର ପ୍ରାରମ୍ଭରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିରଞ୍ଚି ନାହାକ ଅତିଥି ମାନଙ୍କୁ ସ୍ୱାଗତ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ବନ ସଚେତନତା ଆଧାରିତ ପ୍ରାରମ୍ଭିକ ସଙ୍ଗୀତ ବେଶ୍ ହୃଦୟ ସ୍ପର୍ଶୀ ହୋଇଥିଲା ।

# ଯାଜପୁରରେ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,୮ ।୭ (ନିପ୍ର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୭୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୧ ଗୋଟି ରେଡକ୍ରସ ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୩୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

# ବିଦ୍ୟୁତ୍ ତାର ଚୋରି ନେଇ ଥାନାରେ ଅଭିଯୋଗ

କେସିଙ୍ଗା, ୮/୭(ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରୁ ଆସିଛି ଏକ ଚିନ୍ତାଜନକ ଖବର। ଶିରୋଳ-କାଣ୍ଡେଲ ଗ୍ରାମ ନିକଟରେ ଥିବା ଏକ ଲିଫ୍ଟ ଇରିଗେସନ (ଏଲଆଇ) ପଏଣ୍ଟରୁ ପ୍ରାୟ ୭୦୦ ମିଟର ବିଦ୍ୟୁତ ତାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ପ୍ରାୟ ୨୦୦ ଜଣ ଚାଷୀଙ୍କ ଜଳସେଚନ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ବେଳେ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି । ଦେହେରେନ ଜୋର ଅଞ୍ଚଳରେ ଥିବା ଆମ୍ବ ବଗିଚା ଦେଇ ଯାଇଥିବା ଲିଫ୍ଟ ଇରିଗେସନ ବିଦ୍ୟୁତ ସଂଯୋଗରୁ ଚୋରମାନେ ପ୍ରାୟ ୭୦୦ ମିଟର ବିଦ୍ୟୁତ ତାର କାଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଲଗାତାର ତିନି ଦିନ ବର୍ଷା ହେଉଥିବାରୁ ଜନଶୂନ୍ୟ ଅଞ୍ଚଳରେ ଥିବା ୭ଟି ବିଦ୍ୟୁତ ଖୁଣ୍ଟରୁ ରବିବାର ରାତିରେ ଦୁର୍ବୃତ୍ତମାନେ ଏହି ତାର ଚୋରି କରିଥିବା ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ପାଣି ପଞ୍ଚାୟତର ସଭାପତି ବୈଦ୍ୟରାଜ ସଦାନନ୍ଦ ପୁଟେଲ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ସେଠାରେ ୭ଟି ବିଦ୍ୟୁତ ଖୁଣ୍ଟରୁ ସମ୍ପୂର୍ଣ୍ଣ ତାର ଗାଏବ ହୋଇଥିବା ଦେଖିଥିଲେ। ଏହି ଏଲଆଇ ପଏଣ୍ଟ ଉପରେ ପ୍ରାୟ ୨୦୦ ଜଣ ଚାଷୀ ନିର୍ଭର କରି ନିଜ ଚାଷଜମିକୁ ଜଳସେଚନ କରୁଥିବାରୁ ଏହି ଚୋରି ଘଟଣା ସେମାନଙ୍କ ଚାଷ କାର୍ଯ୍ୟକୁ ଗୁରୁତର ଭାବେ ପ୍ରଭାବିତ କରିଛି। ବିଶେଷକରି ସ୍ୱଳ୍ପ ବର୍ଷା ସମୟରେ ଏହି ଲିଫ୍ଟ ଇରିଗେସନ ପ୍ରକଳ୍ପ ହିଁ ଚାଷୀମାନଙ୍କ ପାଇଁ ଜଳସେଚନର ଏକମାତ୍ର ଭରସା। ବିଦ୍ୟୁତ ତାର



ଚୋରି ହୋଇଯିବାରୁ ବର୍ତ୍ତମାନ ପାଣି ମଟର ଚାଲୁ ହେଉ ନ ଥିବାରୁ ଚାଷୀମାନେ ଗଭୀର ଚିନ୍ତାରେ ପଡ଼ିଛନ୍ତି। ଘଟଣା ପରେ ପ୍ରଭାବିତ ଚାଷୀମାନେ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପାଣି ପଞ୍ଚାୟତର ସଭାପତି ବୈଦ୍ୟରାଜ ସଦାନନ୍ଦ ପୁଟେଲ କହିଛନ୍ତି ଯେ, ପ୍ରାୟ ୨୦୦ ଜଣ ଚାଷୀ ଏହି ଏଲଆଇ ପଏଣ୍ଟ ଉପରେ ନିର୍ଭର କରି ଚାଷ କରୁଛନ୍ତି। ତେଣୁ ପ୍ରଶାସନ ଶୀଘ୍ର ଚୋରମାନଙ୍କୁ ଧରିବା ସହ ବିଦ୍ୟୁତ ସଂଯୋଗ ପୁନଃସ୍ଥାପନ କରିବାକୁ ସେ ଦାବି କରିଛନ୍ତି।

# ବିସ୍ଥାପିତଙ୍କ ଧାରଣା ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ
## ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ-୭୦ ଗ୍ରାମର ବ୍ୟାନର ତଳେ ଅଢ଼େଇ ଘଣ୍ଟା ଧରି ପ୍ରତିବାଦ

ରାଉରକେଲା, ୮/୭ (ନିପ୍ର): ବୁଧବାର ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ - ୭୦ ଗ୍ରାମର ବାସିନ୍ଦାମାନଙ୍କ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରତିବାଦ ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବନ୍ଦ କରାଯାଇଥିଲା ଏବଂ ବିସ୍ଥାପିତ ସଂଘ ନେତା ଖାଡା କୁଜୁରଙ୍କ ନେତୃତ୍ୱରେ, ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୁରୁଣା ଦାବିକୁ ପୁନରାବୃତ୍ତି କରି ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ ପକ୍ଷରୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ୨୦୧୩ ଫେବୃୟାରୀ ୮ ତାରିଖ ଦିନ ୫ମ ଆରପିଡିଏସି ବୈଠକରେ ବିସ୍ଥାପିତ ବଢତି ପରିବାରର ସଦସ୍ୟମାନଙ୍କୁ ୩ ମାସ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନାରେ ଚାକିରି ଦେବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। କିନ୍ତୁ ଦୀର୍ଘ ୬ ବର୍ଷ ମଧ୍ୟରେ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରି ନଥିଲା। ତେଣୁ ୨୦୧୯ ଷଷ୍ଠ ଆରପିଡିଏସି ବୈଠକ ପାନପୋଷ ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ବିସ୍ଥାପିତ ବଢତି ପରିବାରର ୧୦୯୮ ଜଣଙ୍କୁ ଚାକିରି ଦେବା ପାଇଁ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ବୋର୍ଡରେ ପାରିତ କରି ଅଧିକରୁ ଅଧିକ ଚାକିରି ଦେବା ପାଇଁ ତତ୍କାଳୀନ



ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ।

କିନ୍ତୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସେହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ନାହାନ୍ତି। ଏଥିସହିତ ସପ୍ତମ ଆରପିଡିଏସି ବୈଠକ କେବେ କରାଯିବ, ତାହାର ମଧ୍ୟ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ।

ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ, ଜଣେ ବିଭାଗୀୟ ଅଧିକାରୀଙ୍କୁ ରାଉରକେଲା ସ୍ଥାନୀୟ ବିସ୍ଥାପିତ ସଂଘ - ୭୦ ଗ୍ରାମର ବାସିନ୍ଦାମାନଙ୍କ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିସହିତ ଯଦି ୧୫ ଦିନ ମଧ୍ୟରେ ଏହି ମାମଲାର ଶୁଣାଣି ନ ହୁଏ ତେବେ ବିସ୍ଥାପିତ ସଂଘ ପକ୍ଷରୁ ତୀବ୍ର ପ୍ରତିବାଦର ଚେତାବନୀ ଦିଆଯାଇଛି।

## ସୁପ୍ରିମକୋର୍ଟଙ୍କ ତାଗିଦ୍ ପରେ ହେଲା ଏନସିଇଆରଟି ପୁସ୍ତକର ସଂଶୋଧନ

ନୂଆଦିଲ୍ଲୀ,୮।୭: ସୁପ୍ରିମକୋର୍ଟଙ୍କ ତାଗିଦ ପରେ ନ୍ୟାସନାଲ କାଉନସିଲ ଅଫ ଏଜୁକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନସିଇଆରଟି) ଅଷ୍ଟମ ଶ୍ରେଣୀ ସୋସିଆଲ ସାଇନ୍ସ ପୁସ୍ତକରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ଏଥିରେ ସବୁଠୁ ଜରୁରି ପରିବର୍ତ୍ତନ ନ୍ୟାୟପାଳିକାରେ ଭ୍ରଷ୍ଟାଚାର ସମ୍ପର୍କିତ ବିଷୟରେ କରାଯାଇଛି। ଏହା ଛଡା ଏହି ପୁସ୍ତକରେ ୧୯୪୭ ବିଭାଜନରେ କଂଗ୍ରେସର ଆଭିମୁଖ୍ୟ ଓ ଏଡଲ୍ଫ ହିଟଲରଙ୍କ ନାଜି ବିଚାରଧାରା ଉଲ୍ଲେଖକୁ ହଟା ଯାଇଛି। ଏହା ବଦଳେ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟୋଣ୍ଡ' ପୁସ୍ତକ ଜାରି କରାଯାଇଛି। ସୁପ୍ରିମକୋର୍ଟ ନ୍ୟାୟପାଳିକା ସମ୍ପର୍କିତ ପୁରୁଣା କଣ୍ଟେଣ୍ଟକୁ ଆପତ୍ତିଜନକ କହିଥିଲେ ଓ ଏହାର ସମସ୍ତ ଫିଜିକାଲ ଓ ଡିଜିଟାଲ କପି ପ୍ରତ୍ୟାହାର କରିବାକୁ କହିଥିଲେ। ନୂଆ ପୁସ୍ତକରେ ଭାରତର ସ୍ୱାଧୀନତା ଓ ବିଭାଜନ ସମ୍ପର୍କିତ ଇତିହାସ ବିଷୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନରେ ବିଭାଜନ ଉପରେ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କିତ। ପୁରୁଣା ପୁସ୍ତକରେ କୁହାଯାଇଥିଲା ଯେ ଯଦିଓ ମହାତ୍ମା ଗାନ୍ଧି ଓ କଂଗ୍ରେସର ଅଧିକାଂଶ ନେତା ବିଭାଜନକୁ ବିରୋଧ କରିଥିଲେ ହେଲେ ଶେଷରେ ସେମାନେ ଏହା ହିଁ ଆଗକୁ ବଢିବା ପାଇଁ ଏକମାତ୍ର ରାସ୍ତା ସ୍ୱୀକାର କରିନେଇଥିଲେ ବୋଲି ଉଲ୍ଲେଖ ଥିଲା। ତେବେ ପୁସ୍ତକର ନୂଆ ସଂସ୍କରଣରେ ବିଭାଜନକୁ କଂଗ୍ରେସ ମଧ୍ୟ ଜୋରଦାର ବିରୋଧ କରିଥିଲା ଓ ଏହା ବି କହିଥିଲା ଯେ କଣ ଏହାକୁ ସ୍ୱୀକାର କରିବା ଆଗକୁ ବଢିବାର ଏକମାତ୍ର ରାସ୍ତା ନୂଆ ସଂସ୍କରଣରେ ପୁରୁଣା ସଂସ୍କରଣର ଏକ ବାକ୍ୟାଂଶକୁ ବି ହଟାଇ ଦିଆଯାଇଛି।

## 'ମାୟସକ୍'ର ତାଣ୍ଡବ; ବନ୍ୟା-ଭୂସ୍ଖଳନରେ ୨୦ ମୃତ

ବେଜିଂ ୮।୭: ଚୀନ୍‌ରେ ଗତ ୨୪ ଘଣ୍ଟାରେ ଝଡ଼ବର୍ଷା, ଭୟଙ୍କର ବନ୍ୟା ଏବଂ ଭୂସ୍ଖଳନ ତାଣ୍ଡବ ରଚିଛି। ଏଥିଯୋଗୁ ଅନ୍ୟୁନ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ୩୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ରାଷ୍ଟ୍ରପତି ସି- ଜିନପିଙ୍ଗ୍ ଜରୁରିକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ, ବିପର୍ଯ୍ୟୟ ମୁକାବିଲା ଏବଂ ଆହତଙ୍କ ଚିକିତ୍ସା ସୁନିଶ୍ଚିତ କରିବା ଲାଗି ସବୁପ୍ରକାର ଉଦ୍ୟମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଅନୁସାରେ, ଉତ୍ତର ପଶ୍ଚିମ ଚୀନ୍‌ରେ ଗାନ୍ସୁ ପ୍ରଦେଶର ଏକ ସହରରେ ଭୂସ୍ଖଳନ ଯୋଗୁ ୩୩ ଜଣ ମାଟି ତଳେ ପୋତି ହୋଇଯାଇଥିଲେ। ସେମାନଙ୍କ ମାନଙ୍କ ମଧ୍ୟରୁ ୫ ଜଣଙ୍କର ସେହିଠାରେ ହିଁ ମୃତ୍ୟୁ ଘଟିଥିଲା ।

## ବିଦ୍ୟୁତ୍ ଆଘାତରେ ଦମ୍ପତିଙ୍କ ସହ ୨ ସନ୍ତାନଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୮।୭: ମହାରାଷ୍ଟ୍ରର ସତାରା ଜିଲ୍ଲାରୁ ଏକ ହୃଦୟବିଦାରକ ଦୁର୍ଘଟଣା ସାମ୍ନାକୁ ଆସିଛି । ଜିଲ୍ଲାର ଫଳଟନ ତାଲୁକାର ଖାମଗାଁରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ଦମ୍ପତି ଏବଂ ସେମାନଙ୍କର ଦୁଇ ସନ୍ତାନ ରହିଛନ୍ତି। ସୂଚନା ଅନୁଯାୟୀ, ଘର ସାମ୍ନାରେ ପଡ଼ିଥିବା ବିଦ୍ୟୁତ୍ କେବୁଲ ତାରକୁ ଛୁଇଁବାରୁ ଏହି ଦୁର୍ଘଟଣା ଘଟିଛି। ପ୍ରଥମେ ଜଣେ ବିଦ୍ୟୁତ୍ ଆଘାତରେ ଫସିଯାଇଥିଲେ । ତାଙ୍କୁ ବଞ୍ଚାଇବାକୁ ପରିବାରର ଅନ୍ୟ ସଦସ୍ୟମାନେ ଧାଇଁ ଆସିଥିଲେ। ଫଳରେ ସେମାନେ ମଧ୍ୟ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ହିଁ ଚାରିଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ସତାରାର ଫଳଟନରେ ଘଟିଥିବା ଏହି ଦୁର୍ଘଟଣା ସମ୍ପର୍କରେ ପୁଲିସ ସୂଚନା ଦେଇଛି । ଗାଁରେ ସକାଳ ପ୍ରାୟ ୬ଟା ବେଳେ ଏହି ଘଟଣା ଘଟିଥିଲା । ଫଳଟନ ଥାନାର ଜଣେ ଅଧିକାରୀ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ପରିବାରର ସଦସ୍ୟମାନେ ଘର ବାହାରେ ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ ଏବଂ ବିଦ୍ୟୁତ୍ ଆଘାତ ପାଇଥିଲେ ।

## ଟିଏମସିର ୩ ବ୍ୟାଙ୍କ ଆକାଉଣ୍ଟ୍ ଫ୍ରିଜ୍ କଲା ଇଡି

କୋଲକାତା,୮।୭: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏକ ବଡ଼ ଝଟକା ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତୃଣମୂଳ କଂଗ୍ରେସ (ଟିଏମସି) ସହିତ ଜଡିତ ତିନୋଟି ଆକାଉଣ୍ଟକୁ ଫ୍ରିଜ୍ କରିଛି । ପ୍ରାୟ ୪୪୦ କୋଟି ଟଙ୍କା ଫ୍ରିଜ କରାଯାଇଛି । ଇଡି ମନି ଲଣ୍ଡରିଂ ନିବାରଣ ଆଇନ (ପିଏମଏଲଏ) ଅଧୀନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି। ଦଳର ଆକାଉଣ୍ଟ ଏବଂ ଚାର୍ଟର୍ଡ ବିମାନ ସହିତ ଜଡିତ ଖର୍ଚ୍ଚ ସହିତ ଜଡିତ ସନ୍ଦେହଜନକ କାରବାରର ତଦନ୍ତ କରିବା ପାଇଁ ଏଜେନ୍ସି କୋଲକାତାର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ବିଶେଷକରି, 'ଏମ୍ବ୍ରାର' ବିମାନ ଏବଂ 'ଅଗଷ୍ଟାୱେଷ୍ଟଲ୍ୟାଣ୍ଡ' ହେଲିକପ୍ଟର କ୍ରୟ ପାଇଁ ଟିଏମସି ବ୍ୟାଙ୍କ ଆକାଉଣ୍ଟରୁ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ଇଡି କୋଲକାତାର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଅଧିକାରୀମାନେ କହିଛନ୍ତି ଯେ କୋଲକାତାର ପ୍ରାୟ ପାଞ୍ଚଟି ସ୍ଥାନରେ ଚଢାଉ କରାଯାଇଥିଲା, ଯେଉଁଥିରେ 'କେୟାରୱେଲ ଗ୍ରୁପ୍ ଅଫ୍ କମ୍ପାନୀଜ୍' ଅନ୍ତର୍ଭୁକ୍ତ, ଯାହା 'କେୟାରୱେଲ ଆଭିଏସନ୍' ନାମରେ ଘରୋଇ ଜେଟ୍ ଲିଜ୍ କରିଥାଏ।

## ଗୋଟିଏ ରନ୍‌ୱେରେ ୨ ବିମାନ ମୁହାଁମୁହିଁ

ମୁମ୍ବାଇ,୮।୭: ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗୋଟିଏ ରନୱେରେ ଏୟାର ଇଣ୍ଡିଆର ବିମାନ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ମୁହାଁମୁହିଁ ହେବା ପରେ ମୁମ୍ବାଇ ଏକ ସମ୍ଭାବ୍ୟ ରନୱେ ଦୁର୍ଘଟଣାକୁ ଅଳ୍ପକେ ଏଡ଼ାଇ ଦେଇଥିଲା। ଏୟାର ଇଣ୍ଡିଆର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ମଙ୍ଗଳବାର ରାତିରେ ଏୟାର ଟ୍ରାଫିକ କଣ୍ଟ୍ରୋଲରୁ ଗୋଟିଏ କଲ୍ ପରେ ଦିଲ୍ଲୀ ଅଭିମୁଖୀ ଏୟାର ଇଣ୍ଡିଆ ବିମାନ ଏହାର ପ୍ରସ୍ଥାନ ବନ୍ଦ କରି ଉପସାଗରକୁ ଫେରି ଆସିଥିଲା। ପରବର୍ତ୍ତୀ ସମୟରେ ବିମାନର ଆବଶ୍ୟକୀୟ ଯାଞ୍ଚ କରାଯାଇଥିଲା। ଏୟାରଲାଇନ୍ସ କହିଛି ଯେ, ଯାତ୍ରୀମାନଙ୍କୁ ଯଥାଶୀଘ୍ର ଦିଲ୍ଲୀ ପଠାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା। କୌଣସି ଆହତ କିମ୍ବା କ୍ଷତି ରିପୋର୍ଟ ହୋଇନାହିଁ। ଦୁଇଟି ବିମାନ କିପରି ସମାନ ରନୱେରେ ଆସିଲା ତାହା ତୁରନ୍ତ ସ୍ପଷ୍ଟ ହୋଇନାହିଁ, ଏବଂ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ଏହି ଘଟଣା ପାଇଁ ପରିସ୍ଥିତି ବିଷୟରେ ଅଧିକ ବିବରଣୀ ପ୍ରକାଶ କରିନାହାନ୍ତି।

## ସୋପିଆନ ଏନକାଉଣ୍ଟରରେ ଶୀର୍ଷ ଲସ୍କର ଆତଙ୍କବାଦୀ ନିହତ

ଶ୍ରୀନଗର,୮।୭:ଜାମ୍ମୁ କାଶ୍ମୀରର ସୋପିଆନ ଜିଲ୍ଲାର ଛାନପୋରା ଅଞ୍ଚଳରେ ଆଜି ସୁରକ୍ଷାକର୍ମୀଙ୍କର ଏକ ମିଳିତ ସର୍ଚ୍ଚ ଅପରେସନରେ ଜଣେ ଏଲ୍‌ଇଟି (ଲସ୍କର ଏ ତୋଏବା) ଆତଙ୍କବାଦୀ ନିପାତ ହୋଇଛି। ନିପାତ ହୋଇଥିବା ଆତଙ୍କବାଦୀ ଏଲ୍‌ଇଟି ସଞ୍ଚାଳକ ଜାକିର ଅହମଦ ଗନି ବୋଲି ଜଣାପଡ଼ିଛି। କିନ୍ତୁ ଏହା ସ୍ପଷ୍ଟ କରାଯାଇନି। ସୋପିଆନର ଏସ୍‌ଓଜି (ସ୍ପେସାଲ ଅପରେସନ ଗ୍ରୁପ୍), ସେନାର ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ସିଆରପିଏଫ୍ ( ସେଣ୍ଟ୍ରାଲ ରିଜର୍ଭ ପୁଲିସ ଫୋର୍ସ) ଦ୍ୱାରା ମିଳିତ ଭାବେ ଏହି ଅପରେସନ୍ ପରିଚାଳନା କରାଯାଇଥିଲା। ଏନକାଉଣ୍ଟର ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରି ଜାମ୍ମୁ କାଶ୍ମୀର ପୁଲିସ ଏକ୍ସରେ ଏକ ପୋଷ୍ଟ୍ କରି କହିଛି ଯେ ଆରଆର ଏବଂ ସିଆରପିଏଫ୍ ସହ ଏକ ମିଳିତ ଅପରେସନରେ ସୋପିଆନ ଏସ୍‌ଓଜି ଦ୍ୱାରା ଜଣେ ଲସ୍କର ଆତଙ୍କବାଦୀ ନିପାତ ହୋଇଛି। ପୁଲିସ ମଧ୍ୟ ଅଞ୍ଚଳରେ ସକ୍ରିୟ ଥିବା ଆତଙ୍କବାଦୀମାନଙ୍କୁ ଏକ ଚେତାବନୀ ଜାରି କରି କହିଛି ଯେ ତୁମେମାନେ ଚାଲି ଯାଇ ପାରିବ। କିନ୍ତୁ ଲୁଚି ପାରିବନି।

# ପ୍ରମ୍ବନନ୍ ମନ୍ଦିର ପୁନରୁଦ୍ଧାର ପ୍ରକଳ୍ପର ଶୁଭାରମ୍ଭ କଲେ ମୋଦି, ଇଣ୍ଡୋନେସିଆ ରାଷ୍ଟ୍ରପତି




ଜାକର୍ତ୍ତା, ୮।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିଆନ୍ତୋ ବୁଧବାର ମିଳିତ ଭାବେ ଇଣ୍ଡୋନେସିଆର ୟୋଗାକାର୍ତାରେ ବିଶ୍ୱ ପ୍ରସିଦ୍ଧ ପ୍ରମ୍ବନନ୍ ମନ୍ଦିର ପରିସରର ସଂରକ୍ଷଣ ଏବଂ ପୁନରୁଦ୍ଧାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ମନ୍ଦିର ପରିସର, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ, ଇଣ୍ଡୋନେସିଆର ସର୍ବବୃହତ ହିନ୍ଦୁ ମନ୍ଦିର ପରିସର। ଭଗବାନ ଶିବଙ୍କୁ ଉତ୍ସର୍ଗୀକୃତ, ଦଶମ ଶତାବ୍ଦୀର ଏହି ଐତିହାସିକ ଐତିହ୍ୟ ସ୍ଥଳକୁ ଭାରତ-ଇଣ୍ଡୋନେସିଆ ସହଭାଗୀ ସାଂସ୍କୃତିକ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ପ୍ରକଳ୍ପର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏହା ତାଙ୍କର ସୌଭାଗ୍ୟ ଯେ ସେ ତାଙ୍କ ଜୀବନରେ ବାରମ୍ବାର ଭଗବାନ ଶିବଙ୍କ ସହ ଜଡ଼ିତ ପବିତ୍ର ସ୍ଥାନଗୁଡ଼ିକର ସେବା ଏବଂ ସଂରକ୍ଷଣ କରିବାର ସୁଯୋଗ ପାଇଛନ୍ତି। ସେ କହିଛନ୍ତି ଯେ ସେ ଗୁଜରାଟର ବଡ଼ନଗରରେ ଜନ୍ମଗ୍ରହଣ କରିଥିଲେ, ଯେଉଁଠାରେ ହାଟକେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ତୀର୍ଥଯାତ୍ରା ରହିଛି। ବାରଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମ ସୋମନାଥ ମଧ୍ୟ ଗୁଜରାଟରେ ଅବସ୍ଥିତ ଏବଂ ଏହାର ବିକାଶରେ ସିଧାସଳଖ ଭୂମିକା ଗ୍ରହଣ କରିବାର ସୁଯୋଗ ତାଙ୍କୁ ମିଳିଥିଲା। ସେ କହିଥିଲେ ଯେ ତାଙ୍କ ରାଜନୈତିକ ଜୀବନର କେନ୍ଦ୍ରବିନ୍ଦୁ କାଶୀ ବିଶ୍ୱନାଥ ମଧ୍ୟ ରହିଛନ୍ତି, ଯେଉଁଠାରେ ସେ ଲଗାତାର ଭାବେ ବାବା ବିଶ୍ୱନାଥଙ୍କ ଆଶୀର୍ବାଦ ପାଉଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କେଦାରନାଥ ଧାମର ପୁନଃନିର୍ମାଣ, ଉଜ୍ଜୈନରେ ମହାକାଳର ବିକାଶ ପରେ, ବ୍ରହ୍ମା, ବିଷ୍ଣୁ ଏବଂ ମହେଶଙ୍କ ସହ ଜଡ଼ିତ ଏହି ମହାନ ସାଂସ୍କୃତିକ ଐତିହ୍ୟର ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ କରିବା ତାଙ୍କର ସୌଭାଗ୍ୟ। ସେ କହିଛନ୍ତି ଯେ ଏହି ଐତିହାସିକ ଘଟଣାର ସାକ୍ଷୀ ହେବା ପାଇଁ ସେ ନିଜକୁ ଭାଗ୍ୟବାନ ବୋଲି ବିବେଚନା କରନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଇଣ୍ଡୋନେସିଆ ଗସ୍ତର ତୃତୀୟ ଦିନରେ ମଧ୍ୟ ସେ ବାୟୁରେ ଭାରତୀୟ ସଂସ୍କୃତିର ସେହି ସୁଗନ୍ଧ ଅନୁଭବ କରିଥିଲେ, ଯାହା ଭାରତୀୟ ମାଟିରେ ଅନୁଭୂତ ହୋଇଥାଏ। ପ୍ରାୟ ୧୨୦୦ ବର୍ଷ ଧରି ଏହି ଐତିହ୍ୟକୁ ସଂରକ୍ଷିତ ରଖିଥିବାରୁ ସେ ଇଣ୍ଡୋନେସିଆର ଜନସାଧାରଣ ଏବଂ ବିଭିନ୍ନ ଯୁଗରେ ଏଠାରେ ଶାସନ କରିଥିବା ସମସ୍ତ ଲୋକଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଲାସା ଠାରୁ କୈଳାସ ମାନସରୋବର ପର୍ଯ୍ୟନ୍ତ ଯାତ୍ରା ହେଉ କିମ୍ବା ଇଣ୍ଡୋନେସିଆର ପବିତ୍ର ପ୍ରମ୍ବନନ୍ ମନ୍ଦିର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଏବଂ 'ଓମ୍ ନମଃ ଶିବାୟ 'ର ଜପ ସବୁଆଡ଼େ ଶୁଣିବାକୁ ମିଳେ। ସେ କହିଛନ୍ତି ଯେ ଏହି ଦୃଶ୍ୟ ଅତ୍ୟନ୍ତ ଭାବପ୍ରବଣ ଥିଲା।



## ମୌସୁମୀର ମହାତାଣ୍ଡବ

# ମହାରାଷ୍ଟ୍ରରୁ ଦିଲ୍ଲୀ ଯାଏଁ ବର୍ଷାରେ ବେହାଲ ଜନଜୀବନ



ନୂଆଦିଲ୍ଲୀ,୮।୭: ଦେଶରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାବେଳେ ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ର, ଗୁଜରାଟ, କେରଳ, ଜାମ୍ମୁ-କାଶ୍ମୀରରେ ଭୂସ୍ଖଳନ, ରାସ୍ତାଘାଟ ଜଳବନ୍ଦୀ ହେବା, ଗଛ ଉପୁଡ଼ି ପଡ଼ିବା ପରି ସ୍ଥିତି ଦେଖିବାକୁ ମିଳିଛି । ଦିଲ୍ଲୀ, ରାଜସ୍ଥାନ ପ୍ରବଳ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ବୁଧବାର ସମଗ୍ର ଏନସିଆରରେ ଜଳବନ୍ଦୀ ଓ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖାଯାଇଛି । ସ୍ୱାଭାବିକତା ଫେରାଇ ଆଣିବା ପାଇଁ କର୍ତ୍ତୃପକ୍ଷ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ମହାରାଷ୍ଟ୍ରରେ ଜୁଲାଇ ୧ ତାରିଖରୁ ବର୍ଷା ଯୋଗୁ ପାଲଘର ଜିଲ୍ଲାରେ ୧୦ ଜଣ ଲୋକଙ୍କର ମୃତ୍ୟୁ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ମହାରାଷ୍ଟ୍ରର ଜଳଗାଁଓ ଜିଲ୍ଲାର ଅମଲନେର ସହର ନିକଟରେ ଏକ ପାଣି ଭର୍ତ୍ତି ଖଣିରେ ତିନି ଜଣ କିଶୋର ବୁଡ଼ି ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ଜଣେ ସେଲଫି ନେବାକୁ ଚେଷ୍ଟା କରିବା ସମୟରେ ଖସି ପଡ଼ିଥିଲା । ପରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇଜଣ ମଧ୍ୟ ବୁଡ଼ି ଯାଇଥିଲେ । ବର୍ଷା ପ୍ରଭାବିତ ମହାରାଷ୍ଟ୍ର ଓ ଗୁଜରାଟରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସେଠାକାର ସ୍ଥିତି ସମୀକ୍ଷା କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହିତ କଥା ହୋଇ କେନ୍ଦ୍ରୀୟ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି। ବୁଧବାର ଦିନ ଉଲ୍ଲାସ ନଦୀରେ ପାଣି ପ୍ରବାହିତ ହେବା ପରେ ମହାରାଷ୍ଟ୍ରର ରାଇଗଡ଼ ଜିଲ୍ଲାର ନେରାଲ ଓ କରଜତ ଷ୍ଟେସନ ମଧ୍ୟରେ ଟ୍ରେନ୍ ସେବା ପ୍ରାୟ ଗୋଟିଏ ଘଣ୍ଟା ପାଇଁ ବନ୍ଦ ରହିଥିଲା । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ସହ କଥା ହୋଇ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିର ସମୀକ୍ଷା କରିଛନ୍ତି। ବର୍ଷା ଜନିତ ପ୍ରତିକୂଳ ସ୍ଥିତିର ମୁକାବିଲା କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବାକୁ ଆଶ୍ୱାସନା ଦେଇଛନ୍ତି। ସୋମବାର ପ୍ରବଳ ବର୍ଷା ଯୋଗୁଁ ହଠାତ୍ ବନ୍ୟା ଆସିବା ଯୋଗୁ ଚେନାବ ଉପତ୍ୟାକାରେ ବ୍ୟାପକ ବାଧା ସୃଷ୍ଟି ହେବା, ଡୋଡା ଜିଲ୍ଲାରେ ରାସ୍ତା ଯୋଗାଯୋଗ ପ୍ରଭାବିତ ହେବା ଓ କିସ୍ତୱାଡ଼ ଜିଲ୍ଲାର ୫୪୦ ମେଗାୱାଟ କ୍ୱାର ଜଳବିଦ୍ୟୁତ ପ୍ରକଳ୍ପର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। କେରଳର ୱାୟନାଡରେ ଭୂସ୍ଖଳନ ଘଟଣାରେ ତିନି ଜଣଙ୍କ ମୃତ୍ୟୁ ଓ ୯ ଜଣ ନିଖୋଜ ହେବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ସିଙ୍ଗଡ଼ା କିଣିବା ପାଇଁ ଟ୍ରେନ୍ ଅଟକାଇଲେ ଲୋକୋ ପାଇଲଟ !

ନୂଆଦିଲ୍ଲୀ,୮।୭: ଟ୍ରେନ୍ ଅଟକାଇ ରାସ୍ତାପାର୍ଶ୍ୱ ଦୋକାନରୁ ସିଙ୍ଗଡ଼ା କିଣୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଇନ୍ଦୋର-ମାଓ ଡେମୁ ପ୍ୟାସେଞ୍ଜର ଟ୍ରେନକୁ ଇନ୍ଦୋର ନିକଟ ରାଉସ୍ଥିତ ରାଙ୍ଗୱାସା ରୋଡ ନିକଟରେ ଦଶ ମିନିଟ କଟକାଇଥିଲେ । ସେହି ସମୟରେ ରେଳବାଇର ଜଣେ କର୍ମଚାରୀ ରେଳଲାଇନ୍ ପାଖରେ ଥିବା ଛୋଟ ଜଳଖିଆ ଦୋକାନକୁ ଯାଇ ସିଙ୍ଗଡ଼ା କିଣି ଫେରୁଥିବା ଦେଖାଯାଇଛି ।ଲୋକୋ ପାଇଲଟ୍‌ଙ୍କୁ ଟ୍ରେନ୍ ଅଟକାଇବା, ସମୋସା କିଣିବା ଏବଂ ତାଙ୍କ ସିଟ୍କୁ ଫେରିବା ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଏହା ପରେ ଟ୍ରେନଟି ଚାଲିଥିଲା ।ସ୍ଥାନୀୟ ଲୋକମାନେ ଏକ ଭିଡିଓ ରେକର୍ଡ କରି ଏହାକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହାକୁ ସାଧାରଣରେ ସମାଲୋଚନା କରାଯିବା ସହ ବ୍ୟକ୍ତିଗତ କାମରେ ଟ୍ରେନ୍ ଅଟକାଇବାକୁ ନେଇ ପ୍ରଶ୍ନ ଉଠିଛି । ସତ୍ୟାସତ୍ୟ ଜାଣିବା ପାଇଁ ରେଳ କର୍ତ୍ତୃପକ୍ଷ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଏହା ଉପରେ ବର୍ତ୍ତମାନ ରେଳବାଇ ସ୍ପଷ୍ଟୀକରଣ ଦେଇଛି । ଦାବି ସଂପୂର୍ଣ୍ଣ ଭୁଲ ଓ ଭ୍ରମାତ୍ମକ । ହୋମ୍ ସିଗନାଲରେ ପୂର୍ବରୁ ଅଟକି ରହିଥିଲା ଟ୍ରେନ । ଯାତ୍ରୀବାହୀ ନୁହେଁ ମାଲବାହୀ ଟ୍ରେନ୍ ଥିଲା ।

## ନିଜ ଦଳୀୟ କର୍ମୀଙ୍କୁ ଚାପୁଡ଼ା ମାରିଲେ ମମତା ବାନାର୍ଜୀ

କୋଲକାତା,୮।୭: କୋଲକାତାରେ ଏକ ଦଳୀୟ ପ୍ରତିବାଦ ସମୟରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଜଣେ ତୃଣମୂଳ କଂଗ୍ରେସ (ଟିଏମସି) କର୍ମୀଙ୍କୁ ଚାପୁଡ଼ା ମାରିଛନ୍ତି। ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଦେଖାଯାଉଛି ଯେ ଜଣେ ବ୍ୟକ୍ତି ଭିଡ଼କୁ ନିୟନ୍ତ୍ରଣ କରିବାକୁ ଏବଂ ମମତା ବାନାର୍ଜୀଙ୍କ ପାଇଁ ରାସ୍ତା ସଫା କରିବାକୁ ଚେଷ୍ଟା କରୁଛନ୍ତି। କିଛି ମୁହୂର୍ତ୍ତ ପରେ, ସେ ତାଙ୍କର ରାଗ ନିୟନ୍ତ୍ରଣ କରିନପାରି ଦଳୀୟ କର୍ମୀଙ୍କୁ ଚାପୁଡ଼ା ମାରିଛନ୍ତି। ଭାଜପା ଏମପି ରାଜୁ ବିଷ୍ଟ ଜଣେ ଟିଏମସି କର୍ମୀଙ୍କୁ ଚାପୁଡ଼ା ମାରିବାର ଏକ ଭିଡିଓ ସେୟାର କରି ଏହି ଘଟଣା ପାଇଁ ବାନାର୍ଜୀଙ୍କୁ ସମାଲୋଚନା କରିଛନ୍ତି। ଏକ୍ସରେ ଏକ ପୋଷ୍ଟରେ ବିଷ୍ଟ ଲେଖିଛନ୍ତି, "ଟିଏମସି ପ୍ରତିବାଦ ସମୟରେ ମମତା ବାନାର୍ଜୀ ଜଣେ ବ୍ୟକ୍ତିଙ୍କୁ ଚାପୁଡ଼ା ମାରିଥିଲେ।

## ପାକିସ୍ତାନର କାର୍ଗୋ ବିମାନ ଦୁର୍ଘଟଣାଗ୍ରସ୍ତ , ୫ କ୍ରୁ ସଦସ୍ୟ ନିଖୋଜ

ନୂଆଦିଲ୍ଲୀ,୮।୭: ସଂଯୁକ୍ତ ଆରବ ଏମିରେଟ୍ସର ଶାରଜାରୁ ପାକିସ୍ତାନର କରାଚୀ ଅଭିମୁଖେ ଆସୁଥିବା ଏକ ବୋଇଂ ୭୩୭-୪୦୦ କାର୍ଗୋ ବିମାନ ଆରବ ସାଗରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପାକିସ୍ତାନର ବେସରକାରୀ କାର୍ଗୋ ଏୟାରଲାଇନ୍ସ 'କ୨ ଏୟାରୱେଜ୍' ଦ୍ୱାରା ପରିଚାଳିତ ଏହି ମାଲବାହୀ ବିମାନଟି ମଙ୍ଗଳବାର ବିଳମ୍ବିତ ରାତିରେ କରାଚି ଉପକୂଳରୁ ପ୍ରାୟ ୧୫୫ ନଟିକାଲ ମାଇଲ ପଶ୍ଚିମରେ ରାଡାରରୁ ନିଖୋଜ ହୋଇଯାଇଥିଲା। ତେବେ ପାକିସ୍ତାନ ନୌସେନା ଏବଂ ମାରିଟାଇମ୍ ସିକ୍ୟୁରିଟି ଏଜେନ୍ସି ବ୍ୟାପକ ସେର୍ଚ୍ଚ ଅପରେସନ ଚଳାଇ ଓରମାରା ଉପକୂଳରୁ ପ୍ରାୟ ୫୩ ନଟିକାଲ ମାଇଲ ଦୂର ଗଭୀର ସମୁଦ୍ରରୁ ବିମାନର ଭଙ୍ଗାବଶେଷ ଉଦ୍ଧାର କରିଛନ୍ତି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୫ ଜଣ ପାକିସ୍ତାନୀ କ୍ରୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

## ୧୩ କେଜି ସୁନା, ୯ କେଜି ରୁପା, ଟଙ୍କାର ପାହାଡ଼; ଅବସରପ୍ରାପ୍ତ ଅଧିକାରୀଙ୍କ ଘରୁ ବାହାରିଲା କୁବେରଙ୍କ ଭଣ୍ଡାର

ନୂଆଦିଲ୍ଲୀ,୮।୭: କାନ୍ଥର ବି କାନ ଥାଏ ଶୁଣିଥିବେ, ହେଲେ ଏଠି କାନ୍ଥ ଭିତରୁ ବିଡ଼ା ବିଡ଼ା ନୋଟ୍ ବାହାରୁଛି । ଅବସରପ୍ରାପ୍ତ ଜୀବନ ବିତାଉଥିବା ଜଣେ ସରକାରୀ ବାବୁଙ୍କ ଘର । ବାହାରକୁ ସବୁ କିଛି ସାଧାରଣ ଲାଗୁଥିଲା, ହେଲେ ଯେତେବେଳେ ଭିଜିଲାନ୍ସ ଟିମ୍ ସର୍ଚ୍ଚ ୱାରେଣ୍ଟ ଧରି ଭିତରକୁ ପଶିଲା, ସେତେବେଳେ ଯାହା ଦେଖିଲା, ଆଖି ଖୋସି ହୋଇଗଲା। ସିନ୍ଦୁକ, ଆଲମାରୀ ତ ଦୂରର କଥା, ଘରର କୋଣ ଅନୁକୋଣ ଏବଂ କାନ୍ଥ ଭିତରୁ ବାହାରିଲା କ୍ୟାଶ୍ ଆଉ କିଲୋ କିଲୋ ସୁନା ।ଲକ୍ଷ୍ନୌର ସେହି ଆଲୀଗଞ୍ଜ ବାସଭବନରେ ଯେମିତି କୁବେରଙ୍କ ଭଣ୍ଡାର ଲୁଚି ରହିଥିଲା । ପରିବହନ ବିଭାଗର ପୂର୍ବତନ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଲଳିତ କୁମାରଙ୍କର ଏହି କଳା ସାମ୍ରାଜ୍ୟ ଉପରୁ ଯେତେବେଳେ ପରଦା ହଟିଲା, ସାରା ରାଜ୍ୟ ଚକିତ ହୋଇଗଲା ।ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ଲଳିତ କୁମାରଙ୍କ ଲକ୍ଷ୍ନୌ ସ୍ଥିତ ବାସଭବନରେ ଉତ୍ତର ପ୍ରଦେଶ ଭିଜିଲାନ୍ସ ବିଭାଗ ପକ୍ଷରୁ ଜୁଲାଇ ୭ ଏବଂ ୮ରେ ଚଢ଼ାଉ କରାଯାଇଥିଲା ।

## ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ମାଆର ପ୍ରେମିକକୁ ମାରିଲା ପୁଅ

ରାଜକୋଟ,୮।୭: ଗୁଜରାଟର ରାଜକୋଟ ଜିଲ୍ଲାରୁ ଏକ ଚାଞ୍ଚଲ୍ୟକର ତଥା ହୃଦୟବିଦାରକ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ସର୍ବସାଧାରଣ ରାସ୍ତାରେ ସମସ୍ତଙ୍କ ସାମ୍ନାରେ ଜଣେ ଯୁବକ ତାଙ୍କ ମା'ଙ୍କ ସହ ଲିଭ୍-ଇନରେ ରହୁଥିବା ବ୍ୟକ୍ତିଙ୍କୁ ଗୋଡ଼ାଇ ଗୋଡ଼ାଇ ନିର୍ମମ ଭାବେ ଛୁରାମାଡ଼ କରି ହତ୍ୟା କରିଛି। ଏହି ସମ୍ପୂର୍ଣ୍ଣ କାଣ୍ଡ ସ୍ଥାନୀୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ୩୫ ବର୍ଷୀୟ କମଳେଶ ବାଘେଲା। ଅଭିଯୁକ୍ତ ଯୁବକଙ୍କ ନାମ ଜୟନ୍ତ ବାଘେଲା (୨୦) ବୋଲି ଜଣାପଡ଼ିଛି। ହତ୍ୟାକାଣ୍ଡର କିଛି ଘଣ୍ଟା ମଧ୍ୟରେ ପୋଲିସ ଅଭିଯୁକ୍ତ ଜୟନ୍ତକୁ ଗିରଫ କରିବାରେ ସଫଳ ହୋଇଛି ।ଭାଇରାଲ ହେଉଥିବା ସିସିଟିଭି ଫୁଟେଜ୍ ଅନୁଯାୟୀ, ଜୟନ୍ତ ଏକ ଧାରୁଆ ଛୁରୀ ଧରି ଏକ ଗଳି ଭିତରେ କମଳେଶଙ୍କୁ ଗୋଡ଼ାଉଥିବା ଦେଖିବାକୁ ମିଳିଛି। କମଳେଶ ଜୀବନ ବିକଳରେ ଦୌଡୁଥିବା ବେଳେ ଜୟନ୍ତ ତାଙ୍କୁ କାବୁ କରି ନିର୍ଦ୍ଦୟ ଭାବେ ଏକାଧିକ ବାର ଛୁରୀ ଭୁସି ଚାଲିଥିଲା ।ପୋଲିସ ସୂଚନା ମୁତାବକ, ମୃତ କମଳେଶ ଏବଂ ଅଭିଯୁକ୍ତର ମା' ନୀତା ଗତ ୧୨ ବର୍ଷ ହେବ ଲିଭ୍-ଇନ୍ ରିଲେସନସିପ୍ରେ ରହୁଥିଲେ। କମଳେଶ ଜଣେ ଦିନମଜୁରିଆ ଭାବେ କାମ କରୁଥିଲେ ଏବଂ ଏହି ସମ୍ପର୍କ ମଧ୍ୟରେ ସେ ନୀତାଙ୍କ ଝିଅର ବାହାଘର ମଧ୍ୟ କରାଇଥିଲେ।

## ଇମିଗ୍ରେସନ୍ ଓ ଯାତ୍ରୀ ସୁବିଧା ଉପରେ ଗୃହମନ୍ତ୍ରୀଙ୍କ ସମୀକ୍ଷା

# ବିମାନ ବନ୍ଦରରେ ଲାଗୁ ହେବ ସ୍ୱୟଂକ୍ରିୟ ଏକ୍ସ-ରେ ଟ୍ରେ ରିଟର୍ଣ୍ଣ ସିଷ୍ଟମ

ନୂଆଦିଲ୍ଲୀ,୮।୭(ପିଆଇବି): କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ ପ୍ରମୁଖ ବିମାନ ବନ୍ଦରରେ ଯାତ୍ରୀ ସୁବିଧା, ସୁରକ୍ଷା ବ୍ୟବସ୍ଥା ଏବଂ ଇମିଗ୍ରେସନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ବୈଠକରେ କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ନିର୍ଦ୍ଦେଶକ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସ୍‌ଏଫ୍)ର ମହାନିର୍ଦ୍ଦେଶକ, ଭାରତୀୟ ବିମାନ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ଏବଂ ଗୃହ ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଅନେକ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ ମାନବ ସମ୍ବଳ ଖର୍ଚ୍ଚ ହ୍ରାସ କରିବା ଉଦ୍ଦେଶ୍ୟରେ ଦେଶର ସମସ୍ତ ବିମାନବନ୍ଦରରେ ପର୍ଯ୍ୟାୟକ୍ରମେ ଏକ ସ୍ୱୟଂଚାଳିତ ଏକ୍ସ-ରେ ଟ୍ରେ ରିଟର୍ଣ୍ଣ ସିଷ୍ଟମ (ଏଟିଆରଏସ) ସ୍ଥାପନ କରାଯିବ। ସେ ଏହା ମଧ୍ୟ କହିଥିଲେ ଯେ ନୂଆ ବିମାନ



ବନ୍ଦରରେ ସ୍ୱୟଂକ୍ରିୟ ଏକ୍ସ-ରେ ଟ୍ରେ ରିଟର୍ଣ୍ଣ ସିଷ୍ଟମ ସ୍ଥାପନ କରିବା ଲାଗି ଉପଯୁକ୍ତ ମାନଦଣ୍ଡ ନିର୍ଦ୍ଧାରଣ କରାଯିବା ଉଚିତ। ଶ୍ରୀ ଅମିତ ଶାହ ନିର୍ଦ୍ଦେଶ ଦେଇଛନ୍ତି ଯେ ବିମାନବନ୍ଦରରେ ପ୍ରବେଶ ପଥ, ଚେକ୍-ଇନ୍ କାଉଣ୍ଟର, ସୁରକ୍ଷା ସ୍କ୍ରିନିଂ ଲେନ୍ ଏବଂ ଇମିଗ୍ରେସନ୍ କାଉଣ୍ଟର ମଧ୍ୟରେ ପାରସ୍ପରିକ ନିର୍ଭରଶୀଳତାକୁ ଧ୍ୟାନରେ ରଖି ଏକ ବ୍ୟାପକ ଢାଞ୍ଚା ବିକଶିତ କରାଯିବ, ଯାହା ଦ୍ୱାରା କୌଣସି ସ୍ପର୍ଶ-ପଏଣ୍ଟରେ ଯାତ୍ରୀଙ୍କ ଆତଯାତ ବାଧାପ୍ରାପ୍ତ ହେବ ନାହିଁ। ସେ କହିଥିଲେ ଯେ ବିମାନ ବନ୍ଦରରେ ପ୍ରତ୍ୟେକ ସ୍ଥାନ ପାଇଁ ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରାଯାଇଛି, ଯାହାଦ୍ୱାରା ଯାତ୍ରୀମାନଙ୍କ ନିରବଚ୍ଛିନ୍ନ ଯାତାୟାତ ସୁନିଶ୍ଚିତ ହୋଇପାରିବ। କେନ୍ଦ୍ର ଗୃହମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ତ୍ତମାନ ନିର୍ମାଣାଧୀନ ୨୧ଟି ବିମାନବନ୍ଦର ଏବଂ ଅବଶିଷ୍ଟ ୪୧ଟି ବିମାନବନ୍ଦରକୁ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋର (ବିସିଏଏସ) ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ଅନୁଯାୟୀ ଯାତ୍ରୀ ଯାତାୟାତ ଆଧାରରେ ବିକାଶ ପାଇଁ ପ୍ରାଥମିକତା ଦିଆଯିବ। ଆଗାମୀ ଦୁଇ ବର୍ଷ ମଧ୍ୟରେ ସମସ୍ତ ୬୨ଟି ବିମାନ ବନ୍ଦରର କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଅମିତ ଶାହ ମଧ୍ୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଯାତ୍ରୀ ସଂଖ୍ୟା ଏବଂ ବିମାନ ଯାତାୟାତ ଆଧାରରେ ସମସ୍ତ ବିମାନବନ୍ଦରରେ ଏରୋବ୍ରିଜେସ୍ ସଂଖ୍ୟା ପାଇଁ ନିୟମ ସ୍ଥିର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଆହୁରି ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ତ୍ତମାନ ୧୬ ଟି ପ୍ରମୁଖ ବିମାନବନ୍ଦରରେ ଉପଲବ୍ଧ ବ୍ୟାଗେଜ୍ ଡ୍ରପ୍ ସୁବିଧା ଅଧିକ ଯାତ୍ରୀ ଭିଡ ଥିବା ଅନ୍ୟ ଅନ୍ତର୍ଜାତୀୟ ବିମାନବନ୍ଦରକୁ ମଧ୍ୟ ବିସ୍ତାର କରାଯିବ। ସେ କହିଥିଲେ ଯେ ଏକ୍ସ-ରେ ସ୍କ୍ରିନିଂ ପାଇଁ ନିୟୋଜିତ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସ୍‌ଏଫ୍) କର୍ମଚାରୀଙ୍କ ପାଇଁ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା ହ୍ରାସ କରାଯିବା ଉଚିତ ନୁହେଁ। ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଥିବା ଅଧିକାରୀ ଏବଂ କର୍ମଚାରୀଙ୍କୁ ଏକ୍ସ-ରେ ସ୍କ୍ରିନିଂ ଦାୟିତ୍ୱରେ ନିୟୋଜିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ୨୦୨୭ ସୁଦ୍ଧା ସମସ୍ତ ରାଜ୍ୟର ମୁଖ୍ୟାଳୟରେ ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ (ଏଫ୍‌ଆରଆରଓ) କାର୍ଯ୍ୟକ୍ଷମ ହେବା ଉଚିତ। ସେ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ଅଗରତାଲା ଏବଂ ଜେୱାର ବିମାନବନ୍ଦରରେ ପ୍ରାଧିକୃତ ଇମିଗ୍ରେସନ୍ ଚେକପଏଣ୍ଟଗୁଡିକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବ।

# ଘରେ ପଶି ମୋବାଇଲ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର: ଘରେ ପଶି ମୋବାଇଲ ଚୋରି କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ତପନ ନାୟକ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ତା. ୦୬.୦୭.୨୦୨୬ ରାତି ପ୍ରାୟ ୧୧.୦୦ ଟା ସମୟରେ ଅଭିଯୋଗକାରୀ ଚିନ୍ମୟ ସେଠୀ ନିଜ ଘରେ ଶୋଇଥିଲେ ଏବଂ ପରଦିନ ସକାଳ ପ୍ରାୟ ୫.୦୦ ଘଟିକାରେ ଉଠି ଦେଖିବା ବେଳେ ତାଙ୍କ ଘରୁ ଏକ ଆପଲ୍ ଆଇଫୋନ୍-୧୫ ମୋବାଇଲ୍ ଫୋନ୍ ଚୋରି ହୋଇଯାଇଥିବା ଜଣାପଡ଼ିଥିଲା। ଘରର କବାଟ ଭାଙ୍ଗିଥିବା ସହ କେହି ଦୁର୍ବୃତ୍ତ ଘରେ ପ୍ରବେଶ କରି ମୋବାଇଲ୍ ଫୋନ୍ ଚୋରି କରିଥିବା ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ଅଭିଯୋଗକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଚୋରି ହୋଇଥିବା ମୋବାଇଲ୍ ଫୋନର କ୍ରୟ ରସିଦ ଜବତ କରାଯାଇଥିଲା। ପରବର୍ତ୍ତୀ ତଦନ୍ତ ସମୟରେ ତା. ୦୮.୦୭.୨୦୨୬ ପ୍ରାୟ ପୂର୍ବାହ୍ନ ୧୧.୩୦ ଟାରେ ସାଲିଆସାହି ତାରିଣୀ ନଗର ଅଞ୍ଚଳରେ ଜଣେ ବ୍ୟକ୍ତି ଅତି କମ୍ ଦାମରେ ଏକ ମୋବାଇଲ୍ ଫୋନ୍ ବିକ୍ରି କରିବାକୁ ଉଦ୍ୟମ କରୁଥିବା ନେଇ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଥିଲା। ଏହି ସୂଚନା ଆଧାରରେ ନୟାପଲ୍ଲୀର ଥାନାର ପୁଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତ ତପନ ନାୟକଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ଗୋଲାପୀ ରଙ୍ଗର ଏକ ଆପଲ୍ ଆଇଫୋନ୍୧୫ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ପଚରାଉଚରା ବେଳେ ସେ ସେ ଉକ୍ତ ମୋବାଇଲ୍ ?ର କୌଣସି କ୍ରୟ ରସିଦ କିମ୍ବା ମାଲିକାନା ସମ୍ପର୍କିତ ଦଲିଲ୍ ଦେଖାଇପାରିନଥିଲେ ଏବଂ ଗତ ରାତି ତା ୦୮.୦୭.୨୦୨୬ ରାତି ପ୍ରାୟ ୨.୦୦ ଟାରେ ଇସ୍କନ ବସ୍ତିର ଏକ ଘରର ଖୋଲା କବାଟ ଦେଇ ପ୍ରବେଶ କରି ଉକ୍ତ ମୋବାଇଲ୍ ଫୋନ୍ ଚୋରି କରିଥିବା ସ୍ୱୀକାର କରିଥିଲେ। ଅଧିକ ପଚରାଉଚରା ବେଳେ ଅଭିଯୁକ୍ତ ପୂର୍ବରୁ ଇନ୍ଦିରା ମଇଦାନ ନିକଟରେ ଥିବା ଏକ ନିର୍ମାଣାଧୀନ କୋଠାରୁ ଏବଂ ପରବର୍ତ୍ତୀ ସମୟରେ ଏନ-୬ ଅଞ୍ଚଳରୁ ବିଦ୍ୟୁତ ତାର ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ। ତାଙ୍କ ବୟାନ ଆଧାରରେ ଘରେ ଲୁଚାଇ ରଖିଥିବା କିଛି ଚୋରି ହୋଇଥିବା ବିଦ୍ୟୁତ ତାର ଉଦ୍ଧାର କରାଯାଇ ଜବତ କରାଯାଇଥିଲା। ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ, ଅଭିଯୁକ୍ତ ତପନ ନାୟକ ଜଣେ ଅଭ୍ୟାସଗତ ସମ୍ପତ୍ତି ଅପରାଧୀ ଜଣାପଡିଥିଲେ ଏବଂ ପୂର୍ବରୁ ଭରତପୁର, ନୟାପଲ୍ଲୀ, ଏବଂ ଚନ୍ଦ୍ରଶେଖରପୁର ଥାନାରେ ଚୋରି, ଘରଭଙ୍ଗା ଚୋରି, ଏନଡିପିଏସ୍ ଏବଂ ଏକ୍ସାଇଜ୍ ଆଇନ ସମ୍ପର୍କିତ ସମୁଦାୟ ୯ ଟି ମାମଲାରେ ସମ୍ପୃକ୍ତ ରହିଛନ୍ତି। ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ଭୁବନେଶ୍ୱର କୋର୍ଟରେ ପୁଣି ବୋମା ଆତଙ୍କ: ଆସିଲା ଧମକପୂର୍ଣ୍ଣ ଇ-ମେଲ

ଭୁବନେଶ୍ୱର: ଭୁବନେଶ୍ୱର କୋର୍ଟରେ ପୁଣି ବୋମା ଆତଙ୍କ ଦେଖିବାକୁ ମିଳିଛି । ବୁଧବାର ଇ-ମେଲ ଯୋଗେ କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିବା ପରେ ଏଭଳି ସ୍ଥିତି ଉପୁଜିଛି । ଖବର ମିଳିବା ପରେ ଭୁବନେଶ୍ୱର କୋର୍ଟ କ୍ୟାମ୍ପସରେ ଚାଞ୍ଚଲ୍ୟ ଖେଳିଯାଇଛି । ପୋଲିସ ସମେତ ଡଗ୍ ସ୍କ୍ୱାର୍ଡ, ବୋମା ନିଷ୍କ୍ରିୟକାରୀ ଟିମ୍ କୋର୍ଟରେ ପହଞ୍ଚି ଯାଞ୍ଚ କରିଥିଲେ । ତେବେ ପୂର୍ବରୁ ଗତ ମାର୍ଚ୍ଚ ମାସରେ ମଧ୍ୟ ଏପରି ଧମକପୂର୍ଣ୍ଣ ଇ-ମେଲ୍ ଆସିଥିଲା । ପରିବାର ଅଦଲାତ କୋର୍ଟକୁ ଏହି ଧମକପୂର୍ଣ୍ଣ ଇ-ମେଲ ଆସିଥିଲା । ଏନେଇ ତୁରନ୍ତ କୋର୍ଟ ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା। ମଧ୍ୟାହ୍ନରେ ବଡ଼ଗଡ଼ ଥାନା ଟିମ୍ ଭୁବନେଶ୍ୱର କୋର୍ଟ କ୍ୟାମ୍ପସରେ ଯାଞ୍ଚ ଆରମ୍ଭ କରିଥିଲା। ଏଥିସହ ସନ୍ଧାନୀ କୁକୁର ଟିମ୍ ଆସି ଯାଞ୍ଚ କରିଥିଲା । କୋର୍ଟର ଲିଫ୍ଟ, ପାର୍କିଂ ସ୍ଥଳ ସମେତ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଆଦିକୁ ଭଲଭାବେ ଯାଞ୍ଚ କରାଯାଇଥିଲା । ୪ଟି ମହଲାର ବିଭିନ୍ନ ସ୍ଥାନରେ ମେଟାଲ ଡ଼ିଟେକ୍ଟର ସାହାଯ୍ୟରେ ସ୍କାନ ମଧ୍ୟ କରାଯାଇଥିଲା । ଏଥିପାଇଁ କୋର୍ଟ ଭିତରେ ଭୟର ବାତାବରଣ ଖେଳିଯାଇଥିଲା । ହେଲେ କୋର୍ଟ କାମରେ କୌଣସି ବାଧା ଉପୁଜିନଥିଲା । ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାଞ୍ଚ କରାଯିବାପରେ ଏହା ଗୁଜବ ବୋଲି ଜଣାପଡିଥିଲା। ତେବେ କିଏ ଓ କାହିଁକି ମିଥ୍ୟା ଇ-ମେଲ୍ ପଠାଇ ଏଭଳି ଆତଙ୍କ ସୃଷ୍ଟି କଲେ ତାକୁ ନେଇ ପୋଲିସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି । ଏନେଇ ତଦନ୍ତ କରାଯିବ ବୋଲି ବଡ଼ଗଡ଼ ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକ କହିଛନ୍ତି । ଗତ ମାର୍ଚ୍ଚ ୧୨ରେ ଭୁବନେଶ୍ୱର କୋର୍ଟକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ଇ-ମେଲ ଆସିଥିଲା । ଜିଲ୍ଲା ଓ ଦୌରାଜଜଙ୍କ ଇ-ମେଲରେ ଏହି ଚେତାବନୀପୂର୍ଣ୍ଣ ମେଲ ଆସିଥିଲା । ଏହାପରେ କୋର୍ଟ କ୍ୟାମ୍ପସ ଭିତରେ ଡଗ୍ ସ୍କ୍ୱାର୍ଡ ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ହେଲେ ଯାଞ୍ଚ ପରେ ଏହା ଏକ ଗୁଜବ ବୋଲି ସ୍ପଷ୍ଟ ହୋଇଥିଲା । ରାଜ୍ୟର ବିଭିନ୍ନ କୋର୍ଟ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ପ୍ରତିଷ୍ଠାନକୁ ମଧ୍ୟ ବାରମ୍ବାର ଏଭଳି ବୋମା ଧମକ ମିଳୁଛି। ଯାହାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ସୃଷ୍ଟି ହୋଇଛି । ପୂର୍ବରୁ ଅନେକ ଥର ରାଜ୍ୟର ବିଭିନ୍ନ ଜିଲ୍ଲାର କୋର୍ଟ, ଏୟାରପୋର୍ଟ ଏବଂ ଏକାଧିକ ସମ୍ବେଦନଶୀଳ ସ୍ଥାନକୁ ବୋମାରେ ଉଡାଇ ଦେବାକୁ ଧମକ ଆସିଥିଲା । ଗତ ମାର୍ଚ୍ଚ ୯ରେ ପୁରୀ କୋର୍ଟକୁ ମଧ୍ୟ ଏଭଳି ମେଲ୍ ଆସିଥିଲା। ଯାଞ୍ଚ ପରେ ଗୁଜବ ବୋଲି ଜଣାପଡିଥିଲା । ଗତ ଜାନୁଆରୀ ୮ରେ କଟକ ହାଇକୋର୍ଟ ସମେତ ସମ୍ବଲପୁର, ଦେବଗଡ଼ ଜିଲ୍ଲା କୋର୍ଟକୁ ମଧ୍ୟ ବୋମା ଧମକ ମିଳିଥିଲା ।

## ନିର୍ମାଣାଧୀନ ଘରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି, ଜଣେ ଗିରଫ

ଭୁବନେଶ୍ୱର: ଏକ ନିର୍ମାଣଧିନ ଘରୁ ଲକ୍ଷାଧିକ ଟଙ୍କାର ଜିନିଷ ଚୋରି କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଶିଖରଚଣ୍ଡି ବସ୍ତିରେ ରହୁଥିବା ବଲିଆ ଓରଫ ବଳରାମ ପାତ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଭୋଟାପଡ଼ାସ୍ଥିତ ନିର୍ମାଣାଧୀନ ଘରରୁ ତା. ୦୧.୦୭.୨୦୨୬ ଓ ପୁନର୍ବାର ତା. ୦୬.୦୭.୨୦୨୬ ରାତିରେ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ପ୍ରାୟ ୨.୫୦ ଲକ୍ଷ ଟଙ୍କା ମୂଲ୍ୟର ନୂତନ ଲଗାଯାଇଥିବା ପଲିକ୍ୟାବ ବିଦ୍ୟୁତ ତାର ଚୋରି କରିନେଇଥିଲେ। ପାଖାପାଖି ଦୁଇଥର ଚୋରି ହେବା ପରେ ଅଭିଯୋଗକାରୀ ଥାନାରେ ଏତଲା ଦେଇଥିଲେ। ତଦନ୍ତ ସମୟରେ ବିଶ୍ୱସ୍ତ ସୂଚନା ଆଧାରରେ ମଞ୍ଚେଶ୍ୱର ଥାନା ପୋଲିସ ଏକ ଟୀମ କବାଡ଼ି ଦୋକାନ ନିକଟରେ ଚଢ଼ାଉ କରି ଅଭିଯୁକ୍ତ ବାଲିଆ ଉର୍ଫ ବଳରାମ ପାତ୍ରଙ୍କୁ ଚୋରି ବିଦ୍ୟୁତ ତାର ବିକ୍ରି କରିବାକୁ ଉଦ୍ୟମ କରୁଥିବା ସମୟରେ କାବୁ କରିଥିଲେ। ପଚରାଉଚରା ବେଳେ ସେ ନିଜ ସହଯୋଗୀମାନଙ୍କ ସହ ମିଶି ଉକ୍ତ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ସାମଗ୍ରୀକୁ ପଟିଆ ରେଳ ଷ୍ଟେସନ ନିକଟରେ ଥିବା ଜଣେ ବୁଲା କବାଡ଼ି ବ୍ୟବସାୟୀଙ୍କୁ ବିକ୍ରି କରିଥିବା ପ୍ରକାଶ କରିଥିଲେ। ସେ ଆହୁରି ମଧ୍ୟ ଅନ୍ୟ ଏକ ମାମଲାରେ ମଣିନାଗେଶ୍ୱରୀ ବସ୍ତିରୁ ଏକ ପଲସର ମୋଟରସାଇକେଲ ଚୋରି କରିଥିବା କଥା ମଧ୍ୟ ସ୍ୱୀକାର କରିଥିଲେ। ତାଙ୍କ ସୂଚନା ଆଧାରରେ ଶିଖରଚଣ୍ଡୀ ବସ୍ତିସ୍ଥିତ ତାଙ୍କ ଘର ପଛପଟୁ ଲୁଚାଇ ରଖାଯାଇଥିବା ଚୋରି ପଲସର ମୋଟରସାଇକେଲକୁ ଉଦ୍ଧାର କରି ଜବତ କରାଯାଇଥିଲା। ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ମୋଟରସାଇକେଲର ରଙ୍ଗକୁ ନାଲିରୁ କଳା କରି କରିଥିଲେ ଏବଂ ସେ ଏକ ସଂଗଠିତ ଚୋରି ଓ ଚୋରା ସାମଗ୍ରୀ କାରବାରରେ ସକ୍ରିୟ ଭାବେ ସମ୍ପୃକ୍ତ ଥିଲେ। ତାଙ୍କର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ବାଲିଆ ଉର୍ଫ ବଳରାମ ପାତ୍ର ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ବିରୋଧରେ ମଞ୍ଚେଶ୍ୱର, ଇନଫୋସିଟି ଓ ଚନ୍ଦ୍ରଶେଖରପୁର ଥାନାରେ ସମ୍ବନ୍ଧୀୟ ୧୫ଟି ଅପରାଧିକ ମାମଲା ରହିଛି। ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ବାହାଘରକୁ ଯାଇଥିଲେ ପରିବାର ସୁନା-ଟଙ୍କା ଲୁଟିନେଲେ ଚୋର

ଖୁଣ୍ଟା:ବାହାଘର ଖୁସି ଭିତରେ ପଶିଲା ଚୋରଙ୍କ କଳା ଛାୟା। ଶାଳୀଙ୍କ ବିବାହରେ ଯୋଗ ଦେବାକୁ ସମସ୍ତ ପରିବାର କଲ୍ୟାଣ ମଣ୍ଡପକୁ ଯାଇଥିବା ବେଳେ ସୁଯୋଗ ନେଇ ଘରର ତାଲା ଭାଙ୍ଗି ପ୍ରାୟ ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରି ଫେରାର ହୋଇଯାଇଛନ୍ତି ଦୁର୍ବୃତ୍ତ। ଏଭଳି ଚୋରି ଘଟଣା ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ ଖୁଣ୍ଟା ବଜାର ପ୍ରାଣିଚିକିତ୍ସା କେନ୍ଦ୍ର ନିକଟରେ ଘଟିଛି। ସୂଚନା ଅନୁଯାୟୀ, ଶିକ୍ଷକ ପ୍ରଶାନ୍ତ ବେହେରା ମଙ୍ଗଳବାର ରାତିରେ ପରିବାର ସହ ଶାଳୀଙ୍କ ବିବାହରେ ଯୋଗ ଦେବା ପାଇଁ ଖୁଣ୍ଟା କଲ୍ୟାଣ ମଣ୍ଡପକୁ ଯାଇଥିଲେ। ବିଳମ୍ବିତ ରାତିରେ ବରଯାତ୍ରୀ ପହଞ୍ଚିବା ପରେ ତାଙ୍କ ପୁଅ ମୋବାଇଲ୍ ଚାର୍ଜ କରିବା ପାଇଁ ଘରକୁ ଆସିଥିଲେ। ଘର ନିକଟରେ ପହଞ୍ଚି ସେ ପ୍ରବେଶ ଗ୍ରିଲ୍ ଖୋଲା ଥିବା, ବାହାର ଲାଇଟ୍ ଭଙ୍ଗା ଓ ଘର ଭିତରେ ଲାଇଟ୍ ଜଳୁଥିବା ଦେଖି ସନ୍ଦେହ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ।ପରେ ଘର ଯାଞ୍ଚ କରିବା ବେଳେ ଚୋରମାନେ ଗ୍ରିଲ୍ ଏବଂ ଭିତର କବାଟର ତାଲା ଭାଙ୍ଗି ଆଲମିରାରେ ଥିବା ସୁନା ଅଳଙ୍କାର ସହ ପ୍ରାୟ ୩୫ରୁ ୪୦ ହଜାର ଟଙ୍କା ନଗଦ ନେଇଯାଇଥିବା ଜଣାପଡ଼ିଥିଲା। ସମୁଦାୟ ଚୋରି ହୋଇଥିବା ସମ୍ପତ୍ତିର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି।



### ନୂତନ ମଦ ଦୋକାନକୁ ମହିଳାଙ୍କ ବିରୋଧ

## ଅନ୍ୟତ୍ର ସ୍ଥାନାନ୍ତରିତ ଦାବିରେ ଧାରଣା




ଜଟଣୀ(ନିପ୍ର): ସ୍ଥାନୀୟ ସୀତାରାମ ଛକ ଉପରେ ଥିବା ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର କଡରେ ତରବରିଆ ଭାବେ ଖୋଲା ଯାଇଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ବିରୋଧ କରି ବୁଧବାର ଦିନ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ରାସ୍ତା ରୋକ କରିବା ଫଳରେ ବାଧ୍ୟ ହୋଇ ପ୍ରଶାସନ ପକ୍ଷରୁ ଉକ୍ତ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ବନ୍ଦ କରିଦିଆଯାଇଛି । ଉଲ୍ଲେଖ ଯୋଗ୍ୟ ଯେ ମଦ ଦୋକାନୀ ଅବକାରୀ ବିଭାଗ ମଧ୍ୟରେ ମଧୁଚନ୍ଦ୍ରିକା ହୋଇ ସହର ମଧ୍ୟରେ ଦୁଇଟି ବିଦେଶୀ ଠିପି ବନ୍ଦ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି। ଯାହାକୁ ନେଇ ଜଟଣୀ ବ୍ୟବସାୟୀ ମହାସଂଘ, ମନ୍ଦିର ପରିଚାଳନା କମିଟି, ସ୍ଥାନୀୟ କାଉନସିଲର ଓ ବଜରଙ୍ଗୀ ସେବାସଙ୍ଘ ପକ୍ଷରୁ ଜିଲା ପ୍ରଶାସନକୁ ପୃଥକ ପୃଥକ ଭାବେ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ପ୍ରଶାସନ ପକ୍ଷରୁ କୋହଳ ମନୋଭାବ ଦେଖାଯିବାରୁ ବୁଧବାର ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ଆନ୍ଦୋଳନକୁ କିଛି କାଉନସିଲର ପରୋକ୍ଷରେ ସହଯୋଗ କରୁଥିବାବେଳେ କାଉନସିଲର ବିଷ୍ଣୁ କୁମାର ସାହୁ ଖୋଲାଖୋଲି ବିରୋଧ କରି ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଯୁକ୍ତି ବାଢିଥିଲେ । ଆନ୍ଦୋଳନ କାରୀ ମହିଳା ଗୋଷ୍ଠୀ ସହର ମଧ୍ୟରେ ଥିବା ଦୁଇଟି ମଦ ଦୋକାନ ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ।

## ଅଜଣା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୁଗୁଡ଼ା(ନିପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ମୋଟାବାଡି ଗ୍ରାମର ଗୋପୀନାଥ ବିଦ୍ୟାପୀଠ ନିକଟସ୍ଥ କାଜୁ ଜଙ୍ଗଲରେ ଝୁଲି ରହିଛି ଏକ ଅଜଣା ବ୍ୟକ୍ତିର ମୃତ ଦେହ। ମୃତକଙ୍କ ପରିଚୟ ଏଯାଏଁ ମିଳି ପାରିନଥିବା ବେଳେ ତାଙ୍କ ବୟସ ୩୦ରୁ ୩୫ ବର୍ଷ ବୋଲି ଅନୁମାନ କରାଯାଉଛି। କିଛି ଲୋକ କାଜୁ ଗଛରେ ଝୁଲୁଥିବା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ବୁଗୁଡ଼ା ପୁଲିସ ପହଞ୍ଚି ମୃତକଙ୍କ ପ୍ୟାଣ୍ଟ ପକେଟରୁ ଏକ ମୋବାଇଲ ଫୋନ ଜବତ କରି ଅନୁସନ୍ଧାନ କରୁଥିବା ଦେଖିବାକୁ ମିଳିଛି। ସାଇଣ୍ଟିଫିକ୍ ଟିମର ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡିବ ବୋଲି ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି।

## ନାବାଳିକାକୁ ଗର୍ଭବତୀ କରି ଯୁବକ ଗିରଫ

କଟକ(ନିପ୍ର): ଜନୈକ ନାବାଳିକାକୁ ଗର୍ଭବତୀ କରିବା ଅଭିଯୋଗରେ ଜଗତପୁର ଥାନା ପୋଲିସ ସ୍ଥାନୀୟ ତ୍ରିନାଥ ସାହିର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ତ୍ରିନାଥ ସାହିର ଶଙ୍କର ବଇଦ(୨୧) । ପୋଲିସ ପ୍ରଦତ୍ତ ସୂଚନା ଅନୁଯାୟୀ ସେହି ସାହିର ଜନୈକ ୧୪ ବର୍ଷୀୟା ଝିଅ ଓ ତା'ର ବାପା ଗତ ମାସ ୨୮ ଓ ୨୯ ତାରିଖ ୨ ଦିନ ଆୟୁର୍ବେଦିକ ଔଷଧ ବିକ୍ରି କରିବାକୁ ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଆପାଳ ହାଟକୁ ଯାଇଥିଲେ । ସେଠାରେ ଝିଅଟିର ପେଟରେ ଯନ୍ତ୍ରଣା ହେବାରୁ ତାକୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ମାତ୍ର ସେଠାରେ ଝିଅଟି ୫ ମାସର ଗର୍ଭବତୀ ଥିବା ଓ ଗର୍ଭସ୍ଥ ପିଲାଟି ମୃତ ଥିବା କହି ଡାକ୍ତର ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଅଭିଯୁକ୍ତ ଶଙ୍କର ତା' ସହ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିବା ଓ ସେଥିପାଇଁ ସେ ଗର୍ଭବତୀ ହୋଇଥିବା ଝିଅଠାରୁ ଜାଣିବା ପରେ ଝିଅର ମା' ଗତ ୨୯ ତାରିଖ ରାତିରେ ବରୀ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ । ଜିରୋ ଏଫଆଇଆରରେ ଘଟଣାଟି ଜଗତପୁର ଥାନାକୁ ସ୍ଥାନାନ୍ତରିତ ହୋଇଥିଲା । ଜଗତପୁର ପୋଲିସ ଏକ ମାମଲା ରୁଜୁକରି ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ମାଇନା ମଧ୍ୟ କରିଥିଲା । ଏପରିକି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମଧ୍ୟ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି । ବୁଧବାର ସକାଳେ ଅଭିଯୁକ୍ତ ଶଙ୍କରକୁ ଗିରଫ କରାଯାଇ ଡାକ୍ତରୀ ମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି ।

## ନିଆଁଲାଗି ଲକ୍ଷାଧିକ ଟଙ୍କାର କବାଡି ସାମଗ୍ରୀ ପୋଡ଼ି ପାଉଁଶ

ପୁରୀ(ନିପ୍ର): ମଙ୍ଗଳବାର ବିଳମ୍ବିତ ରାତିରେ ପୁରୀ ମଙ୍ଗଳାଘାଟ ବ୍ରିଜ ନିକଟରେ ଥିବା ଗୋଟିଏ କବାଡି ଦୋକାନରେ ଅଚାନକ ନିଆଁ ଲାଗିଯିବାରୁ ଲକ୍ଷାଧିକ ଟଙ୍କାର କବାଡି ସାମଗ୍ରୀ ଜଳିପୋଡି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ସ୍ଥାନୀୟ ଲୋକେ କବାଡି ଦୋକାନରୁ ହଠାତ୍ ଧୂଆଁ ଉଠୁଥିବା ଦେଖିଥିଲେ। ମୁହୂର୍ତ୍ତକ ମଧ୍ୟରେ ନିଆଁ ଭୀଷଣ ରୂପ ଧାରଣ କରି ସାରା ଦୋକାନକୁ ଗ୍ରାସ କରିନେଇଥିଲା। ଦୋକାନ ଭିତରେ ପଡ଼ିଥିବା ଲୁହା, ପ୍ଲାଷ୍ଟିକ, କାଗଜ ଓ ଅନ୍ୟାନ୍ୟ କବାଡି ସାମଗ୍ରୀ ପଡ଼ିଥିବା ଯୋଗୁଁ ନିଆଁ ଅଧିକ ବ୍ୟାପିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର ୨ଟି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଦୋକାନ ଭିତରେ ରହିଥିବା ସମସ୍ତ କବାଡି ସାମଗ୍ରୀ ଜଳି ଯାଇସାରିଥିଲା। ପ୍ରାୟ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଉଛି। ସର୍ଟସର୍କିଟ୍ ବା ସିଗାରେଟ୍ ଖାଇ ଫିଙ୍ଗିଦେବା ଯୋଗୁଁ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ ପ୍ରକୃତ କାରଣ ତଦନ୍ତ ପରେ ହିଁ ଜଣାପଡ଼ିବ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି।

## ପୋଲିସ୍‌ରେ ୩୩ ହଜାର ପଦବୀ ଖାଲି: ଡିଜିପି

କଟକ(ନିପ୍ର): ଓଡ଼ିଶା ପୋଲିସରେ ୩୩ ହଜାର ପଦବୀ ଖାଲି ରହିଛି। ଏନେଇ ଡିଜିପି ୱାଇବି ଖୁରାନିଆ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜନସଂଖ୍ୟା ଅନୁସାରେ ପୋଲିସ ବିଭାଗରେ ମାନବ ସମ୍ବଳ କମ ଅଛି। ଅନ୍ୟ ରାଜ୍ୟ ତୁଳନାରେ ଆମର ମାନବ ସମ୍ବଳ କମ ରହିଛି। ମୁଖ୍ୟମନ୍ତ୍ରୀ ଏହା ଭିତରେ ୧୭ ହଜାର ନୂଆ ପଦବୀ ସୃଷ୍ଟି କରିଛନ୍ତି। ପୂର୍ବ ୧୬ ହଜାର ଭ୍ୟାକେନ୍ସିକୁ ମିଶାଇ ୩୩ ହଜାର ପଦବୀ ଖାଲି ପଡ଼ିଛି। ସମସ୍ତ ଖାଲି ଥିବା ପଦବୀ ଖୁବଶୀଘ୍ର ପୂରଣ ହେବ ବୋଲି ଆଶାବାଦୀ। ଇନ୍ସପେକ୍ଟର ବ୍ୟୁଟି ମହାନ୍ତି ମୃତ୍ୟୁ ମାମଲାକୁ ନେଇ ଡିଜିପି କହିଛନ୍ତି, ଏହି ଘଟଣାର ତଦନ୍ତ ଚାଲିଛି। ରିପୋର୍ଟ ଆସିଲେ ତଦନୁସାରେ ପଦକ୍ଷେପ ନିଆଯିବ। ଆଇପିଏସ ଜଗମୋହନ ମୀନାଙ୍କ ଇସ୍ତଫାକୁ ନେଇ ପ୍ରତିକ୍ରିୟା ରଖି ଡିଜିପି କହିଛନ୍ତି, ଏହା ତାଙ୍କ ନିଜସ୍ୱ ନିଷ୍ପତ୍ତି। ଏହାକୁ ଗ୍ରହଣ କରିନେବା ପାଇଁ ଅନେକ ବାର କହିଛନ୍ତି।

### ପୁଅ-ବୋହୂଙ୍କ ନିର୍ଯାତନାର ଅଭିଯୋଗ

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୃଦ୍ଧ ଦମ୍ପତିଙ୍କ ଆମରଣ ଅନଶନ



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ବୃଦ୍ଧାବସ୍ଥାରେ ପୁଅ ଓ ବୋହୂଙ୍କ ନିର୍ଯାତନାର ଶିକାର ହୋଇ ନ୍ୟାୟ ଦାବିରେ ଜଣେ ବୃଦ୍ଧ ଦମ୍ପତି କେନ୍ଦ୍ରାପଡ଼ା ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଅରଗଳ ଶାସନ ଗ୍ରାମର ୭୭ ବର୍ଷୀୟା ଟୁନି ବେହେରା ଏବଂ ତାଙ୍କ ୮୩ ବର୍ଷୀୟ ସ୍ୱାମୀ କୃଷ୍ଣଚନ୍ଦ୍ର ବେହେରା ଅଭିଯୋଗ କରିଛନ୍ତି ଯେ, ଦୀର୍ଘଦିନ ଧରି ସେମାନଙ୍କ ପୁଅ ଓ ବୋହୂ ମାନସିକ ଏବଂ ଶାରୀରିକ ଭାବେ ନିର୍ଯାତନା ଦେଇଆସୁଛନ୍ତି। ଏପରିକି ସେମାନଙ୍କୁ ଘର ଭିତରକୁ ପ୍ରବେଶ କରିବାକୁ ନଦେଇ ବାହାରେ ରଖାଯାଉଥିବାର ମଧ୍ୟ ଅଭିଯୋଗ କରିଛନ୍ତି। ବୃଦ୍ଧ ଦମ୍ପତିଙ୍କ କହିବା ଅନୁଯାୟୀ, ସେମାନେ ନ୍ୟାୟ ପାଇଁ ପୂର୍ବରୁ ପ୍ରଶାସନର ବିଭିନ୍ନ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇନାହାନ୍ତି। ଫଳରେ ବାଧ୍ୟ ହୋଇ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ସେମାନେ ପ୍ରଶାସନ ନିକଟରେ ତୁରନ୍ତ ହସ୍ତକ୍ଷେପ କରି ସେମାନଙ୍କୁ ସୁରକ୍ଷା ଯୋଗାଇବା ସହ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ଏହି ଅଭିଯୋଗ ଉପରେ ପ୍ରଶାସନ କେଉଁ ପଦକ୍ଷେପ ନେଉଛି ଏବଂ ବୃଦ୍ଧ ଦମ୍ପତି କେବେ ନ୍ୟାୟ ପାଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ସାଇବର ଆର୍ଥିକ ଠକେଇ ମାମଲାର ତ୍ୱରିତ୍ ପଞ୍ଜୀକରଣ ପାଇଁ

## 'ଇ-ଜିରୋ ଏଫ୍ଆଇଆର୍' ବ୍ୟବସ୍ଥାର ଶୁଭାରମ୍ଭ






କଟକ(ନିପ୍ର): ସାଇବର ଆର୍ଥିକ ଠକେଇ ମାମଲାର ଶୀଘ୍ର ପଞ୍ଜୀକରଣ, ଦ୍ରୁତ ତଦନ୍ତ ଏବଂ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ଆଜି 'ଇ-ଜିରୋ ଏଫ୍ଆଇଆର୍' ବ୍ୟବସ୍ଥାର ଶୁଭାରମ୍ଭ କରିଛି। ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ସାଇବର ଆର୍ଥିକ ଠକେଇ ଘଟଣା ବଢୁଥିବାରୁ ଅଭିଯୋଗ ପଞ୍ଜୀକରଣକୁ ଅଧିକ ଦ୍ରୁତ, ସରଳ ଓ ପ୍ରଭାବଶାଳୀ କରିବା ସହ ଠକେଇ ହୋଇଥିବା ଅର୍ଥ ଉଦ୍ଧାରର ସମ୍ଭାବନା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ନାଗରିକଙ୍କୁ ଅଧିକ ସ୍ୱଚ୍ଛ, ଦକ୍ଷ ଓ ଜନକଲ୍ୟାଣମୂଳକ ପୋଲିସ ସେବା ପ୍ରଦାନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ବ୍ୟବସ୍ଥାରେ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ ଜାତୀୟ ସାଇବର ହେଲ୍ପଲାଇନ୍ ୧୯୩୦କୁ ସିସିଟିଏନଏସ ସହ ସମନ୍ୱୟ କରିଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ୧୦ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ସାଇବର ଆର୍ଥିକ ଠକେଇ ସମ୍ବନ୍ଧୀୟ ଅଭିଯୋଗ ୧୯୩୦ରେ ପଞ୍ଜୀକୃତ ହେଲେ, ସିସିଟିଏନଏସରେ ସ୍ୱୟଂଚାଳିତ ଭାବେ ର-ତରକ୍ଷକୁ ରଓଜ ଅନୁରୋଧ ସୃଷ୍ଟି ହେବ ଏବଂ ତାହା ଅପରାଧ ଶାଖାର ସାଇବର ପୋଲିସ ଷ୍ଟେସନ୍‌କୁ ପଠାଯିବ। ପ୍ରାଥମିକ ଯାଞ୍ଚ ପରେ ସାଇବର ପୋଲିସ ଷ୍ଟେସନ୍ ନିୟମିତ ଏଫ୍ଆଇଆର୍ ପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିପାରିବ। ପ୍ରୟୋଜନ ଅନୁଯାୟୀ ମାମଲାକୁ ସମ୍ପୃକ୍ତ ଥାନାକୁ ସ୍ଥାନାନ୍ତର, ଜିରୋ ଏଫ୍ଆଇଆର୍ ଭାବେ ପଞ୍ଜୀକରଣ, ପୂର୍ବରୁ ଥିବା ମାମଲା ସହ ସଂଯୋଗ କିମ୍ବା ନିର୍ଦ୍ଧାରିତ ମାନଦଣ୍ଡ ପୂରଣ ନ କରୁଥିବା ଅଭିଯୋଗକୁ ବନ୍ଦ କରାଯାଇପାରିବ। ଏହି ବ୍ୟବସ୍ଥା ମାଧ୍ୟମରେ ମାମଲା ପଞ୍ଜୀକରଣ ଓ ସୂଚନା ଆଦାନ-ପ୍ରଦାନ ଅଧିକ ଦ୍ରୁତ ଏବଂ ସୁବ୍ୟବସ୍ଥିତ ହେବ। ଅଭିଯୋଗକାରୀମାନେ ମଧ୍ୟ ନିଜ ମାମଲାର ଅଗ୍ରଗତି ସମ୍ପର୍କରେ ସହଜରେ ସୂଚନା ପାଇପାରିବେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ କହିଥିଲେ, "ସାଇବର ଅପରାଧର ମୁକାବିଲା ପାଇଁ ଆଧୁନିକ ପ୍ରଯୁକ୍ତିର ସର୍ବାଧିକ ବ୍ୟବହାର କରି ନାଗରିକଙ୍କୁ ତ୍ୱରିତ, ସ୍ୱଚ୍ଛ ଓ ଜନକଲ୍ୟାଣମୂଳକ ପୋଲିସ ସେବା ପ୍ରଦାନ କରିବାକୁ ଓଡ଼ିଶା ପୋଲିସ ପ୍ରତିବଦ୍ଧ।' ସେ ସାଧାରଣ ଲୋକଙ୍କୁ ଅନୁରୋଧ କରିଥିଲେ ଯେ, ସାଇବର ଆର୍ଥିକ ଠକେଇର ଶିକାର ହେଲେ ବିଳମ୍ବ ନ କରି ତୁରନ୍ତ ୧୯୩୦ରେ ଅଭିଯୋଗ କରନ୍ତୁ। ଶୀଘ୍ର ଅଭିଯୋଗ କଲେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇପାରିବ ଏବଂ ଠକେଇ ହୋଇଥିବା ଅର୍ଥ ଫେରିପାଇବାର ସମ୍ଭାବନା ମଧ୍ୟ ବଢ଼ିବ। ଡିଜିପି ଏହି ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ପାଇଁ ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ, ଅପରାଧ ଶାଖା ଓ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। 'ଇ-ଜିରୋ ଏଫ୍ଆଇଆର' ବ୍ୟବସ୍ଥା ଓଡ଼ିଶା ପୋଲିସର ପ୍ରଯୁକ୍ତିନିର୍ଭର, ଆଧୁନିକ ଓ ଦକ୍ଷ ପୋଲିସିଂ ବ୍ୟବସ୍ଥା ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ସାଇବର ଅପରାଧର ମୁକାବିଲା ସହ ପୀଡ଼ିତଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନରେ ସହାୟକ ହେବ।

## ରଥଯାତ୍ରା ଉପରେ ସାଇବର ଲୁଟେରାଙ୍କ ନଜର: ସତର୍କ କରାଇଲେ କ୍ରାଇମବ୍ରାଞ୍ଚ ଡିଜି

କଟକ(ନିପ୍ର): ରଥଯାତ୍ରାକୁ ଆଖି ଆଗରେ ରଖି ଶ୍ରଦ୍ଧାଳୁଙ୍କୁ ସତର୍କ କରାଇଲେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର । ସାଇବର ଲୁଟେରାଙ୍କ ଟାର୍ଗେଟରେ ରହିଛି ପୁରୀର ଅଧିକାଂଶ ହୋଟେଲ । ନକଲି ୱେବସାଇଟ କରି ଶ୍ରଦ୍ଧାଳୁଙ୍କ ଟଙ୍କା ହଡ଼ପ କରିବା ପାଇଁ କରିଛନ୍ତି ନକଲି ୱେବ୍ ସାଇଟ୍। ଏପର୍ଯ୍ୟନ୍ତ ୨୧୨ରୁ ଅଧିକ ନକଲି ୱେବ୍ ସାଇଟ୍ ଏବଂ ୨୬ରୁ ଅଧିକ ନକଲି ୱେବ ପେଜକୁ ଅଚଳ କରିଛି କ୍ରାଇମବ୍ରାଞ୍ଚ । କେବଳ ଜୁନ ମାସରେ ୫୦ରୁ ଅଧିକ ନକଲି ୱେବ୍ ସାଇଟ୍ ଏବଂ ୨୬ଟି ୱେବ୍ ପେଜ୍‌କୁ ବ୍ଲକ କରାଯାଇଛି । ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସୁଥିବାରୁ ସାଇବର ଲୁଟେରାମାନେ ଏହି ଲୁଟ୍ ପାଇଁ ଜାଲ ବିଛାଇଛନ୍ତି । ଏହି ଜାଲ୍ ୱେବ୍ ସାଇଟ୍ ଦେଶ ତଥା ବିଦେଶରୁ ତିଆରି ହେବା ସହ ହୋଷ୍ଟିଂ ହେଉଛି । ରଥଯାତ୍ରା ଦର୍ଶନ ଲାଗି ଆସୁଥିବା ଶ୍ରଦ୍ଧାଳୁ ହୋଟେଲ ବୁକ୍ କରିବା ବେଳେ କଡା ଯାଞ୍ଚ୍ କରି ହୋଟେଲ ବୁକିଂ କରିବାକୁ ପରାମର୍ଶ ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର। ରାଜସ୍ଥାନ, ମୁମ୍ବାଇ, ଗୁଜରାଟ, ଜାମତାରା, କେରଳ, ତାମିଲନାଡୁ ଓ ଦିଲ୍ଲୀ ଭଳି ସ୍ଥାନରୁ ସାଇବର ଲୁଟେରା ମାନେ ପୁରୀ ହୋଟେଲ ନାଁରେ ଫେକ୍ ୱେବ୍ ସାଇଟ୍ ? କରି ଲୁଟ୍ କରିବାକୁ ଯୋଜନା କରିଛନ୍ତି ।

## ‘ଅଧା କରାଯିବ ରଥଯାତ୍ରା କର୍ଡନ ପାସ୍’

ଭୁବନେଶ୍ୱର,୮/୭: ଆଗାମୀ ଜଗନ୍ନାଥ ରଥଯାତ୍ରା ସମୟରେ ଭିଡ଼ ପରିଚାଳନାରେ ଉନ୍ନତି ଆଣିବା ଏବଂ ଯେକୌଣସି ଅପ୍ରୀତିକର ଘଟଣା ରୋକିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ରାଜ୍ୟ ସରକାର ଚଳିତ ବର୍ଷ ଭିଆଇପି ଏବଂ ଭିଭିଆଇପି ରଥ କର୍ଡନ ପାସ୍ ସଂଖ୍ୟାକୁ ଅଧା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅନୁଯାୟୀ, ରଥ କ୍ଷେତ୍ର ପାଇଁ ଯାନବାହନ ପାସ୍ ମଧ୍ୟ ଗତ ବର୍ଷର ସଂଖ୍ୟା ତୁଳନାରେ ଅଧା ହ୍ରାସ ପାଇବ। ଏହି ନିଷ୍ପତ୍ତି ରଥ ଚାରିପାଖରେ ଭିଆଇପି ଗତିବିଧିକୁ ଯଥେଷ୍ଟ ହ୍ରାସ କରିବ। ପୂର୍ବ ବର୍ଷ ତୁଳନାରେ ପାସ୍ ସଂଖ୍ୟା ଅଧା ହ୍ରାସ ପାଇଛି, ଯାହା କିଛି ପରିମାଣରେ ଭିଡ଼ ନିୟନ୍ତ୍ରଣ ସହଜ କରିବ।

## ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୮/୭(ନିପ୍ର): ଲୋକସେବା ଭବନ ସ୍ଥିତ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସମ୍ମିଳନୀ କକ୍ଷରେ ନର୍ସିଂ କଲେଜ ପ୍ରତିଷ୍ଠା ଏବଂ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଛି । ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଉଚ୍ଚମାନର ନର୍ସିଂ ଶିକ୍ଷା ବ୍ୟବସ୍ଥା ଗଢ଼ି ତୋଳିବା ପାଇଁ ସମସ୍ତ ଅନୁଷ୍ଠାନରେ ନିର୍ଦ୍ଧାରିତ ମାନଦଣ୍ଡର କଡ଼ାକଡ଼ି ପାଳନ ଅତ୍ୟନ୍ତ ଆବଶ୍ୟକ। ଶିକ୍ଷାର ଗୁଣବତ୍ତା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ପ୍ରଶିକ୍ଷଣର ମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କୌଣସି ପ୍ରକାରର ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ। ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ ସେମାନଙ୍କ ଜିଲ୍ଲାର ସମସ୍ତ ବେସରକାରୀ ନର୍ସିଂ ଶିକ୍ଷାନୁଷ୍ଠାନର ନିରପେକ୍ଷ ଏବଂ ବ୍ୟାପକ ଯାଞ୍ଚ ଶୀଘ୍ର ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବିଜ୍ଞପ୍ତି ଅନୁଯାୟୀ ଗଠିତ ଜିଲ୍ଲାସ୍ତରୀୟ ଯାଞ୍ଚ ଦଳ ମାଧ୍ୟମରେ ଏହି ଯାଞ୍ଚ କରାଯିବ।

## ଯୁକ୍ତ-୩ ନାମଲେଖା : ସଂଶୋଧିତ ସୂଚୀ ଜାରି

ଭୁବନେଶ୍ୱର, ୮/୭: ଯୁକ୍ତ-୩ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସଂଶୋଧିତ ସମୟସୂଚୀ ଜାରି କରାଯାଇଛି। କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ନାମଲେଖା ନେଇ ସରକାରଙ୍କ ଘୋଷଣା ପରେ ଏହି ପରିବର୍ତ୍ତିତ ସୂଚୀ ପ୍ରକାଶ ପାଇଛି। ସଂଶୋଧିତ ସୂଚୀ ଅନୁସାରେ, ଯେଉଁ ଛାତ୍ରଛାତ୍ରୀମାନେ ଯୁକ୍ତ-୩ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ସାମିଲ ହୋଇଥିଲେ, ସେମାନଙ୍କୁ ପୁଣି ଚଏସ୍ ଫିଲିଂ କରିବାର ସୁଯୋଗ ଦିଆଯାଇଛି। ଏହି ସୁଯୋଗ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ।ଛାତ୍ରଛାତ୍ରୀମାନେ ଓଟିପି ଭେରିଫିକେସନ୍ ମାଧ୍ୟମରେ ସଂଶୋଧିତ ଚଏସ୍ ଫିଲିଂ ସୁବିଧାର ବ୍ୟବହାର କରିପାରିବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ, ନାମଲେଖା ସମ୍ପର୍କିତ ସମସ୍ତ ସୂଚନା ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ ମାଧ୍ୟମରେ ପାଇପାରିବେ। ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, କେବଳ ଯେଉଁମାନେ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟାରେ ଆବେଦନ କରିଥିଲେ, ସେମାନେ ଏହି ସଂଶୋଧିତ ସୁଯୋଗର ଲାଭ ନେଇପାରିବେ। ପରେ ଯୁକ୍ତ-୩ ନାମଲେଖାର ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ଜୁଲାଇ ୨୦ ତାରିଖରେ ପ୍ରକାଶ ପାଇବ। ଛାତ୍ରଛାତ୍ରୀମାନଙ୍କୁ ସମୟସୀମା ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ପିଏମ୍-ସୂର୍ଯ୍ୟ ଘରକୁ ପିଏମ୍-ଆବାସ ଯୋଜନା ସହ ସଂଯୋଜନ କରାଯିବ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୮/୭(ନିପ୍ର): ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ, ବିଶାଳ କୁମାର ଦେବ ଓପିଟିସିଏଲ୍‌ର ସିଏମଡି ଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ୍‌ଏନ୍ ଗିରିଶ ଏବଂ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଘୋଷଣା କରିଛନ୍ତି ଯେ ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ। ଏହା ସେମାନଙ୍କ ଇଚ୍ଛାଧୀନ ରହିବ। ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ୍ୟ ସୌର ଶକ୍ତିର ସୁବିଧା ପାଇପାରନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ୍ୟ ହ୍ରାସ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି। ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋ ୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦୦୦୦ ଟଙ୍କା ଏବଂ ରାଜ୍ୟରୁ ୨୫୦୦୦ ଟଙ୍କା ସବସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଡିସ୍କମ୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହା ଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ ନାହିଁ।

● ୧୦ରେ ଚନ୍ଦ୍ରଶେଖରପୁର ସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟରେ..

# ରକ୍ଷା ପେନସନ୍ ସମାଧାନ ଆୟୋଜନ

ଭୁବନେଶ୍ୱର, ୮/୭(ପିଆଇବି): ପ୍ରତିରକ୍ଷା ଆକାଉଣ୍ଟସ୍ (ପେନସନ୍)ର ପ୍ରମୁଖ ନିୟନ୍ତ୍ରକ କାର୍ଯ୍ୟାଳୟ, ପ୍ରୟାଗରାଜ, ପକ୍ଷରୁ ୧୦ ଜୁଲାଇ, ୨୦୨୬ରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟ, ରେଳ ସଦନ ଅଡିଟୋରିୟମରେ ଛତିଶଗଡ଼ ଏବଂ ଓଡ଼ିଶା ଉପକ୍ଷେତ୍ର,ଷ୍ଟେସନ ମୁଖ୍ୟାଳୟ, ଭୁବନେଶ୍ୱର ଏବଂ ରାଜ୍ୟ ସୈନିକ ବୋର୍ଡ, ଓଡ଼ିଶା, ଭୁବନେଶ୍ୱର ତତ୍ତ୍ୱାବଧାନରେ ଏକ ରକ୍ଷା ପେନସନ୍ ସମାଧାନ ଆୟୋଜନ ଅନୁଷ୍ଠିତ ହେବ । ରାଜ୍ୟରେ ରହୁଥିବା ପ୍ରତିରକ୍ଷା ପେନସନଭୋଗୀ ମାନଙ୍କର, ପେନସନ୍ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତିରକ୍ଷା ପେନସନ ଭୋଗୀ/ବ୍ୟକ୍ତି ବିଶେଷଙ୍କୁ ଆରପିଏସଏସ ମୁଖରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି । ପେନସନଭୋଗୀ ମାନେ ସେମାନଙ୍କର ନାମ, ପଦବୀ ଗୋଷ୍ଠୀ, ରେଜିମେଣ୍ଟାଲ୍ / ଆଇସି ନମ୍ବର, ପିପିଓ ନମ୍ବର, ବ୍ୟାଙ୍କ ଟ୍ରେଜେରୀର ବିବରଣୀ, ୟୁନିଟ୍ / ରେକର୍ଡ ଅଫିସ୍ / ମୁଖ୍ୟ କାର୍ଯ୍ୟାଳୟର ନାମ ଏବଂ ଠିକଣା, ନିର୍ଦ୍ଦିଷ୍ଟ ଅଭିଯୋଗ, ଡିସଚାର୍ଜ ତାରିଖ ଏବଂ ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଆଇଡି ଏବଂ ପିନ୍ କୋଡ୍ ସହିତ ସେମାନଙ୍କର ଠିକଣା ଉଲ୍ଲେଖ କରିବା ଉଚିତ।



# ଜାତୀୟ ରଗ୍‌ବିରେ ଓଡ଼ିଶା ଚାମ୍ପିଅନ



ଭଦ୍ରକ, ୮/୭(ନିପ୍ର): ଜାତୀୟ ୧୮ ବର୍ଷରୁ କମ୍ ବାଳିକା ରଗବି ଫୁଟବଲ ପ୍ରତିଯୋଗିତାରେ ଓଡ଼ିଶା ଦଳ ଚାମ୍ପିଅନ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛି। ଫାଇନାଲ ମୁକାବିଲାରେ ଶକ୍ତିଶାଳୀ କର୍ଣ୍ଣାଟକ ଦଳକୁ ପରାସ୍ତ କରି ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଦଳର ସଦସ୍ୟା ତଥା ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ପଧାନୀ ପଂଚାୟତ କଂଟିଦୋଳ ଗ୍ରାମର ଝିଅ ସ୍ୱପ୍ନାରାଣୀ ବେହେରାଙ୍କ ଏହି ସଫଳତାକୁ ନେଇ ସମଗ୍ର ଧାମନଗର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କ ସଫଳତା କେବଳ ପରିବାର କିମ୍ବା ଜିଲ୍ଲା ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ପାଲଟିଛି। କୃଷକ ପରିବାରରେ ଜନ୍ମିତ ସ୍ୱପ୍ନାରାଣୀଙ୍କ ବାପା ଜଣେ ପରିଶ୍ରମୀ କୃଷକ ଏବଂ ମା’ ଗୃହିଣୀ। ସୀମିତ ଆର୍ଥିକ ସାମର୍ଥ୍ୟ ସତ୍ତ୍ୱେ ମାତା-ପିତା ସବୁବେଳେ ଝିଅର ଖେଳ ପ୍ରତିଭାକୁ ଚିହ୍ନଟ କରି ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହନ ଦେଇଆସିଥିଲେ। ନିୟମିତ ଅଭ୍ୟାସ, କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନ ବଳରେ ସେ ରାଜ୍ୟ ଦଳରେ ସ୍ଥାନ ପାଇବା ସହ ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଓଡ଼ିଶାକୁ ଚାମ୍ପିଅନ କରାଇବାରେ ନିଜର ଭୂମିକା ନିର୍ବାହ କରିଛନ୍ତି। ସ୍ୱପ୍ନାରାଣୀଙ୍କ ଏହି ସଫଳତା ପରେ କଂଟିଦୋଳ ଗ୍ରାମ ସମେତ ଧାମନଗର ଅଂଚଳରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି।

# ତିନିରଥର ୩୦ ରଥମୋଡ଼ ଚକଫାଳି ନିର୍ମାଣ ଶେଷ



ପୁରୀ, ୮/୭(ନିପ୍ର): ଆଷାଢ଼ ମାସ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୂଢ଼ ହୋଇ ବଡଦାଣ୍ଡରେ ଘର ଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଂଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ବୁଧବାର ରଥ ନିର୍ମାଣର ୭୯ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଆଉ ୭ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ବୁଧବାର ତିନିରଥର ୩୦ଟି ରଥମୋଡ ଚକଫାଳି ନିର୍ମାଣ ଶେଷ ହୋଇଛି । ବିଳାସପଟି, ଚିକ୍କଣ ଫୁଲ, ଡାଳିଲତା ପକା ଓ ପୋଲ ଚାଦର ସିଲାଇ ଜାରୀ ରହିଛି । ମଙ୍ଗଳବାର ସୁଦ୍ଧା ତିନିରଥରେ ରଙ୍ଗ କାର୍ଯ୍ୟ ଶେଷ ହୋଇଥିବା ୩୨ ଗୋଟି କନ୍ୟା ପଟା ବାଡ଼ିଆ ଯିବା ସହ ପ୍ରଭାରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ଅଂଶ ଏବଂ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ ଜାରୀ ରହିଥିଲା । ଆଜି ତିନିରଥର ମହାରଣା ସେବକ ମାନେ ୧୦ ଟି ଲେଖାଏଁ ରଥ ମୋଡ ଚକ ଫାଳି ନିର୍ମାଣ ଶେଷ କରିଛନ୍ତି। ରଥ ଗଡି ଦିଗ ହରା ହେଲେ ରଥକୁ ଦିଗ ଦିଆଯିବା ପାଇଁ ଚକ ମୋଡ ଫାଳୀର ବିଶେଷ ଆବଶ୍ୟକତା ପଡ଼ିଥାଏ। ଦିଗ ହରା ରଥକୁ ଦିଗ ଦେବା ପାଇଁ ରଥଟଣା ମାର୍ଗଦର୍ଶକଙ୍କ ନିର୍ଦ୍ଦେଶ ପ୍ରକାରେ ଭୋଇ ସେବକ ମାନେ ଏହି ମୋଡା ଚକ ଫାଳୀ କୁ ଉପଯୋଗ କରି ରଥକୁ ଦିଗ ଦେଇଥାନ୍ତି। ମହାରଣା ସେବକମାନେ ତିନିରଥର ବେଦୀ ସିଂହାସନ ରେ ବିଜେ ଚକା ସ୍ଥାପନ ପୂର୍ବରୁ ବେଦୀ ପରିସରକୁ ରଞ୍ଜା ମାରି ସଫା କାର୍ଯ୍ୟ ଶେଷ କରିଛନ୍ତି।

● ନାଲକୋ-ଏନଏଲସି ଇଣ୍ଡିଆ ମଧ୍ୟରେ ଚୁକ୍ତିନାମା

# ପ୍ରତିଷ୍ଠା ହେବ ୧୦୮୦ ମେଗାୱାଟ ପାୱାର ପ୍ଲାଣ୍ଟ



ନୂଆଦିଲ୍ଲୀ /ଭୁବନେଶ୍ୱର, ୮/୭: ଓଡ଼ିଶାର ଅନୁଗୋଳ ଠାରେ ୧୦୮୦ ମେଗାୱାଟ ଥର୍ମାଲ୍ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ଏବଂ ଏନଏଲସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ମିଳିତ ଉଦ୍ୟମ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀଠାରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ (ଅତିରିକ୍ତ ଦାୟିତ୍ୱ) ସନୋଜ କୁମାର ଝା, ଭା.ପ୍ର.ସେ, ନାଲକୋର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିବେକ କୁମାର ବାଜପେୟୀ, ନାଲକୋର ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ବିତ୍ତ) ଅଭୟ କୁମାର ବେହୁରିଆ,ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ (ବିତ୍ତ) ଡ଼. ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ସହ ଖଣି ତଥା କୋଇଲା ମନ୍ତ୍ରଣାଳୟ ଏବଂ ଉଭୟ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ମିଳିତ ଉଦ୍ୟମ କମ୍ପାନୀ ଆଇନ, ୨୦୧୩ ଅନୁଯାୟୀ ପଞ୍ଜିକୃତ ହେବ ଏବଂ ଏହାର ପଞ୍ଜିକୃତ କାର୍ଯ୍ୟାଳୟ ଚେନ୍ନାଇରେ ତଥା କର୍ପୋରେଟ୍ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବ ।

# ବେଆଇନ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିବା ଅଭିଯୋଗରେ ୫ ଗିରଫ

**ହିଞ୍ଜିଳିକାଟୁ, ୮/୭(ନିପ୍ର):** ପାହାଡରୁ ପଥର ବ୍ଲାଷ୍ଟିଂ ସକାଶେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିବା ଅଭିଯୋଗରେ ହିଞ୍ଜିଳି ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ କନିସି ଥାନା ନୂଆଁଗାଁର ଭଗବାନ ନାୟକ (୫୫), ଶେରଗଡ ଥାନା ମହୁରୀକଣା ଗ୍ରାମର ପିଣ୍ଟୁ ନାୟକ (୨୫), ଦର୍ଜି ମହାନ୍ତି (୪୦), ବିପ୍ର ନାୟକ (୪୦) ଓ ଚନ୍ଦନ ମହାନ୍ତି (୨୭) । ଗିରଫ ଯୁବକ ମାନଙ୍କ ଠାରୁ ପଥର ବ୍ଲାଷ୍ଟିଙ୍ଗ ସକାଶେ ବ୍ୟବହୃତ ୨୯୯ ଟି ଜିଲୋଟିନ୍ ଷ୍ଟିକ୍, ତମ୍ବା ତାର ୧ ବଣ୍ଡଲ, ୩ଟି ଡ୍ରିଲିଙ୍ଗ ମେସିନ ଓ ୫୧ କିଲୋଗ୍ରାମ ଏମୋନିଆ ନାଇଟ୍ରେଟ୍ ପାଉଡରକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୪୬୫/୨୬ ରେ ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଏସଆଇ ରଶ୍ମିରଞ୍ଜନ ସାମଲଙ୍କ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଥର କ୍ୱାରୀରୁ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ସହାୟତାରେ ପଥର ବ୍ଲାଷ୍ଟିଙ୍ଗ କରାଯିବା ସହ ବେଆଇନ ଭାବେ ପଥର ଚୋରା ଚାଲାଣ କରାଯାଇଥିବା ଅଭିଯୋଗ ହୋଇ ଆସୁଥିଲା। ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିସ୍ ବିସି ଘଟଣାର ତତ୍ପରତା ପ୍ରକାଶ କରି ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରି ଗିରଫ କରିବା ସହ ବେଆଇନ ଭାବେ ଗଛିତ ବିସ୍ଫୋରକ ସାମଗ୍ରୀ ଜବତ କରିବା ପାଇଁ ଗଞ୍ଜାମ ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାତିରେ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଶେରଗଡ ବ୍ଲକ ତଥା ହିଞ୍ଜିଳି ଥାନା ବୋଦାଲୁଣ୍ଡି ପଥରକ୍ୱାରୀ ଉପରେ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ପାହାଡରୁ ପଥର ବ୍ଲାଷ୍ଟିଙ୍ଗ ସକାଶେ ଗଛିତ ରଖାଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଯଥା ୨୯୯ ଟି ଜିଲୋଟିନ୍ ଷ୍ଟିକ୍, ତମ୍ବା ତାର ୧ ବଣ୍ଡଲ, ୩ଟି ଡ୍ରିଲିଙ୍ଗ ମେସିନ ଓ ୫୧ କିଲୋଗ୍ରାମ ଏମୋନିଆ ନାଇଟ୍ରେଟ୍ ପାଉଡରକୁ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଥିଲା।

# ଶ୍ରୀମନ୍ଦିର ନିକଟରେ ଅପରେସନ ଚକ୍ରବ୍ୟୁହ

ପୁରୀ, ୮/୭(ନିପ୍ର): ତଇନାତ ଥିଲେ ଦୁଇଟି ସ୍ନାଇପର ଟିମ୍ ସହ ୪ ଟି ଭାଗରେ ବିଭକ୍ତ ହୋଇ ‘ଏସଟିଯୁ’ର କମାଣ୍ଡୋ ।ଏଥିସହ ଅଗ୍ନିଶମ ବିଭାଗର ଲ୍ୟାଡର କେ-୯ ସନ୍ଧାନୀ କୁକୁର,ବୋମା ନିଷ୍କ୍ରିୟକାରୀ ଦଳ ।ହଠାତ୍ ରଥଯାତ୍ରା ଗହଳି ଭିତରେ ଦୁଇ ଜଣ ଆତଙ୍କବାଦୀ ବନ୍ଧୁକ ଧରି ଅତର୍କିତ ଭାବେ ଗୁଳିଚାଳନା କରିବା ସହ ଅନେକ ଶ୍ରଦ୍ଧାଳୁଙ୍କୁ ପଣବନ୍ଦୀ କରି ଏକ ସୁଉଚ୍ଚ ବିଲ୍ଡିଙ୍ଗରେ ଆତ୍ମଗୋପନ କରିଥିଲେ ।ଏହି ଖବର ପାଇ ପ୍ରଥମେ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲା ।ଏହା ଏକ ଚ୍ୟାଲେଞ୍ଜିଙ୍ଗ ଅପରେସନ ଥିବାରୁ ଅତି ସତର୍କତାର ସହ ଅଗ୍ନିଶମ ବିଭାଗର ସୁଉଚ୍ଚ ଲ୍ୟାଡର୍ ଯୋଗେ କୋଠାକୁ ଯାଇଥିଲେ ଏସଟିୟୁର କମାଣ୍ଡୋ ।ଆଉ ଦୁଇଟି ଟିମ୍ ରଶି ସହାୟତାରେ ଛାତ ତଳକୁ ଆସି ଜଗି ରହିଥିଲେ। ସେମାନଙ୍କୁ ବ୍ୟାକ ଅପ ଦେବା ପାଇଁ ୪ ଟି ହିଟ୍ ଟିମ୍ ପ୍ରବେଶ କରିଥିଲେ । ଶ୍ରୀମନ୍ଦିର ନିକଟ ବାଗେଡିଆ ଧର୍ମଶାଳାରେ ଆତଙ୍କବାଦୀ ଆତ୍ମଗୋପନ କରିଥିଲେ। ଅତ୍ୟାଧୁନିକ ରୋବଟ ସାହାଯ୍ୟରେ ପ୍ରଥମେ ଆତଙ୍କବାଦୀଙ୍କ ଲୋକେସନ ଠାବ କରାଯାଇଥିଲା। ଆତଙ୍କବାଦୀ କବଜାରେ ଥିବା ଶ୍ରଦ୍ଧାଳୁଙ୍କୁ ପ୍ରଥମେ ସତର୍କତାର ସହ କମାଣ୍ଡୋ ମାନେ ଉଦ୍ଧାର କରିଥିଲେ। ଆତଙ୍କବାଦୀଙ୍କ ଗୁଳି ମାଡ଼ରେ ଆହତ ହୋଇଥିବା ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଯାଇଥିଲା। ପରେ ଅପରେସନ ଚକ୍ରବ୍ୟୁହ ମାଧ୍ୟମରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବ୍ୟବହିତ ପୂର୍ବରୁ ଗତକାଲି ପରି ଆଜି ପୁରୀରେ ମକଡ୍ରିଲ କରାଯାଇଥିଲା।

● ମତ୍ସ୍ୟଚାଷ ଓ ଆକ୍ୱାକଲଚର ଯୋଜନାର ସମୀକ୍ଷା

# ରପ୍ତାନି ବୃଦ୍ଧି ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ

ଭୁବନେଶ୍ୱର, ୮/୭(ନିପ୍ର): ଓଡ଼ିଶାରେ ମତ୍ସ୍ୟଚାଷ ଓ ଆକ୍ୱାକଲଚର କ୍ଷେତ୍ରର ବିକାଶ ନେଇ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଗୋପାଳନ ମନ୍ତ୍ରୀ ଲଲନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ର ମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂହ ବଘେଲ ଏବଂ ଓଡ଼ିଶାର ମତ୍ସ୍ୟ, ପଶୁପାଳନ ବିକାଶ ଓ ଏମଏଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ। ଏହି ବୈଠକରେ ମତ୍ସ୍ୟଚାଷ କ୍ଷେତ୍ର ସମ୍ପର୍କିତ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସ୍ଥିତି ନେଇ ଆଲୋଚନା କରାଯାଇଛି ।କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇ କହିଛନ୍ତି ଯେ, ବୈଠକରେ ମତ୍ସ୍ୟଚାଷ କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା ଏବଂ ଓଡ଼ିଶାରେ ସେଗୁଡ଼ିକର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଛି। ସେ କହିଛନ୍ତି ଯେ, ଡବଲ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଗ୍ରାମୀଣ ଅଞ୍ଚଳର ମାଛ ଉତ୍ପାଦକୁ ଦେଶ ଓ ବିଦେଶର ବଜାରରେ ପହଞ୍ଚାଇବା ସହ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହାସହ ରାଜ୍ୟରେ ଡିପ ସି ଫିସିଂ ପଲିସିର ବିକାଶ, ଯୁବବର୍ଗ ଓ ଷ୍ଟାର୍ଟଅପ୍ମାନଙ୍କୁ ଆର୍ଥିକ ସହାୟତା ଏବଂ ଋଣ ସୁବିଧା ଯୋଗାଇ ଦେବା ଉପରେ ମଧ୍ୟ ଆଲୋଚନା ହୋଇଥିବା ସେ କହିଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar affidavit no.116 dtd.07.07.2026, I Supriya Jena W/o- M.Gobinda Rao, Plot No.180, Sikharchandi Nagar, Po-Kiit, Ps- Infocity, Bhubaneswar, Khordha, Odisha-751024 do hereby declare that, I have changed my name from M.Supriya to Supriya Jena. Henceforth I shall be known as Supriya Jena for all purposes.

**Sd/-Supriya Jena**

# ୟୁଟ୍ୟୁବର୍‌ଙ୍କ ଗଞ୍ଜେଇ କାରବାର; ଫସିଗଲେ ଦୋକାନୀ



**ରେଢ଼ାଖୋଲ, ୮/୭(ନିପ୍ର):** ୟୁଟୁବରଙ୍କ କଳା କାରନାମା । ଓଡ଼ିଶାରୁ ମହାରାଷ୍ଟ୍ରକୁ ଲମ୍ବିଛି ତାଙ୍କ କଳାକାରନାମାର ଚେର । ସମ୍ବଲପୁର ଜିଲ୍ଲା ରେଢାଖୋଲ ଉପଖଣ୍ଡର ଜଣେ ଜଣାଶୁଣା ୟୁଟୁବର ଅଶ୍ୱିନୀ ସାହୁ (ବାପି) ଯାହାଙ୍କ ୟୁଟ୍ୟୁବରେ ବହୁ ଚ୍ୟାନେଲ ଖୋଲି ଜଣେ ପ୍ରତିଷ୍ଠିତ ୟୁଟ୍ୟୁବର ଭାବେ ବାପି ଓ ତାଙ୍କ ସ୍ତ୍ରୀ ବେସ ପରିଚିତ । ହେଲେ ପରଦା ପଛରେ କାହାଣି ଟିକେ ଅଲଗା ବାପି ଜଣେ ୟୁଟୁବର ହେଲେ ମଧ୍ୟ ସେ ଗଞ୍ଜେଇ ଚୋରା କାରବାରରେ ଓଡ଼ିଶାରୁ ମହାରାଷ୍ଟ୍ର ପର୍ଯ୍ୟନ୍ତ ଚେର ଲମ୍ବିଥିବା ଜଣାପଡିଛି। ଏନେଇ ବାପିଙ୍କ ନାମରେ ଅଭିଯୋଗ ଆଣିଛନ୍ତି ରେଢ଼ାଖୋଲ ସାଲେସିଂ ଅଞ୍ଚଳର ଜଣେ ସିମ୍ କାର୍ଡ ବେପାରି । ସୂଚନାଯୋଗ୍ୟ ଯେ ଗତ କିଛି ମାସ ପୂର୍ବରୁ ବାହାର ରାଜ୍ୟ ମହାରାଷ୍ଟ୍ରକୁ ଗଞ୍ଜେଇ ରପ୍ତାନି କରୁଥିବା ବେଳେ ଧରାପଡିଥିଲା ଗଞ୍ଜେଇ ଗାଡ଼ି ସହ ଚାଳକ। ଏହି ଚୋରାଚାଲାଣ ପଛରେ ମୁଖ୍ୟ ଆସାମୀ ୟୁଟୁବର ବାପିଙ୍କ ହାତ ଥିବା କୌଣସି ସୁତ୍ରରୁ ମହାରାଷ୍ଟ୍ର ପୋଲିସ ଜାଣିବାକୁ ପାଇଥିଲା । ଘଟଣା ପରେ ଫେରାର ରହିଥିଲେ ୟୁଟୁବର । ସେହି ଟ୍ରକ ଚାଳକଠାରୁ ୧୦୫ କେଜି ଗଞ୍ଜେଇ ଘଟଣା ସ୍ଥଳରୁ ଜବତ ହୋଇଥିବା ଜଣାପଡ଼ିଥିବା ବେଳେ ବ୍ୟବହୃତ ସିମ୍ କାର୍ଡ, ମୋବାଇଲ ସହ ଏମଏଚ୧୪ବିଏଲ୍ ୪୪୪୫ ନଂ ବିଶିଷ୍ଟ ଏକ ଟ୍ରକକୁ ମଧ୍ୟ ଜବତ କରିଥିଲା ମହାରାଷ୍ଟ୍ର ପୋଲିସ । ଘଟଣାର ତଦନ୍ତ ପରେ ଟ୍ରକ୍ ଚାଳକ ଚୋରାଚାଲାଣରେ ବ୍ୟବହୃତ ମୋବାଇଲ ନମ୍ବରଟି ଗଞ୍ଜେଇ ମାଫିଆ ଅଭିଯୁକ୍ତ ଅଶ୍ୱିନୀ ସାହୁ ଓରଫ୍ ବାପି ଦେଇଥିବା ନମ୍ବର ବୋଲି କହିଥିଲା। ପରେ ସିମ୍ କାହାର ଓ ବାପିକୁ ଧରିବାକୁ ମହାରାଷ୍ଟ୍ର ପୋଲିସ ଓଡିଶାର ରେଢ଼ାଖୋଲ ଅଞ୍ଚଳରେ ପହଞ୍ଚି ଥିଲା। ପରେ ବାପିକୁ ନ ପାଇ ସିମ୍ କାର୍ଡ ବିକିଥିବା ଦୋକାନୀ ଅରୁଣ ମେହେରକୁ ପଚରା ଉଚୁରା କରିବା ବାହାନାରେ ଉଠାଇ ନେଲା ପୋଲିସ ମହାରାଷ୍ଟ୍ର ପୋଲିସ ଗିରଫ କରି ମିଛ କେସ୍‌ରେ ଫସାଇ କୋର୍ଟଚାଲାଣ କରିଥିବା ବେଳେ ସେ ହାଜତରେ ଥିବା କହିଛନ୍ତି ସ୍ତ୍ରୀ ନିରୁପମା । ଅନ୍ୟପଟେ ମୁଖ୍ୟ ଆସାମୀ ଅଶ୍ୱିନୀ ସାହୁ (ବାପି )ଙ୍କୁ ଧରିବା ପାଇଁ ରେଢ଼ାଖୋଲ ଥାନା ଅଞ୍ଚଳରେ ମହାରାଷ୍ଟ୍ର ପୋଲିସ ଦୀର୍ଘଦିନ ଡେରା ପକାଇ ଜାଲ ବିଛାଇ ଗତ ୭ତାରିଖ ଅଧା ରାତିରୁ ଗିରଫ କରି ରେଢ଼ାଖୋଲ ଥାନାରେ ପାଖାପାଖି ଦୀର୍ଘ ସମୟ ଅଟକ ରଖି ପଚାର ଉଚୁରା କରୁଥିଲା ପୋଲିସ । ଅନ୍ୟପଟେ ପୋଲିସ ଭିତରୁ ତାଲା ମାରି କାହାକୁ ଭିତରକୁ ଛାଡୁ ନଥିବା ବେଳେ କିଛି ଅଜଣା ବ୍ୟକ୍ତିଙ୍କୁ ଅହରହ ବାହାର ଭିତର କରୁଥିବା ସହ ମହାରାଷ୍ଟ୍ର ପୋଲିସ ମଧ୍ୟ ଭିତରୁ ବାହାର ହେବା ଓ ଅରୁଣଙ୍କ ସ୍ତ୍ରୀକୁ ଥାନାକୁ ଡାକିବା ସହ ବାରମ୍ବାର କଥାବାର୍ତ୍ତା ହେବା ସହ ପୋଲିସ ଓ ଅଭିଯୁକ୍ତ ମଧ୍ୟରେ ଭିତିରିଆ ମୁଲଚାଲ୍ ହେବା ପରେ ତାଙ୍କୁ ଏତେ ସମୟ ଅଟକ ରଖି କାହିଁକି ଛାଡାଗଲା ବୋଲି ପୋଲିସ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି ଅରୁଣଙ୍କ ସ୍ତ୍ରୀ ନିରୁପମା ମେହେର । ଗଞ୍ଜେଇ ମାମଲାରେ ହାଇକୋର୍ଟ ଫେରାର ରହିଥିବା ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ ସାହୁଙ୍କୁ କେସ ନମ୍ବର ୧୧୬/୨୬ ଗତ ମାସ ୧୭/୦୬/୨୬ ଅଦାଲତ ଆଗୁଆ ଜାମିନ ମଞ୍ଜୁର କରିଛନ୍ତି । ପୂର୍ବରୁ ଅନେକ ଅପରାଧିକ ମାମଲା ରହିଥିବା ବେଳେ ଗିରଫ ହେବା ସୁନିଶ୍ଚିତ ହୋଇସାରିଥିଲା।

25001/687/2627

E-Mail: eerw_gm1@yahoo.co.in

e-Despatch (for official use only) Government of Odisha — WEB : No ☐ Yes ☐ | Fax ☐ e-Mail ☐ SMS ☐ Local ☐ | RP ☐ SP ☐ OP ☐ SM ☐

OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM, BERHAMPUR
***********

Government of Odisha e-Procurement Notice
**Bid Identification No. Online Tender // 13 // SERWDG-I // 2026-27**

Letter No. ୫୫୩୦ // RWDG-I//BAM// Date: ୦୫.୦୭.୨୬.

| | | | |
|---|---|---|---|
| 1 | Name of the Work | :: | Building Works |
| 2 | Estimated Cost | :: | Rs.8.00 Lakhs to Rs.47.15 Lakhs |
| 3 | Period of Completion | :: | As per Annexure Column No. 06. |
| 4 | Date & Time of Availability of Bid Documents in the Portal | :: | From 14.07.2026 at 11.00 AM to 29.07.2026 up to 6.00 PM |
| 5 | Last Date/ Time for Receipt of Bids in the Portal | :: | 29.07.2026 up to 6.00 PM |
| 6 | Name and Address of the Officer Inviting Bid | :: | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

OIPR 25001/25085/1/26-27/0019

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ    ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ